

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୨୬ ଜୁନ୍ ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 26 JUNE 2020

Vol.No. 30 ■ No. 159 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



SAI SADHANA SCIENCE HIGHER SECONDARY SCHOOL, UDALA

A Fully +2 Science Residential College

Dibyasingpur, Udala,

Dist: Mayurbhanj

2nd Admission is going on

SUMMER COURSE:- 2nd Batch Admission Starts from: Dt.19.03.2020 and Class Starts From:- 2nd April (Thursday)

ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।

For better development of students are taught by highly and well experienced faculties.

Contact No:

9437294587, 9438232419, 9437443950, 9937557158,9438317887

S d- P.C Bindhani

Chairman


# ଭିସି ଯୋଗେ ପାରାଦୀପରେ ଇଣ୍ଡିଆନ ଅଏଲର ଉତ୍ପାଦ ପ୍ରୟୋଗ ଓ ବିକାଶ କେନ୍ଦ୍ରର ଉଦ୍‌ଘାଟନ

## ରାଜ୍ୟର ଶିଳ୍ପାୟନରେ ଯୁବକଙ୍କ ଆକାଂକ୍ଷାକୁ ପୂରଣ କରୁଛି ମୋଦିଙ୍କ ପୂର୍ବୋଦୟ ନୀତି : ଧର୍ମେନ୍ଦ୍ର

ଭୁବନେଶ୍ୱର,୨୫।୬ (ନି.ପ୍ର): କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଭିଡିଓ କନଫରେନ୍ସିଂ ଜରିଆରେ ମିଳିତ ଭାବେ ପାରାଦୀପ ଠାରେ ଇଣ୍ଡିଆନ ଅଏଲର ଉତ୍ପାଦ ପ୍ରୟୋଗ ଓ ବିକାଶ କେନ୍ଦ୍ର (ପିଏଡିସି)ର ଉଦ୍‌ଘାଟନ କରିଛନ୍ତି । ପିଏଡିସି ଓଡିଶା ଏବଂ ପୂର୍ବ ଭାରତରେ ପଲିମର ଶିଳ୍ପ ବିକାଶକୁ ପ୍ରୋତ୍ସାହନ ଦେବ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପୂର୍ବୋଦୟ ଭିଜନକୁ ସାକାର କରିବ । ଓଡିଶାର ଶିଳ୍ପାୟନରେ ରାଜ୍ୟର ଯୁବକଙ୍କ ଆକାଂକ୍ଷାକୁ ପୂରଣ କରିବାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟି ସମ୍ପନ୍ନ ନୀତି ସର୍ବଦା ସହଯୋଗ କରିଆସୁଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ସେ କହିଛନ୍ତି ଓଡିଶାର ଶିଳ୍ପାୟନ ତଥା ବିକାଶ




କରିବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ଇଣ୍ଡିଆନ ଅଏଲ ପକ୍ଷରୁ ୪୩ କୋଟି ବ୍ୟୟରେ ଏହି କେନ୍ଦ୍ରକୁ ନିର୍ମାଣ କରାଯାଇଛି । ଆାଗାମୀ ଦିନରେ ଭଦ୍ରକ ଏବଂ ଧାମରାରେ ଟେକ୍ସଟାଇଲ ଡାଉନଷ୍ଟ୍ରିମ ୟୁନିଟ୍ ପାଇଁ ପଲିଷ୍ଟର ସୂତା ଓ କପଡା ପାଇଁ ପିଏଡିସି ଏକ ବୈଷୟିକ କେନ୍ଦ୍ର ଭାବରେ କାର୍ଯ୍ୟ କରିବ । ଏହା ଜାତୀୟ ସ୍ତରର ଓ ଅନ୍ତର୍ଜାତିୟ ସ୍ତରର ସେଂଟରରେ ଓଡିଆ ପିଲାଙ୍କ ପାଇଁ ନୂଆ ବ୍ୟବସାୟ ବାତାବରଣ ସୃଷ୍ଟି କରାଯିବ । ଏହି ସେଂଟର ଓଡିଆ ଶିଳ୍ପ ଉଦ୍ୟୋଗୀ ଓ ଯୁବକମାନଙ୍କୁ ଆତ୍ମନିର୍ଭର କରିବାରେ ବଡ ପଦକ୍ଷେପ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଭାରତ ସରକାରଙ୍କ ସହଯୋଗରେ ଓଡିଶା ସରକାର ପେଟ୍ରୋକେମିକାଲ, ଇସ୍ପାତ, ଖଣି, କୋଇଲା, ଆଲୁମିନିୟମ, ପର୍ଯ୍ୟଟନ, ଟେକ୍ସଟାଇଲ, ଉଦ୍ୟୋଗୀ ତଥା ଅନ୍ୟାନ୍ୟ ଶିଳ୍ପ କ୍ଷେତ୍ରରେ ରୋଜଗାର ସୃଷ୍ଟି କରି ରାଜ୍ୟର ରାଜସ୍ୱ ବଢାଇବାର ଲକ୍ଷ୍ୟ ରଖିଛନ୍ତି । ଇଣ୍ଡିଆନ ଅଏଲ କର୍ପୋରେସନ ପାରାଦୀପରେ ୪୦ ହଜାରରୁ ଅଧିକ କୋଟି ଟଙ୍କା ପୁଞ୍ଜିନିବେଶ କରିଛି । ଇଡକୋ ଏବଂ ଆଇଓସିଏଲ ପକ୍ଷରୁ ଯୁଗ୍ମ ଭାବରେ ଏସପିଭି ଗଠନ କରାଯାଇ ପାରାଦୀପରେ ବିଶ୍ୱସ୍ତରୀୟ ପ୍ଲାଷ୍ଟିକ ପାର୍କ ନିର୍ମାଣ କରାଯାଉଛି । ଭାରତ ସରକାରଙ୍କ କେମିକାଲ ଓ ପେଟ୍ରୋକେମିକାଲ ବିଭାଗ ତରଫରୁ ଭୁବନେଶ୍ୱର ସିପେକର ଉଚ୍ଚସ୍ତରର ପ୍ରଶିକ୍ଷଣ କେନ୍ଦ୍ର ବନାଯାଇଛି । ପାରାଦୀପ, ବାଲେଶ୍ୱର, ଖୋର୍ଦ୍ଧା ବା ଓଡିଶାର ପ୍ଲାଷ୍ଟିକ ଅଂଚଳରେ ଉଦ୍ୟୋଗୀଙ୍କୁ ନିରନ୍ତର କମ ମୂଲ୍ୟରେ କଂଚାମାଲ ଦେବାର ଦାୟିତ୍ୱ ଇଣ୍ଡିଆନ ଅଏଲ ନେବ । ଓଡିଶାକୁ ଗ୍ୟାସ ଆଧାରିତ ଅଂଚଳ ଭାବେ ତିଆରି କରିବା, ତୈଳ ଭିତିଭୂମି ଅଂଚଳ ଭାବରେ ପରିଣତ କରିବା, ପେଟ୍ରୋଲିୟମ ▶▶ପୃଷ୍ଠା ୭

# ରାଜଧାନୀରେ ୧୦ଟି ହସ୍ପିଟାଲରେ ଆଜି ବିଏମସି ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳିତ ଭାବେ ଚଢ଼ଉ

ଭୁବନେଶ୍ୱର,୨୫।୬ (ନି.ପ୍ର): ପ୍ରାଇଭେଟ୍ ହସ୍ପିଟାଲ ମାନେ କୋଭିଡ଼ର ଗାଇଡ଼୍‌ଲାଇନ୍ ମାନୁ ନଥିବାରୁ କୋଭିଡ ଯୋର୍ଦ୍ଧା (ଡାକ୍ତାର, ନର୍ସ, କର୍ମଚାରୀ) ମାନଙ୍କର ଆକ୍ରାନ୍ତ ସଂଖ୍ୟା ବୃଦ୍ଧି ପାଇବାର ପରିଲକ୍ଷିତ ହେଉଛି । ଏଥିପାଇଁ ବିଏମସି ପକ୍ଷରୁ ଉଦବେଗ ପ୍ରକାଶ କରାଯାଇଛି । କମିଶନର ପ୍ରେମଚାନ୍ଦ ଚୌଧୁରୀ କ୍ଷୋଭ ପ୍ରକାଶ କରି କହିଛନ୍ତି ଯେ, ଗତକାଲି ମଂଚେଶ୍ୱର ଅଂଚଳରେ ଥିବା ବ୍ଲୁ ହୁଇଲ୍ ହସ୍ପିଟାଲକୁ ସିଲ୍ କରିଦିଆଯାଇଛି । ଏହିପରି ରାଜଧାନୀରେ ୧୦ଟି ହସ୍ପିଟାଲରେ ଆଜି ବିଏମସି ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳିତ ଭାବେ ଚଢ଼ଉ କରାଯାଇଥିଲା । ସମ୍ପୃକ୍ତ ହସ୍ପିଟାଲଗୁଡ଼ିକ କୋଭିଡ଼ର ମାର୍ଗଦର୍ଶିକା ଅବମାନନା କରିଥିବାର ସେମାନଙ୍କର ହୃଦବୋଧ ହୋଇଛି । ଏହି ସବୁ ହସ୍ପିଟାଲ ମାନଙ୍କୁ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ସୁଧାରିବା ପାଇଁ କୁହାଯାଇଛି । ତାହା ନ କଲେ ସେମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଏଫଆଇଆର କରାଯିବ । ଆବଶ୍ୟକ ପଡ଼ିରେ କ୍ରିମିନାଲ କେସ୍ ମଧ କରାଯିବ ବୋଲି କମିଶନର ଶ୍ରୀ ଚୌଧୁରୀ ସୂଚନା ଦେଇଛନ୍ତି ।

# ପ୍ରତ୍ୟେକ ହସ୍ପିଟାଲରେ ଖୋଲିବ ଫିଭର କ୍ଲିନିକ୍

ଭୁବନେଶ୍ୱର,୨୫।୬ (ନି.ପ୍ର): ପ୍ରତ୍ୟେକ ହସ୍‌ପିଟାଲ ଜ୍ୱର ଆଦି ରୋଗର ଚିକିତ୍ସା ପାଇଁ ଏକ ସ୍ୱତନ୍ତ୍ର ଫିଭର କ୍ଲିନିକ୍ ଖୋଲିବାଏବଂ ହସ୍ପିଟାଲ ମଧ୍ୟରେ ସନ୍ଦିଗ୍ଧ କୋଭିଡ଼ ରୋଗୀ ବା ଚିହ୍ନଟ କୋଭିଡ଼ ରୋଗୀଙ୍କ ଚିକିତ୍ସା ପାଇଁ ଏକ ପୃଥକୀକୃତ ଅଂଚଳ ନିରୂପଣ କରିବେ । ଡିଏମଇଟିଙ୍କ ତରଫରୁ ଏ ସମ୍ପର୍କିତ ବିସ୍ତୃତ ନିର୍ଦ୍ଦେଶନାମା ଜାରି କରାଯାଇଛି । ଦେଶର ବିଭିନ୍ନ ରାଜ୍ୟରେ ରହିଥିବା ଓଡ଼ିଆ ଭାଇଭଉଣୀମାନେ ଦୈନିକ ଓଡ଼ିଶା ଫେରୁଛନ୍ତି । ଆଜି ୧୨୫୭ ଜଣ ଓଡ଼ିଆ ଭାଇଭଉଣୀ ଓଡ଼ିଶାରେ ପହଂଚିଛନ୍ତି । ଏ ପର୍ଯ୍ୟନ୍ତ ବାହାର ରାଜ୍ୟ ଗୁଡ଼ିକରୁ ଓଡ଼ିଶାକୁ ୫,୭୭,୧୪୪ ଜଣ ଫେରିଛନ୍ତି । ରାଜ୍ୟରେ କୋଭିଡ଼-୧୯ ନିୟମ ଏବଂ ମାର୍ଗଦର୍ଶିକା ଉଲ୍ଲଂଘନ କରିଥିବା ଅଭିଯୋଗରେଜୁନ୍ ୨୪ରୁ ଜୁନ୍ ୨୫ ତାରିଖ ସକାଳ ପର୍ଯ୍ୟନ୍ତ ୨୪ ଘଂଟା ମଧ୍ୟରେ ୩ଟି ମାମଲା ଦାୟର କରାଯାଇଛି । ଏଥି ମଧ୍ୟରୁ ୨ଟି ମାମଲା ଲକ୍ ଡାଉନ୍ ସମ୍ପର୍କିତ ହୋଇଥିବା ବେଳେ ୧ଟି ମାମଲା ଅନ୍ୟାନ୍ୟ କାରଣ ପାଇଁ ଅଟେ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ କୁହାଯାଇଛି ।

# କେନ୍ଦ୍ରୀୟ ଦଳ ପରିଦର୍ଶନ କରିବେ ମହାରାଷ୍ଟ୍ର, ଗୁଜରାଟ ଓ ତେଲଙ୍ଗାନା

ନୂଆଦିଲ୍ଲୀ,୨୫।୬ (ନି.ପ୍ର): କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ଯୁଗ୍ମସଚିବ ଲବ ଅଗ୍ରୱାଲଙ୍କ ନେତୃତ୍ୱରେ ଏକ କେନ୍ଦ୍ରୀୟ ପ୍ରତିନିଧି ଦଳ ଆସନ୍ତା ୨୬ ରୁ ୨୯ ପର୍ଯ୍ୟନ୍ତ ଗୁଜରାଟ, ମହାରାଷ୍ଟ୍ର ଓ ତେଲଙ୍ଗାନା ରାଜ୍ୟ ପରିଦର୍ଶନ କରିବେ । ସେମାନେ ସେହି ରାଜ୍ୟଗୁଡ଼ିକର ଅଧିକାରୀମାନଙ୍କ ସହ କୋଭିଡ-୧୯ ମହାମାରୀର ପରିଚାଳନା ସମ୍ପର୍କରେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ଦେଶରେ ବର୍ତମାନ ଏକ ଅଭୁତପୂର୍ବ ଘଟଣା କ୍ରମରେ ନମୁନା ପରୀକ୍ଷା କେନ୍ଦ୍ର ସଂଖ୍ୟା ୧୦୦୭ରେ ପହଂଚିଛି । ଏଥିରେ ୭୩୪ ଟି ସରକାରୀ ଓ ୨୭୩ ଘରୋଇ ପରୀକ୍ଷାଗାର ରହିଛି ।

# ଜୁଲାଇ ୧ରୁ ୧୫ ତାରିଖରେ ହେବାକୁ ଥିବା ଦଶମ ଓ ଦ୍ୱାଦଶ ଶ୍ରେଣୀର ବାକିଆ ପରୀକ୍ଷା ବାତିଲ୍

ଭୁବନେଶ୍ୱର,୨୫।୬ (ନି.ପ୍ର): ଆସନ୍ତା ଜୁଲାଇ ୧ରୁ ୧୫ ତାରିଖରେ ହେବାକୁ ଥିବା ଦଶମ ଓ ଦ୍ୱାଦଶ ଶ୍ରେଣୀର ବାକିଆ ପରୀକ୍ଷାକୁ ବାତିଲ କରାଯାଇଛି । ଏ ସମ୍ପର୍କରେ ସଲିସିଟର ଜେନେରାଲ ସୁପ୍ରିମକୋର୍ଟକୁ ଜଣାଇଛନ୍ତି । ଜୁଲାଇ ୧୫ ସୁଦ୍ଧା ପୂର୍ବ ପରୀକ୍ଷାର ମାର୍କ ଦେଖି ପରୀକ୍ଷାଫଳ ପ୍ରକାଶ କରିବା ପାଇଁ କୁହାଯାଇଛି । ସିବିଏସଇର ଦ୍ୱାଦଶ ଶ୍ରେଣୀର ପିଲା ଚାହିଁଲେ ମଧ ପରୀକ୍ଷା ଦେଇପାରିବେ । ଅନ୍ୟପକ୍ଷରେ ଆଇସିଏସଇ ପରୀକ୍ଷା କରିବାକୁ ମଧ୍ୟ ବୋର୍ଡ଼ ନିଷ୍ପତି ନେଇଥିବା ନେଇ ସଲିସିଟର ଜେନେରାଲ ଅବଗତ କରାଇଛନ୍ତି । କୋଭିଡ଼ - ୧୯ ଯୋଗୁଁ ଏହି ପରୀକ୍ଷା କରିବାପାଇଁ ବିଭିନ୍ନ ରାଜ୍ୟ ଗୁଡ଼ିକ ଅସମର୍ଥ ପ୍ରକାଶ କରିଛନ୍ତି ବୋଲି କୋର୍ଟକୁ ଜଣାଇଥିଲେ । ଆଇସିଏସଇ ପରୀକ୍ଷା ଉପରେ କୋର୍ଟ ଆସନ୍ତା କାଲି ଶୁଣାଣୀ ପରେ ଯାହା ନିଷ୍ପତି ନିଆଯିବ । ଏହାକୁ ଦୃଷ୍ଟିରେ ରଖି ଓଡ଼ିଶାରେ ଯୁକ୍ତ ଦୁଇ ପରୀକ୍ଷାକୁ ବାତିଲ କରିବା ପାଇଁ ସରକାରଙ୍କ ଦୃଷ୍ଟିଭଙ୍ଗୀ କଣ ରହିଛି ବୋଲି ପଚାରା ଯିବାରୁ ବିଭାଗୀୟ ମନ୍ତ୍ରୀ ସମୀର ରଂଜନ ଦାସ କହିଛନ୍ତି ଯେ, ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଜଣାଇଦିଆଯାଇଛି । ତାଙ୍କର ନିଷ୍ପତିକୁ ଅପେକ୍ଷା କରାଯାଇଛି ବୋଲି ସେ କହିଥିଲେ ।

# ଆଜି ଆତ୍ମନିର୍ଭର ଉତ୍ତର ପ୍ରଦେଶ ରୋଜଗାର ଅଭିଯାନର ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୨୫।୬ (ନି.ପ୍ର): କୋଭିଡ-୧୯ ବୈଶ୍ୱିକ ମହାମାରୀ ଶ୍ରମିକ ଗୋଷ୍ଠୀ ତଥା ବିଶେଷକରି ପ୍ରବାସୀ ଶ୍ରମିକମାନଙ୍କ ଜୀବନଜୀବିକା ଉପରେ ଗୁରୁତର ପ୍ରଭାବ ପକାଇଛି । ଅନେକ ପ୍ରବାସୀ ଶ୍ରମିକ ଇତିମଧ୍ୟରେ ବିଭିନ୍ନ ରାଜ୍ୟକୁ ଫେରିଛନ୍ତି । କୋଭିଡ ମହାମାରୀ ପରିଚାଳନା ସାଙ୍ଗକୁ ଏହି ପ୍ରବାସୀ ଓ ଗ୍ରାମାଂଚଳ ଶ୍ରମିକମାନଙ୍କୁ ଜୀବନଜୀବିକା ଯୋଗାଇବା ଏକ ବଡ ସମସ୍ୟା ଭାବେ ଉଭା ହୋଇଛି । ଭାରତ ସରକାର ବିଭିନ୍ନ କ୍ଷେତ୍ରକୁ ଅଧିକ ସକ୍ରିୟ କରିବା ପାଇଁ ଆତ୍ମନିର୍ଭର ଭାରତ ପ୍ୟାକେଜ ଘୋଷଣା କରିଛନ୍ତି । ତେବେ ଦେଶର ଅନଗ୍ରସର ଅଞ୍ଚଳଗୁଡିକରେ କର୍ମନିଯୁକ୍ତି ସୁଯୋଗ ସୃଷ୍ଟି ସହ ସ୍ଥାୟୀ ଭିତିଭୂମି ପ୍ରସ୍ତୁତ ପାଇଁ ଗରିବ



କଲ୍ୟାଣ ରୋଜଗାର ଅଭିଯାନ ଗତ ୨୦ ତାରିଖ ଠାରୁ ଆରମ୍ଭ କରିଛନ୍ତି । କେବଳ ଉତରପ୍ରଦେଶକୁ ପ୍ରାୟ ୩୦ ଲକ୍ଷ ପ୍ରବାସୀ ଶ୍ରମିକ ଫେରିଛନ୍ତି । ଉତରପ୍ରଦେଶର ୩୧ଟି ଜିଲ୍ଲାରେ ୨୫ ହଜାରରୁ ଉର୍ଦ୍ଧ୍ୱ ପ୍ରବାସୀ ଶ୍ରମିକ ଅଛନ୍ତି । ସେଗୁଡିକ ମଧ୍ୟରୁ ୫ ଟି ଆକାଂକ୍ଷୀ ଜିଲ୍ଲା ରହିଛି । ଏଗୁଡ଼ିକୁ ଦୃଷ୍ଟିରେ ରଖି ଉତ୍ତରପ୍ରଦେଶ ସରକାର ଆତ୍ମନିର୍ଭର ଉତରପ୍ରଦେଶ ରୋଜଗାର ଅଭିଯାନ ଆରମ୍ଭ କରିଛନ୍ତି । ଏଥିରେ ଭାରତ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ସହ ବିଭିନ୍ନ ଶିଳ୍ପ ଓ ଅନ୍ୟାନ୍ୟ ସଂଗଠନ ମଧ ଅଂଶୀଦାର ରହିବେ । ଏହି ଅଭିଯାନ କର୍ମ ନିଯୁକ୍ତି ସୃଷ୍ଟି କରିବା ସହ ସ୍ଥାନୀୟ ଉଦ୍ୟୋଗୀ ମଧ ସୃଷ୍ଟି କରିବ । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ▶▶ପୃଷ୍ଠା ୭

# ଶ୍ରମ ଆଇନ କେସ୍ ପୋର୍ଟାଲର ଶୁଭାରମ୍ଭ

ଭୁବନେଶ୍ୱର,୨୫ଜୁନ୍(ହି.ସ.) - ଆଜି ଅପରାହ୍ନରେ ଲୋକସେବା ଭବନଠାରେ ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗ ଦ୍ୱାରା ଶ୍ରମ ଆଇନ କେସ୍ ପୋର୍ଟାଲର ଶୁଭାରମ୍ଭ କରାଯାଇଛି । ଏହି ପୋର୍ଟାଲ ଜରିଆରେ ଶ୍ରମିକମାନେ ଅନ୍‌ଲାଇନ୍ କେସ୍ ପଂଜୀକୃତ କରିବା ସହିତ କେସ୍‌ର ସ୍ଥିତି ସମ୍ବନ୍ଧରେ ଜାଣିପାରିବେ ଏବଂ ସେମାନଙ୍କ ପାଖକୁ ଏସଏମଏସ ଜରିଆରେ ଦାଖଲ କରିଥିବା ମାମଲାର ବିବରଣୀ, ତାରିଖ ଇତ୍ୟାଦି ପଠାଯିବ । ଏହା ଦ୍ୱାରା ଶ୍ରମିକମାନେ ସେମାନଙ୍କର ନ୍ୟାର୍ଯ୍ୟ ଦାବି ହାସଲ କରିବା ସହିତ ଠିକ୍ ସମୟରେ ଉପକୃତ ହୋଇପାରିବେ । ପୂର୍ବରୁ ଶ୍ରମିକମାନେ କେସ୍ ବିଷୟରେ ଆଦୌ ଅବଗତ ହୋଇପାରୁନଥିଲେ । ବର୍ତମାନ ଏହି ପୋର୍ଟାଲ ମାଧ୍ୟମରେ କେସ୍‌ର ସବିଶେଷ ବିବରଣୀ ଶ୍ରମିକମାନଙ୍କ ମୋବାଇଲ୍ ଫୋନକୁ ମେସେଜ୍ ପଠାଯିବାର ବ୍ୟବସ୍ଥା ଶ୍ରମ ବିଭାଗ ଦ୍ୱାରା କରାଯାଇଛି । ବିଶେଷ କରି ଶ୍ରମିକମାନେ କର୍ମଚାରୀ କ୍ଷତିପୂରଣ ଆଇନ୍ ୧୯୨୩, ସର୍ବନିମ୍ନ ମଜୁରି ଆଇନ୍ ୧୯୪୮ ଏବଂ ଗ୍ରାଚ୍ୟୁଇଟି ପ୍ରଦାନ ଆଇନ୍ ୧୯୭୨ ଅନୁଯାୟୀ ସମସ୍ତ ସୁବିଧା ପାଇପାରିବେ ବୋଲି ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ତରଫରୁ ପ୍ରକାଶ କରାଯାଇଛି ।

# ଆବେଦନ ପତ୍ର କମିଟିର ପ୍ରଥମ ବୈଠକ ଅନୁଷ୍ଠିତ

ଭୁବନେଶ୍ୱର,୨୫।୬ (ନି.ପ୍ର): ବିଧାନସଭାର ଆବେଦନ ପତ୍ର କମିଟିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ୫୫ ନମ୍ବର ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଥିବା ଏହି ବୈଠକରେ ବିଧାୟକ ବଦ୍ରୀ ନାରାୟଣ ପାତ୍ର ଅଧ୍ୟକ୍ଷତା କରିଥିଲେ । ଏହି ବୈଠକରେ କମିଟିର ସଦସ୍ୟ ମାନଙ୍କ ସମେତ ବିଧାନସଭାର ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ଆଉ ୨୧୦ କରୋନା ଆକ୍ରାନ୍ତ ଚିହ୍ନଟ: ମୋଟ ମାମଲା ୫୭୫୨କୁ ବୃଦ୍ଧି




ଭୁବନେଶ୍ୱର,୨୫।୬ (ନି.ପ୍ର): ରାଜ୍ୟରେ ଆଜି ଆଉ ୨୧୦ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏହାକୁ ମିଶାଇ ରାଜ୍ୟରେ କରୋନା ରୋଗୀଙ୍କ ସଂଖ୍ୟା ୫୯୬୨ କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା ୨୧୦ ଜଣଙ୍କ ମଧ୍ୟରୁ ୧୭୪ ଜଣ ସଂଗରୋଧ କେନ୍ଦ୍ରରୁ ହୋଇଥିବା ବେଳେ ୩୬ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୧୮ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସେହିପରି ଏନଡିଆରଏଫର ୬ଜଣ ଜବାନ ମଧ୍ୟ ଆକ୍ରାନ୍ତ ହୋଇଥିବା ଜଣା ପଡ଼ିଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଗଂଜାମ ଜିଲ୍ଲାରେ ସବୁଠାରୁ ଅଧିକ ୫୮ଟି ନୂଆ ମାମଲା ସାମନାକୁ ଆସିଛି । ସେହିପରି ଖୋର୍ଦ୍ଧା ଜିଲ୍ଲାରେ ୪୭, କେନ୍ଦୁଝର ଜିଲ୍ଲାରେ ୫, ଦେବଗଡ ଜିଲ୍ଲାରେ ୧, ନବରଂଗପୁର ଜିଲ୍ଲାରେ ୨ ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ନୟାଗଡ ଜିଲ୍ଲାରେ ୩, କଟକ ଜିଲ୍ଲାରେ ୫, ବାଲେଶ୍ୱର ଜିଲ୍ଲାରେ ୨, ଢେଙ୍କାନାଳ ଜିଲ୍ଲାରେ ୭, ଯାଜପୁର ଜିଲ୍ଲାରେ ୮ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ପୁରୀ ଜିଲ୍ଲାରେ ୮, ଗଜପତି ଜିଲ୍ଲାରେ ୨୯, ସୁନ୍ଦରଗଡ ଜିଲ୍ଲାରେ ୬, କେନ୍ଦ୍ରାପଡା ଜିଲ୍ଲାରେ ୩, ସମ୍ବଲପୁର ▶▶ପୃଷ୍ଠା ୭

# ହୀରାକୁଦ ଡ୍ୟାମରୁ ୧୦ଟି ଗେଟ୍‌ରେ ଛଡ଼ାଗଲା ପ୍ରଥମ ବନ୍ୟା ଜଳ



ଭୁବନେଶ୍ୱର,୨୫।୬ (ନି.ପ୍ର): ଆଜି ପ୍ରଥମ ବନ୍ୟା ଜଳ ହୀରାକୁଦରୁ ଛଡ଼ାଯାଇଛି । ପର୍ଯ୍ୟାୟ କ୍ରମେ ୧୦ଟି ଗେଟ୍ ମଧ୍ୟମରେ ଏହି ବନ୍ୟାଜଳ ନିଷ୍କାସିତ କରାଯାଇଛି ବୋଲି ଜଳସମ୍ପଦ ବିଭାଗ ପକ୍ଷରୁ ଜଣାପଡ଼ିଛି । ତଳିଆ ଅଂଚଳରେ ସତର୍କ ବ୍ୟବସ୍ଥା ଗ୍ରହଣ କରିବା ପାଇଁ ଜିଲ୍ଲା ପ୍ରଶାସନ ମାନଙ୍କୁ କୁହାଯାଇଛି । ଜଳଭଣ୍ଡାରର ଉପର ମୁଣ୍ଡରେ ଛତିଶଗଡ଼ଠାରେ ପ୍ରବଳ ବର୍ଷା ଲାଗିରହିଥିବାରୁ ଡ୍ୟାମରୁ ଜଳ ଛଡ଼ାଯାଇଛି । ପୂଜା ଅର୍ଚ୍ଚନା ପରେ ଜଳ ଛଡ଼ାଯାଇଥିଲା ।

# ଗୁରୁବାର ୧୬୮ ଜଣ ସୁସ୍ଥ ହେଲେ

ଭୁବନେଶ୍ୱର, ୨୫ ଜୁନ (ହି.ସ.) ଗୁରୁବାର ଦିନ ରାଜ୍ୟର ୧୭ଟି ଜିଲ୍ଲାରୁ ୧୬୮ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି । ବିଭାଗ ପକ୍ଷରୁ କୁହାଯାଇଛି ଯେ ଗଂଜାମ ଜିଲ୍ଲାରୁ ଆଜି ସର୍ବାଧିକ ୩୯ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ସେହିପରି ଖୋର୍ଦ୍ଧା ଓ ଗଜପତି ଜିଲ୍ଲାରୁ ୨୩ ଜଣ ଲେଖାଏଁ, ପୁରୀ ଜିଲ୍ଲାରୁ ୧୯ ଜଣ, ବରଗଡ଼ ଜିଲ୍ଲାରୁ ▶▶ପୃଷ୍ଠା ୭

# ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ୪୧୮ କରୋନା ପରୀକ୍ଷଣ

ଭୁବନେଶ୍ୱର,୨୫।୬ (ନି.ପ୍ର): ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ୪୧୮ କରୋନା ପରୀକ୍ଷଣ ହୋଇଛି । ଆଜି ସୁଦ୍ଧା ରାଜ୍ୟରେ ମୋଟ ୨୩୯୮୧୫ କରୋନା ପରୀକ୍ଷଣ କରା ଯାଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପ କ୍ଷରୁ ସୂଚନା ଦିଆଯାଇଛି ।

# ରେଳ ଓଭରବ୍ରିଜ୍ ନିର୍ମାଣ ସ୍ଥଳରେ ଦୁର୍ଘଟଣା : ଟ୍ରାକ୍ଟର ଡାଲା ତଳେ ଚାପିହୋଇ ଶ୍ରମିକ ମୃତ



ବାଲେଶ୍ୱର,୨୫।୬ (ନି.ପ୍ର): ନିର୍ମାଣଧୀନ ଅଙ୍ଗାରଗଡ଼ିଆ ରେଳ ଓଭରବ୍ରିଜ୍‌ଠାରେ ଓଜନିଆ କଂକ୍ରିଟ୍ ବିମ୍ ବୋଝେଇ ଟ୍ରାକ୍ଟର ଡାଲା ଓଲଟିପଡ଼ିବା ଫଳରେ ଏଥିରେ ଚାପିହୋଇ କାର୍ଯ୍ୟରତ ଜନୈକ ଠିକାଶ୍ରମିକଙ୍କର ଆଜି ମୃତ୍ୟୁ ହୋଇଯାଇଛି । ମୃତ ଯୁବକ ଜଣକ ହେଲେ ତେଲେଙ୍ଗାସାହି ଅ ଳର ସୁନା ସୋରେନ୍ (୨୯) । ସେ ଅଙ୍ଗାରଗଡ଼ିଆ ରେଳ ଓଭରବ୍ରିଜ୍ ନିର୍ମାଣ କରୁଥିବା ଠିକାସଂସ୍ଥାରେ ଜଣେ ଶ୍ରମିକ ଭାବେ କାର୍ଯ୍ୟ କରନ୍ତି । ଆଜି ସକାଳେ ନିର୍ମାଣସ୍ଥଳରୁ ପ୍ରାୟ ୪ଟନ୍ ଓଜନର ଏକ ଅନାବଶ୍ୟକ କଂକ୍ରିଟ୍ ବିମ୍‌କୁ ସ୍ଥାନାନ୍ତର କରାଯିବା ବେଳେ ଏହି ଦୁର୍ଘଟଣା ଘଟିଥିଲା । କ୍ରେନ୍ ଯୋଗେ ବିମ୍‌କୁ ଟ୍ରାକ୍ଟର ଡାଲାରେ ଲୋଡ଼ କରାଯିବା ସମୟରେ ସୁନା ସୋରେନ୍ ସେଠାରେ ଉପସ୍ଥିତ ଥିଲା । ଲୋଡ଼ କରିବା ପରେ ଏହି ବିମ୍ ଟି ଗୋଟେ କଡ଼କୁ ଗଡ଼ିଯିବା ଫଳରେ ଡାଲାଟି ଓଲଟି ପଡ଼ିଥିଲା । ଡାଲା ପାର୍ଶ୍ୱରେ ଛିଡ଼ା ହୋଇଥିବା ସୁନା ସୋରେନ୍‌ଏଥିରେ ଚାପି ହୋଇଯାଇଥିଲା । ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ▶▶ପୃଷ୍ଠା ୭

# ଟାଇଗର କ୍ଲବର ସ୍ୱନକ୍ଷେତ୍ର ଅବସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ଧର୍ମଶାଳା,୨୫।୬ (ନି.ପ୍ର): ଯାଜପୁର ଜିଲ୍ଲା ବରୀ ବ୍ଲକ ଅନ୍ତର୍ଗତ ଗମ୍ଭୁ ପଂଚାୟତର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଟାଇଗର କ୍ଲବର ପ୍ରଥମ ସ୍ୱନକ୍ଷେତ୍ର ଦିବସ ଅବସରରେ ଗମ୍ଭୁ ରାଜୀବ ଗାନ୍ଧୀ କେନ୍ଦ୍ର ପରିସରରେ ସକାଳ ୯ ଟା ସମୟରେ ସମାଜସେବୀ ସତ୍ୟ ରଂଜନ କରଙ୍କ ନେତୃତ୍ୱରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଓ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ଯାଜପୁର ଜିଲ୍ଲାର ସହକାରୀ ଜିଲ୍ଲାପାଳ ଉମେଶ ଚନ୍ଦ୍ର ଲେଙ୍କା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିବା ବେଳେ ବରୀ ତହସିଲଦାର ସରୋଜକାନ୍ତ ନାୟକ, ଗମ୍ଭୁ ସରପଂଚ ଝୁନାରାଣୀ ସେଠୀ, ସମିତି ସଭ୍ୟ ଅଙ୍କୁର ମଲ୍ଲିକ, ଶିକ୍ଷାବିତ୍ ଅଦ୍ୱୈତ ବଲ୍ଲଭ ଜେନା, ହେମନ୍ତ ମହାପାତ୍ର, ମାର୍କଣ୍ଡ ନାୟକ, ହେମନ୍ତ ନାୟକ, ସନ୍ତୋଷ ନାୟକ, ପାଣ୍ଡବ ମହାପାତ୍ର, ପ୍ରଭାତ ଜେନା, ଜଗଦିଶ ଜେନା ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିବାବେଳେ ଯାଜପୁର ୩୩ ୟୁନିଟ ଓ କେନ୍ଦ୍ରପଡା ରକ୍ତ ଭଣ୍ଡାର କର୍ମଚାରୀମାନେ ୨୫ ୟୁନିଟ ମୋଟ ୫୮ ୟୁନିଟ ରକ୍ତ ସଂଗ୍ରହ କରିଥିଲେ । ସେହିପରି ସାଧାରଣ ସଭାରେ ଗମ୍ଭୁ ପଂଚାୟତର ବରିଷ୍ଠ ନାଗରିକ, ବୃଦ୍ଧିଜୀବି, କୃଷକ, ଛାତ୍ର, ଯୁବକ ଓ ଶିକ୍ଷକମାନେ ଉପସ୍ଥିତ ରହି ଟାଇଗର କ୍ଲବର ଏଭଳି ମହତ୍ୱ କାର୍ଯ୍ୟକ୍ରମକୁ ପ୍ରଂଶସା କରିଥିଲେ । କ୍ଲବ ସଭାପତି ଅଶୋକ କୁମାର ସେଠୀ ସ୍ୱାଗତ କରିଥିବାବେଳେ ସମ୍ପାଦକ ରାଜ କିଶୋର ଦାସ ଧନ୍ୟବାଦ୍ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଟାଇଗର କ୍ଲବର ସଭ୍ୟ ଦୀପକ କୁମାର ସେଠୀ, ବିମଳ ସେଠୀ, ଚନ୍ଦ୍ରକାନ୍ତ ସେଠୀ, ଅନିଲ ସାମଲ, ନାରାୟଣ ସେଠୀ, ପ୍ରଦୀପ ସେଠୀ ଓ ଗମ୍ଭୁ କାର୍ତିକେଶ୍ୱର ଯୁବକ ସଂଘର ସଭ୍ୟମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ରାସ୍ତାରେ ଲହଡ଼ି ଭାଙ୍ଗୁଛି ପାଣି, ଦୂଷିତ ହେଉଛି ପରିବେଶ

କେନ୍ଦ୍ରାପଡ଼ା,୨୫।୬ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ବାରୋ ହରିଜନ ସାହିର ଡିଅସାହି, କୁମ୍ଭାର ସାହି ରାସ୍ତାରେ ପାଣି ଜମି ରହି ପରିବେଶ ଦୂଷିତ ହେଉଥିବାର ଅଭିଯୋଗ ହୋଇଛି । ପ୍ରକାଶ ଯୋଗ୍ୟ ଯେ, ଏହି ରାସ୍ତାର ବିଭିନ୍ନ ସ୍ଥାନରେ ଖାଲଖମା ରହିଛି । ସାମାନ୍ୟ ବର୍ଷାରେ ଏହି ଖାଲଖମାରେ ପାଣି ଜମି ରିବା ଯୋଗୁଁ ଯାତାୟତରେ ଅସୁବିଧା ହେବା ସହ ଗ୍ରାମ ପରିବେଶ ଦୂଷିତ ହେଉଛି । ଲୋକମାନେ ବିଭିନ୍ନ ରୋଗରେ ପିଡିତ ହେବାର ଅଶଙ୍କା ରହିଛି । ଏହି ରାସ୍ତାକୁ ତୁରନ୍ତ ମରାମତି କରିବା ପାଇଁ ଉକ୍ତ ଗ୍ରାମର ଗୋବିନ୍ଦ ଚନ୍ଦ୍ର ପରିଡା, ବିଜୟ କୁମାର ଦାସ, ରଂଜନ କୁମାର ବେହେରା, ଅକ୍ଷୟ ବେହେରା, ମନୋରଂଜନ ବାଇ ପ୍ରମୁଖ ଦାବି କରିଛନ୍ତି ।

# ରାସ୍ତା ପାର୍ଶ୍ୱର୍ରେ ଡ୍ରେନ ନିର୍ମାଣ ଦାବିରେ ରାସ୍ତା ରୋକ



ବାରିପଦା,୨୫।୬ (ନି.ପ୍ର): ପୂର୍ତ୍ତ ଓ ନିର୍ମାଣ ବିଭାଗ ପକ୍ଷରୁ ନିର୍ମାଣ ହୋଇଥିବା ପୋଡ଼ାଅସ୍ତିଆ-ଲୁଲୁଙ୍ଗ ରାସ୍ତାର ତେଲିବିଲା ଗ୍ରାମ ନିକଟରେ ରାସ୍ତା ପାର୍ଶ୍ୱର୍ରେ ଡ୍ରେନ ନିର୍ମାଣ ଦାବିରେ ସ୍ଥାନୀୟ ଗ୍ରାମବାସୀମାନେ ରାସ୍ତାରୋକ କରିଥିଲେ । ଫଳରେ ପୂର୍ବାହ୍ନ ସାଢେ ୯ ରୁ ସାଢେ ୧୧ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱର୍ରେ ଗାଡ଼ିମୋଟର ଚଳାଚଳ ବାଧାପ୍ରାପ୍ତ ହୋଇଥିଲା ଏବଂ ଶତାଧିକ ଗାଡ଼ି ଅଟକି ରହିଥିଲା । ଖବରପାଇ ପୂର୍ତ୍ତ ଓ ନିର୍ମାଣ ବିଭାଗର ଏସଡ଼ିଓ ବିରଂଚି ନାରାୟଣ ପଣ୍ଡା, ବାରିପଦା ସଦର ଥାନା ଅଧିକାରୀ ପ୍ରେମଦା ନାୟକ, ଜିଲ୍ଲାପରିଷଦ ସଦସ୍ୟ ଦଶରଥ ମହାନ୍ତ ଓ ଶିରିଶବଣି ସରପଚଂ ସୁଗନ୍ଧା ସୋରେନ ଓ ଶାମାଖୁଣ୍ଟା ସରପଚଂ ଚନ୍ଦ୍ରମୋହନ ସିଂ ପ୍ରମୁଖ ଘଟଣାସ୍ଥଳରେ ପହଁଚି ଆନ୍ଦୋଳନକାରୀମାନଙ୍କୁ ବୁଝାସୁଝା କରାଇଥିଲେ । ଏହାପରେ ପୂର୍ତ୍ତ ଓ ନିର୍ମାଣ ବିଭାଗ ଏସଡ଼ିଓ ଶ୍ରୀପଣ୍ଡା ରାସ୍ତା ପାର୍ଶ୍ୱର୍ରେ ଡ୍ରେନ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାର ନିର୍ଭର ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା । ପ୍ରକାଶ ଥାଉକି, ରାସ୍ତା ପାର୍ଶ୍ୱର୍ରେ ଡ୍ରେନ ନିର୍ମାଣ ନ ହେବା କାରଣରୁ ବର୍ଷାପାଣି ନିଷ୍କାସିତ ହୋଇନପାରି ଜମି ରହିଥାଏ ଏବଂ ଜନସାଧାରଣଙ୍କ ମାଟିରେ ନିର୍ମିତ କାନ୍ଥ ମୂଳକୁ ନଷ୍ଟ କରାଇ ଦେଇଥାଏ । ଫଳରେ କାନ୍ଥ ଧସି ପଡ଼ି ଧନ ଜୀବନ କ୍ଷୟକ୍ଷତି ଘଟାଇ ଥାଏ । ସ୍ଥାନୀୟ ଜନସାଧାରଣଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ଶାମାଖୁଂଟା ପଂଚାୟତ ସମିତି ପକ୍ଷରୁ ୬/୭ ବର୍ଷ ପୂର୍ବେ ରାସ୍ତା ପାର୍ଶ୍ୱର୍ରେ ଡ୍ରେନ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ । ମାତ୍ର, ଏହି ରାସ୍ତା ପୂର୍ତ୍ତ ଓ ନିର୍ମାଣ ବିଭାଗ ଅଧୀନରେ ରହିଥିବାରୁ ବିଭାଗର ହସ୍ତକ୍ଷେପ ପରେ ଶାମାଖୁଣ୍ଟା ପଂଚାୟତ ସମିତି ଡ୍ରେନ ନିର୍ମାଣ କାର୍ଯ୍ୟକୁ ବନ୍ଦ ରଖିଥିଲା । ଆଜିର ଏହି ଆନ୍ଦୋଳନରେ ଡ଼ାକ୍ତର ମହାନ୍ତ, ଅଶୋକ ମହାନ୍ତ, ସାଇବା ମହାନ୍ତ, ସୁନୀଲ ମହାନ୍ତ ପ୍ରମୁଖ ଶତାଧିକ ବ୍ୟକ୍ତି ଆନ୍ଦୋଳନରେ ବସିଥିଲେ ।

# ଖୋର୍ଦ୍ଧା ରୋଡ଼ ଷ୍ଟେସନ ଠାରେ ଟ୍ରେନରେ ଶିଶୁ ଜନ୍ମ

ଭୁବନେଶ୍ୱର,୨୫।୬ (ନି.ପ୍ର): ରେଳବାଇ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀ ମାନଙ୍କ ସହାୟତାରେ ସିକନ୍ଦରାବାଦ-ହାଓଡ଼ା ସ୍ପେଶାଲ ଟ୍ରେନ ରେ ୫ -୭ କୋଚ ରେ ଯାତ୍ରା କରୁଥିବା ସାଇରା ଫତିମା ନାମ୍ନୀ ୩୨ ବର୍ଷର ମହିଳା ଖୋର୍ଦ୍ଧା ରୋଡ଼ ଷ୍ଟେସନ ଠାରେ ପୂର୍ବାହ୍ନ ୧୧ଘ.୩୦ମି. ସମୟରେ ଏକ ଶିଶୁ ପୁତ୍ରକୁ ଜନ୍ମ ଦେଇଛନ୍ତି । ଉକ୍ତ ମହିଳାଙ୍କ ଠାରୁ ଖବର ପାଇ ରେଳବାଇ ଡାକ୍ତର ଓ ମେଡିକାଲ ଦଳ ଟ୍ରେନ ପହଂଚିବା ପୂର୍ବରୁ ସଜାଗ ରହିଥିଲେ ଏବଂ ଟ୍ରେନଟିକୁ ଖୋର୍ଦ୍ଧା ରୋଡ଼ ଷ୍ଟେସନ ଠାରେ ରଖାଯାଇ ମହିଳାଙ୍କର ପ୍ରସବ କରାଯାଇଥିଲା । ପରେ ରେଳବାଇ ଦ୍ୱାରା ଉଭୟ ମା ଓ ଶିଶୁ ପୁତ୍ରକୁ ସ୍ଥାନୀୟ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆମ୍ବୁଲାନ୍ସ ଯୋଗେ ପରବର୍ତ୍ତୀ ଚିକିତ୍ସା ପାଇଁ ନିଆଯାଇଥିଲା ଓ ଉଭୟ ମା ଓ ଶିଶୁ ପୁତ୍ର ସୁସ୍ଥ ଅଛନ୍ତି ।

# କରୋନା ନିୟମ ଫୁ : ରାତି ୮ ପରେ ବି ଖୋଲୁଛି ବ୍ୟବସାୟ ପ୍ରତିଷ୍ଠାନ

ଧର୍ମଶାଳା,୨୫।୬ (ନି.ପ୍ର): କରୋନା ସଂକ୍ରମଣକୁ ନେଇ ସାରା ଦେଶ ଚିନ୍ତିତ । ଏହି ସଂକ୍ରମଣକୁ ମୁକାବିଲା ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ପକ୍ଷକ୍ଷେପ ନେଉଛନ୍ତି । ଏକ ସପ୍ତାହ ମଧ୍ୟରେ କରୋନା ସଂକ୍ରମଣ ବହୁ ମାତ୍ରା ବଢିବ ଆଜି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପକ୍ଷରୁ ସୂଚନା ଦିଆଯାଇଛି । ଏବଂ ଜନସାଧାରଣ ଏହାକୁ ଗୁରୁତର ସହ ନେବାକୁ ସଚେତନ କରିଛନ୍ତି । କରୋନା ନିୟମ ଅନୁଯାୟୀ ଏକ ନିର୍ଦ୍ଦିଷ୍ଟ ସମୟରେ ବ୍ୟବସାୟ ପ୍ରତିଷ୍ଠାନ ଖୋଲାଯିବ ବୋଲି ସୂଚନା ଦିଆଯାଇଛି । ହେଲେ ଏହି କରୋନା ନିୟମ ଫୁ ପାଲଟିଛି । ରାତି ୮ ପରେ ମଧ୍ୟ ବହୁ ବଡବଡ ବ୍ୟବସାୟ ପ୍ରତିଷ୍ଠାନମାନ ଖୋଲାଯାଇ ଖୁଲମଖୁଲା ବ୍ୟବସାୟ କରାଯାଉଛି । ଏଭଳି ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦାରେ । ଏହି ବ୍ରହ୍ମବରଦାରେ ଛୋଟବଡ ୫ଶହରୁ ଉର୍ଦ୍ଧ ବ୍ୟବସାୟ ପ୍ରତିଷ୍ଠାନମାନ ରହିଛି । ବଜାର ହାଟ, ବୟେଛକ, ବ୍ୟାଙ୍କଛକ, ଇଦଗାହଛକ, ପୁରୁଣା ଫାଣ୍ଡିଛକ, ଚଣ୍ଡିମନ୍ଦିରଛକ, ମଙ୍ଗଳା ମାର୍କେଟ, ତାରିଣୀଛକ ଓ ଦୁର୍ଗା ମଣ୍ଡପ ଆଦି ଛକମାନଙ୍କରେ କରୋନା ଆଇନକୁ ଉଲଘ୍ନ କରି ବ୍ୟବସାୟ ଚାଲୁଛି । ଏବଂ ଏହି ବଜାର ଉପରେ ଶହଶହ ଲୋକେ ଏଠାକୁ କାରବାର ପାଇଁ ଆସିଥାନ୍ତି । ଏହି ଘଡିସନ୍ଧି ମୁହୂର୍ତ୍ତରେ ବ୍ୟବସାୟୀମାନେ ରାତି ୮ରୁ ୯ ଘଟିକା ପର୍ଯ୍ୟନ୍ତ ବ୍ୟବସାୟ ପ୍ରତିଷ୍ଠାନମାନ ଖୋଲା ରଖି ବ୍ୟବସାୟ କରଉଛନ୍ତି । ଯାହାକୁ ନେଇ ପାଖ ପଡୋଶୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଜିଲାପାଳ କ୍ଷମତା ପାଇଥିବା ସରପଂଚ ଏନେଇ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହୋଇଛି । ଅନ୍ୟପକ୍ଷେ ଏହି ଛକଠାରୁ ମାତ୍ର ବ୍ରହ୍ମବରଦା ଫାଣ୍ଡି ମାତ୍ର ଅଧ କିମି ଦୂରରେ ଥିଲେ ମଧ୍ୟ ପୋଲିସ କର୍ମଚାରଙ୍କ ନଜରରେ ପଡୁ ନଥିବା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । କେବଳ ଲୋକ ଦେଖାଣିଆଭାବେ ପାଟ୍ରୋଲିଂ କରୁଥିବା ନେଇ ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଅନ୍ୟ ପକ୍ଷେ ଜିଲାରେ ପ୍ରଥମ କରୋନା ଆକ୍ରାନ୍ତ ବ୍ରହ୍ମବରଦାରୁ ଚିହ୍ନଟ ହୋଇଥିଲେ । ଫଳରେ ସଂଗେ ସଂଗେ ବ୍ରହ୍ମବରଦା ସମେତ ଏହାର ନିକଟ ଅଂଚଳର ୫ ଗୋଟି ପଂଚାୟତକୁ ଜିଲା ପ୍ରଶାସନ ପକ୍ଷରୁ କଂଟେନମେଂଟ ଜୋନ ଭାବେ ଘୋଷଣା କରିଥିଲେ । ଏବଂ ସେହିଦିନଠାରୁ ଜିଲା ପ୍ରଶାସନର ସ୍ୱତନ୍ତ୍ର ଦୃଷ୍ଟି ପଡୁଥିଲା । ହେଲେ ଏବେ ପ୍ରଶାସନ ଏହି ଅଂଚଳ ପ୍ରତି ଅଣ ଦେଖା କରିବାରୁ ସାମାଜିକ ଦୂରତାକୁ ନ ମାନି ବ୍ୟବସାୟୀମାନେ ରାତି ୯ଟା ପର୍ଯ୍ୟନ୍ତ ବ୍ୟବସାୟ ପ୍ରତିଷ୍ଠାନ ଖୋଲା ରଖୁଛନ୍ତି । ଏନେଇ ଜିଲାପାଳ ତୁରନ୍ତ ଅଂଚଳ ପ୍ରତି ଦୃଷ୍ଟି ଦେବାକୁ ଅଂଚଳବାସୀ ଦାବି କରିଛନ୍ତି ।

## ଜବରଦଖଲ ହୋଇଚାଲିଛି ସହରର ମୂଲ୍ୟବାନ୍ ଜମି

# ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ମାନୁନାହାଁନ୍ତି ରାଜସ୍ୱ ବିଭାଗ ଓ ରାଉରକେଲା ତହସିଲର କର୍ମଚାରୀ

ରାଉରକେଲା,୨୫।୬ (ନି.ପ୍ର): ରାଉରକେଲା ସହରରେ କେତେକ ଅଭ୍ୟାସଗତ ଜମି ଜବର ଦଖଲକାରୀ ରାଜ୍ୟ ସରକାରଙ୍କ ମୂଲ୍ୟବାନ୍ ଜମି ଗୁଡ଼ିକୁ ପ୍ରତିଦିନ ଦଖଲ କରିଚାଲିଛନ୍ତି, ଏନେଇ ଯଦି କେହି ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରୁଛି ସେନେଇ ଖୋଦ୍ ଜିଲ୍ଲାପାଳ ଜବରଦଖଲକାରୀ ମାନଙ୍କ ବିରୋଧରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଉଛନ୍ତି । ହେଲେ ଜିଲ୍ଲାପାଳଙ୍କ ଏହି ନିର୍ଦ୍ଦେଶକୁ ଖାତିର୍ କରୁନାହାଁନ୍ତି ରାଉରକେଲା ରାଜସ୍ୱ ବିଭାଗ ଅର୍ଥାତ ରାଉରକେଲା ତହସିଲର କର୍ମଚାରୀ ମାନେ । ଏହାଦ୍ୱାରା ଜବର ଦଖଲକାରୀ ମାନେ ଦିନକୁ ଦିନ ସଶକ୍ତ ହେବା ସହ ଜବରଦଖଲ ନେଇ ମୁହଁ ଖୋଲୁଥିବା ଲୋକଙ୍କୁ ନାଲିଆଖି ଦେଖାଇ ଚାଲିଛନ୍ତି । ଫଳରେ ସହରରେ ଥିବା ବହୁ ମୂଲ୍ୟବାନ୍ ଜମି ଧିରେ ଧିରେ ଜବରଦଖଲକାରୀ ମାନଙ୍କ ହାତକୁ ଚାଲିଯିବାରେ ଲାଗିଛି । ରାଉରକେଲା ସହରର ତହସିଲ ଅଧିନରେ ୫ଟି ଆରଆଇ ସର୍କଲ ରହିଛି । ଏହି ସର୍କଲ ଗୁଡିକ ଅଧିନରେ ଥିବା ଛେଣ୍ଡ କଲୋନୀ ଏରିଆ ଓ ପାନପୋଷ ଅଂଚଳରେ ଜବରଦଖଲକାରୀ ମାନଙ୍କ ଲୋଲୁପ ଦୃଷ୍ଟି ପଡିଛି । ଛେଣ୍ଡରେ ୧୫ଶହ ସ୍କୋୟାର ଫୁଟ ଅଂଚଳ ଯାଗା ଯାହାକୁ ସରକାର ୬ ବର୍ଷ ତଳେ ୭ ଲକ୍ଷରେ ବିକି ଥିଲେ, ସେଗୁଡିକ ଏବେ ଲୋକେ ୬୫ ଲକ୍ଷରେ ବିକି ଚାଲିଛନ୍ତି । ତେଣୁ ଏହିଠାରୁ ଏହି ସବୁ ଅଂଚଳରେ ଜମି ଗୁଡିକର ମୂଲ୍ୟକୁ ଅନୁମାନ କରାଯାଇପାରେ । ବିଗତ ୧୦ ବର୍ଷରୁ ଅଧିକ ଦିନ ଭିତରେ ରାଉରକେଲା ଆରଡିଏ ଜମି ଅଭାବରୁ ସହର ବାସୀଙ୍କୁ ପ୍ଲଟ କିମ୍ବା ଘରଟିଏ କରିଦେଇ ପାରୁନାହିଁ । ଫଳରେ ଲୋକେ କଳାବଜାରରେ ଜମି ଓ ଘର କିଣୁଥିବା ଦେଖାଯାଉଛି । ଏହାରି ଭିତରେ ଛେଣ୍ଡ ଓ ପାନପୋଷ ଅଂଚଳରେ ଖାଲି ପଡିଥିବା କିଛି ସରକାରୀ ଯାଗାକୁ ବିଭିନ୍ନ ବେନାମୀ ସଂସ୍ଥା ନାମରେ ଦଖଲ ହେଉଥିବା ବେଳେ, କିଛି ଲୋକ ରାଜ୍ୟ ବାହାରୁ ଆସି ଖାଲିଥିବା ଯାଗାକୁ କିଛି ପ୍ରଭାବଶାଳି ଲୋକଙ୍କୁ ଧରି ଦଖଲ କରି ଘରଦ୍ୱାର ତିଆରି କରିଚାଲିଛନ୍ତି । ଏହିଭଳି ଏକ ଅଭିଯୋଗ ସୁନ୍ଦରଗଡ ଜିଲ୍ଲାପାଳଙ୍କ ପାଖରେ ଗତ ୨୦ ଅକ୍ଟୋବରରେ କରାଜିବା ସହ କୁହାଯାଇଥିଲା ଯେ, ଜଣେ ବ୍ୟକ୍ତି ଏକ ବେନାମୀ ସଂସ୍ଥା ନାମରେ ଛେଣ୍ଡ କଲୋନୀ କଳିଙ୍ଗବିହାର ସେଂଟ୍ରାଲ ପାର୍କ ପାଖରେ, ହାଉସିଂବୋର୍ଡର ଘର ଓ ପ୍ଲଟ ଏରିଆ ପାଖରେ ପାଖାପାଖି ୩ ହଜାର ସ୍କୋୟାର ଫୁଟ୍ ଯାଗାରେ ଘର କରି ରହିବା ସହ ପାଖରେ ଥିବା ମୂଲ୍ୟବାନ୍ ଶହ ଶହ କୋଟୀ ଟଙ୍କାର ସରକାରୀ ଜମିକୁ ନିଜ ଜମି କହି ସେ ଅଂଚଳକୁ ଅଳିଆକରି ରଖି ନିଜ ରାଜ୍ ଚଳାଇଛି । ଯଦି କେହି ଏହାର ବିରୋଧ କରୁଛି, ତେବେ ସମ୍ପୃକ୍ତ ପ୍ରଭାବଶାଳୀ ବ୍ୟକ୍ତି ଆଖ ପାଖର ନୀରିହ ଆଦିବାସୀ ଲୋକଙ୍କୁ ମତାଇ ମୁହଁ ଖୋଲୁଥିବା ଲୋକର ମୁହଁ ବନ୍ଦ କରୁଥିବା ଖବର ମିଳିଛି । ଏଭଳି ଗୁଣ୍ଡା ଶ୍ରେଣୀୟ ବ୍ୟକ୍ତି ତଥା ସରକାରୀ ଜମି ହଡ଼ପ ଲାଗି ଉଦ୍ୟମ କରୁଥିବା ବ୍ୟକ୍ତିଙ୍କୁ ରାଉରକେଲା ତହସିଲର କିଛି କର୍ମଚାରୀ ବୃଦ୍ଧି ଦେବା ସହ ତାକୁ ସମର୍ଥନ କରି ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଅବମାନନା କରୁଥିବା ଅଭିଯୋଗ ହେଉଛି । ଏହି ଯାଗା ବାବଦରେ ଜିଲ୍ଲାପାଳ ଅକ୍ଟୋବର ୨୦ ପରେ ଉପଜିଲ୍ଲାପାଳ ପାନପୋଷଙ୍କୁ କହିବା ପରେ, ଉପଜିଲ୍ଲାପାଳ ଏ ନେଇ ତୁରନ୍ତ ଛେଣ୍ଡ ଅଂଚଳରେ ଥିବା ରାଜସ୍ୱ ନିରୀକ୍ଷକଙ୍କୁ ଜଣାଇଥିଲେ । ଖୋଦ୍ ରାଜସ୍ୱ ନିରୀକ୍ଷକ ଶ୍ରୀ ଗୁପ୍ତା ଘଟଣାସ୍ଥଳ ପରିଦର୍ଶନ କରି ଏକ ମାମଲା କରିବାକୁ ୫ ଦିନ ଭିତରେ ଏକ ରିପୋର୍ଟ ତହସିଲଦାର ପାନପୋଷଙ୍କୁ ପଠାଇଥିଲେ । ହେଲେ ଦୁର୍ଭାଗ୍ୟର ବିଷୟ ଯେ, ଆଜିଯାଏ ଏନେଇ ମାମଲା ଟିଏ ହୋଇପାରିଲାନି କି ଉଚ୍ଛେଦ ମଧ ହୋଇପାରିଲାନି । ବରଂ ଏନେଇ ପଚରା ଜିବାରୁ ଦାୟିତ୍ୱରେ ଥିବା ଜବରଦଖଲ ବିଭାଗ ଅଧିକାରୀ ସେ ଫାଇଲକୁ ଖୋଜି ପାଇଲେ ନାହିଁ ବୋଲି ଉତର ରଖିଛନ୍ତି । ଅନୁରୂପ ଭାବେ ପାନପୋଷ ପୋଷ୍ଟ ମର୍ଟମ ଘରର ପଛପାଖ ଇଲାକା ଓ ଆଖ ପାଖରେ ଥିବା ମୂଲ୍ୟବାନ ସରକାରୀ ଜମି ଗୁଡିକ ଏବେ ଜବରଦଖଲ ହେବାରେ ଲାଗିଛି । ପାଖା ପାଖି ୨୦୦ ଘର ସେଠାରେ ନିର୍ମାଣ ହୋଇସାରିଥିବା ବେଳେ ଲୋକେ ନିଜ ଧର୍ମ ସ୍ଥାନ ତିଆରି କରି ପୂଜା ପାଠ ମଧ ଆରମ୍ଭ କରିଛନ୍ତି । କିଛି ଦଲାଲ୍ ଏମାନଙ୍କୁ ସେହି ଜମି ଗୁଡିକ ବିକି ଥିବା ବେଳେ ଏହି ମୂଲ୍ୟବାନ ଜମି ଗୁଡିକ ଜବର ଦଖଲ ହେଉଥିବା ନେଇ ରାଜସ୍ୱ ବିଭାଗର ବାବୁମାନେ ପୁରା ଚୁପ୍ । ରାଉରକେଲା ସ୍ମାର୍ଟସିଟି ହୋଇଥିବା ବେଳେ, ସ୍ମାର୍ଟସିଟିକୁ ନେଇ ହେଉଥିବା କାମରେ ଏହି ଜବରଦଖଲ ଗୁଡିକ ନାନା ସମସ୍ୟା ସୃଷ୍ଟି କରିଚାଲିଛି । ଏହା ଛଡା ନାଲା ରୋଡ ଅଂଚଳ ଦେଇ ଯାଇଥିବା ରାସ୍ତାର ଗୋଟାଏ ପାଖର ଯାଗା ଗୁଡିକ ଜବର ଦଖଲ ହୋଇଚାଲିଛି । ରାସ୍ତାପାଖ ଯାଗା ଦଖଲ ହେବା ସହ ରିଂରୋଡକୁ ଲାଗି ରହିଥିବା ନାଳକୁ ପୋତି ସେଠାରେ ମଧ ଘର ତିଆରି ରାତା ରାତି ଚାଲିଛି । ଫଳରେ ରାସ୍ତା କଡରେଥିବା ନାଳ ପୋତି ହେବା ସହ ଲାଗିଥିବା ଗଛ ଗୁଡିକ ପ୍ରତି ବିପଦ ସୃଷ୍ଟି ହୋଇଛି । ଏବେ ସହରର ଏଭଳି ସ୍ଥିତିରୁ ଏମିତି ଲାଗୁଛି ଯେ, ସରକାରୀ ଜମି ଗୁଡିକୁ ସତେ ଯେମିତି ଦେଖିବା ଲାଗି କେହି ନାହିଁ । ଜିଏ ଯେଉଁଠି ପାରିଲା ଜବର ଦଖଲ କଲା ଓ ସେହି ଜବର ଦଖଲକାରୀମାନଙ୍କୁ ରାସ୍ତା ଦେଖାଇ ତହସିଲ, ଆରଆଇ ଅଫିସ୍ ର କିଛି ବାବୁ ବେଶ୍ କିଛି ରୋଜଗାର କରିଚାଲିଛନ୍ତି । ଏଭଳି ସ୍ଥିତିରେ ରାଉରକେଲାରେ ୨୦୧୨ ମସିହାରୁ ଗୋଟାଏ ହେଲେ ଜବରଦଖଲକାରୀଙ୍କୁ ଉଚ୍ଛେଦ କରାଯାନଥିବା କଥା ସାଧାରଣରେ ଆଶ୍ଚର୍ଯ୍ୟ ସୃଷ୍ଟି କରିଛି । ୨୦୧୨ରୁ ପାନପୋଷ ଉପଜିଲ୍ଲାପାଳଙ୍କ ଅଫିସ ଅଧିନରେ ୧୧୭ ଟି ଜବରଦଖଲ ମାମଲା କରାଯାଇଥିଲା । ହେଲେ ସେଗୁଡିକ ମଧରୁ ଜଣକୁ ହେଲେ ଉଚ୍ଛେଦ କରାଯାଇନାହିଁ । ନିକଟରେ ସରକାରଙ୍କ ପତ୍ରାଙ୍କ ନଂ ୪୪୩୯ ,ତା ୨୭ ଜାନୁଆରୀ ୨୦ ଅନୁଯାୟୀ ଜବରଦଖଲ ମାମଲା ଲାଗି ତହସିଲଦାର ଓ ଅତିରିକ୍ତ ତହସିଲଦାର ମାନଙ୍କୁ କ୍ଷମତା ଦିଆଯାଇଛି । ଏହି କ୍ଷମତା ପରେ ୬ ମାସ ଭିତରେ ମାତ୍ର ୨ଟି ମାମଲା ରୁଜ୍ଜୁ ହୋଇଥିବା ପ୍ରକାଶ ।

# ଭୁବନ ତହସିଲରେ ୧ ଘଂଟା ମଧରେ ପଟ୍ଟା ପ୍ରଦାନ କାର୍ଯ୍ୟର ଶୁଭାରମ୍ଭ

ଭୁବନ,୨୫।୬ (ନି.ପ୍ର): ଓଡିଶା ସରକାର ଙ୍କ ରାଜସ୍ୱ ବିଭାଗ ନୋଟିଫିକେସନ ନଂ- ୧୭୨୩୫ ତା ୨୬.୫.୨୦୨୦ ଅନୁଯାୟୀ ସପ୍ତାହକ ମଧ୍ୟରେ ପଟ୍ଟା ପ୍ରଦାନ କରାଯିବାକୁ ବିଜ୍ଞପ୍ତି ପ୍ରକାଶ କରିଥିବା ବେଳେ ଭୁବନ ତହସିଲରେ ଆଜି ଏହି କାର୍ଯ୍ୟର ଶୁଭାରମ୍ଭ ହୋଇଥିଲା । ତହସିଲଦାର ଶକ୍ତିକାନ୍ତ ରାୟ ସବରେଜେଷ୍ଟ୍ରି କାର୍ଯ୍ୟାଳୟରେ ଅଁଳାଝାରୀ ଗ୍ରାମର ପ୍ରମୋଦ କୁମାର ବେହେରା, କୀର୍ତ୍ତନପୁର ଗ୍ରାମର ଝୁମର କମାରଙ୍କର ଦଲିଲ ରେଜେଷ୍ଟ୍ରି ହେବାର ଏକ ଘଂଟା ମଧ୍ୟରେ ପଟ୍ଟା ପ୍ରସ୍ତୁତ କରି ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମସ୍ତ ରାଜସ୍ୱ ନୀରିକ୍ଷକ ଓ ଅତିରିକ୍ତ ତହସିଲଦାର ମନୋଜ କୁମାର ମାଝି ଉପସ୍ଥିତ ଥିଲେ । ଜମି କ୍ରେତା, ବିକ୍ରେତା ଓ ସମସ୍ତ ଅଂଶୀଦାର ସହମତି ଥିଲେ ଦଲିଲ ରେଜେଷ୍ଟ୍ରି ର ସପ୍ତାହକ ମଧରେ ପଟ୍ଟା ପ୍ରଦାନ କରିବାରେ କୌଣସି ଅସୁବିଧା ନାହିଁ, ଯେଉଁଠି ଅଂଶୀଦାର ମାନଙ୍କର ଆପତି, ଅଭିଯୋଗ ଥିବ ସେ କ୍ଷେତ୍ରରେ ତଦନ୍ତ କରାଯାଇ ପଟ୍ଟା ପ୍ରଦାନ କରାଯିବ ବୋଲି ତହସିଲଦାର ଶକ୍ତିକାନ୍ତ ରାୟ ଗଣମାଧ୍ୟମ କୁ ସୂଚନା ଦେଇଥିଲେ ।

## ବେଲଘରରେ କରୋନା ସଂକ୍ରମିତ ଚିହ୍ନଟ

# ସଙ୍ଗରୋଧ କେନ୍ଦ୍ରରୁ ବାହାରି ଗାଁରେ ବୁଲୁଥିବା ନେଇ ଅଭିଯୋଗ

କନ୍ଧମାଳ,୨୫।୬ (ନି.ପ୍ର): କନ୍ଧମାଳ ଜିଲ୍ଲା ବେଲଘର ସ୍ଥିତ ହାଇସ୍କୁଲରେ ଥିବା ସଙ୍ଗରୋଧ କେନ୍ଦ୍ରରେ ଥିବା ଜଣେ ବ୍ୟକ୍ତିଙ୍କ କରୋନା ପଜିଟିଭ ଚିହ୍ନଟ ହୋଇଛି । ଫଳରେ ବେଲଘର ଅଂଚଳର ଲୋକେ ଭୟଭୀତ ହୋଇପଡିଛନ୍ତି । କରୋନା ପଜିଟିଭ ଚିହ୍ନଟ ବ୍ୟକ୍ତି ଜଣକ କୁଆଡେ ସଙ୍ଗରୋଧ କେନ୍ଦ୍ରରୁ ବାହାରକୁ ଆସି ବୁଲାବୁଲି କରିବା ସହ ଲୋକଙ୍କ ସହ ମିଶିଥିବା ନେଇ ଆଲୋଚନା ହେବା ପରେ ଗାଁରେ ଭୟର ବାତାବରଣ ସୃଷ୍ଟି ହୋଇଛି । ସଂପୃକ୍ତ କରୋନା ପଜିଟିଭ ବ୍ୟକ୍ତିଙ୍କ ଟ୍ରାଭେଲ ହିଷ୍ଟ୍ରି ବାହର କରିବାକୁ ଲୋକେ ସରପଂଚଙ୍କ ନିକଟରେ ଦାବୀ କରିଛନ୍ତି । ହେଲେ ଏଯାଏଁ ସଂପୃକ୍ତ ଅଂଚଳକୁ କଂଟେନମେଂଟ ଘୋଷଣା କରାଯାଇନି । ଅଗ୍ନିଶମ ବିଭାଗ ପକ୍ଷରୁ ସଙ୍ଗରୋଧ କେନ୍ଦ୍ରକୁ ବିଶୋଧନ କରାଯାଇଛି । ସଙ୍ଗରୋଧ କେନ୍ଦ୍ର ବାହାରକୁ ଆସି ବୁଲିବା ମନା ହୋଇଥିଲେ ମଧ କିଛି ସଙ୍ଗରୋଧ କେନ୍ଦ୍ରରେ ଥିବା ଲୋକ ବାହାରକୁ ଆସି ବୁଲାବୁଲି କରୁଥିବା ଦେଖାଯାଉଛି । ପ୍ରଶାସନ ଏଥିପ୍ରତି ସତର୍କ ଦୃଷ୍ଟି ଦେବାକୁ ଦାବୀ ହେଉଛି ।

# ରଥ ଗଡିଲାନି ଗାଁ ଦାଣ୍ଡରେ

ଡେଲାଙ୍ଗ,୫।୬ ପୁରୀ ଜିଲ୍ଲା ଡେଲାଙ୍ଗ ବ୍ଲକ ଅର୍ନ୍ତଗତ ଘୋରଡିଆ ଗ୍ରାମର ଶ୍ରୀଶ୍ରୀ ପତିତପାବନ ଦବଙ୍କ ପ୍ରସିଦ୍ଧ ରଥ ଯାତ୍ରା ଚଳିତ ବର୍ଷ ଘୋରଡିଆ ଦାଣ୍ଡରେ ରଥ ଗଡିଲାନି । ମହାମାରୀ କରୋନା ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ପୁରୀ ବ୍ୟତିତ ଅନ୍ୟ ସବୁ ସ୍ଥାନରେ ରଥଯାତ୍ରା ଉପରେ କଟକଣା ଜାରୀ କରାଯାଇଥିବାରୁ ଚଳିତ ବର୍ଷ ରଥଯାତ୍ରା କାର୍ଯ୍ୟକ୍ରମ ଡେଲାଙ୍ଗରେ ବନ୍ଦ ରହିଛି । କେବଳ ପରମ୍ପରାକୁ ବଜାୟୀ ରଖିବା ପାଇଁ ପୂଜାବିଧି ରିତିନିତୀରେ ବିଭିନ୍ନ ସ୍ଥାନରେ ସମ୍ପନ୍ନ କରାଯାଇଛି । ଏହି ପରିପେକ୍ଷିରେ ଘୋରଡିଆ ପତିତପାବନ ରଥଯାତ୍ରା କମିଟିର ପରିଚାଳକ ବିଜୟ ମିଶ୍ରଙ୍କ ତତ୍ୱାଧନରେ ପତିତପାବନ ଦେବଙ୍କ ରଥଯାତ୍ରା ପୂଜାବିଧି ନିତିକାନ୍ତି ମନ୍ଦିର ବେଢାରେ ହୋଇଥିବା ବେଳେ କଟକଣା ଯୋଗୁ ରଥ ଘୋରଡିଆ ଦାଣ୍ଡରେ ଗଡି ପାରିନଥିଲା ।

# ନାବାଳିକା ଅପହରଣରେ ସମ୍ପୃକ୍ତ ନାବାଳକର ଆତ୍ମହତ୍ୟା

କନ୍ଧମାଳ,୨୪,ଜୁନ୍ (ହି.ସ.)- ଜଣେ ନାବାଳିକାଙ୍କୁ ଅପହରଣ ମାମଲାରେ ସମ୍ପୃକ୍ତ ଜଣେ ନାବାଳକ ଆତ୍ମହତ୍ୟା କରିଛି । ଆତ୍ମହତ୍ୟା କରିଥିବା ନାବାଳକ ଜଣ ହେଉଛି ସଦର ଥାନା ଅନ୍ତର୍ଗତ ଆଲାମୀ ପଂଚୟତ ଲୁହୁରୁବାଲି ଗ୍ରାମର ବଂଶିଧର ଦିଗାଲଙ୍କ ପୁଅ ପ୍ରିୟବ୍ରତ(୧୭) । ପ୍ରାୟ ଏକମାସ ତଳେ ଜଣେ ନବାଳିକାକୁ ଅପହରଣ କରାଯାଇଥିବା ନେଇ ଟାଉନଥାନାରେ ଅଭିଯୋଗ ହୋଇଥିବା ବେଳେ ପୁଲିସ ପ୍ରିୟବ୍ରତ ସମେତ ଅନ୍ୟ ୩ ଜଣ ଅଭିଯୁକ୍ତଙ୍କୁ ଧରିଥିଲା । ଅନ୍ୟ ୩ ଅଭିଯୁକ୍ତ ସାବାଳକ ଥିବାରୁ ସେମାନଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା । ତେବେ ପ୍ରିୟବ୍ରତ ନାବାଳକ ଥିବାରୁ ତାଙ୍କୁ ଜୁଭେନାଇଲ ଜଷ୍ଟିସ୍ ବୋର୍ଡରେ ହାଜର କରାଯାଇଥିଲା ଏବଂ ବୋର୍ଟ ତାଙ୍କୁ ବ୍ରହ୍ମପୁର ସ୍ଥିତ ସୁଧାର ଗୃହକୁ ପଠାଇଥିଲା । ୪ ଦିନ ତଳେ ପ୍ରିୟବ୍ରତ ସେଠାରୁ ଛାଡ ପାଇ ଘରକୁ ଫେରିଥିଲା । ଗତକାଲି ଖରାବେଳେ ପ୍ରିୟବ୍ରତକୁ ତାଙ୍କ ବାପା କୌଣସି କାରଣକୁ ନେଇ ଗାଳି କରିଥିଲେ । ସେଥିରେ ଉତ କ୍ଷିପ୍ତ ହୋଇ ଘରୁ ଚାଲି ଯାଇଥିଲା । ଆଜି ସକାଳେ ଘର ଠାରୁ ଅଧ କିମି ଦୁର ଜଙ୍ଗଲର ଏକ ଗଛରେ ବେକରେ ରଶି ଲାଗି ଝୁଲୁଥିବା ଅବସ୍ଥାରେ ଗ୍ରାମଲୋକ ଦେଖି ପୁଲିସ୍ କୁ ଖବର ଦେଇଥିଲେ । ପୁଲିସ୍ ଆସି ପ୍ରିୟବ୍ରତର ମୃତ ଶରୀରକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ୯/୨୦୨୦ ରୁଜୁ କରି ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ଆଦିତ୍ୟ କୁମାର ସେଠୀ ସୂଚନା ଦେଇଛନ୍ତି ।

# ଦେଶରେ କରୋନା ଟେଷ୍ଟ ସଂଖ୍ୟା ପ୍ରତିଦିନ ୨ ଲକ୍ଷରେ ପହଂଚିଲା

## ଦେଶରେ କରୋନା ପରୀକ୍ଷାଗାର ସଂଖ୍ୟା ୧୦୦୦ ଉପରେ

ନୂଆଦିଲ୍ଲୀ,୨୫।୬ (ନି.ପ୍ର): ଦେଶରେ କରୋନା ପରୀକ୍ଷା ସଂଖ୍ୟା ଏବେ ଦୁଇଲକ୍ଷରେ ପହଂଚିଲାଣି । ଦେଶରେ ଗତ ୨୪ ଘଂଟାରେ ୨ ଲକ୍ଷ ୧୫ ହଜାର କରୋନା ପରୀକ୍ଷା କରାଯାଇଛି । ଏହା ଏବେ ସୁଦ୍ଧା ସବୁଠୁ ଅଧିକ ସଂଖ୍ୟା ଅଟେ । ଏଥି ସହିତ ଏବେ ସୁଦ୍ଧା ୭୩ ଲକ୍ଷ ୫୦ ହଜାର କରୋନା ଟେଷ୍ଟ କରାଯାଇଛି । ଦେଶରେ ଏବେ ସୁଦ୍ଧା ୧୦୦୦ ରୁ ଅଧିକ ପରୀକ୍ଷାଗାର କରାଯାଇଛି । ଏଥି ମଧ୍ୟରୁ ୭୩୦ ସରକାରୀ ପରୀକ୍ଷାଗାର ଓ ୨୭୦ ଘରୋଇ ପରୀକ୍ଷା ଗାର ଅଟେ । ଦେଶରେ ରିକଭରି ରେଟ୍ ୫୬.୭୧ ପ୍ରତିଶତ ରହିଛି । ଦେଶରେ କରୋନାର ନୂଆ ମାମଲା ବଢ଼ିବା ସହିତ ଏହି ରୋଗରୁ ଠିକ ହୋଇଥିବା ବ୍ୟକ୍ତିଙ୍କ ସଂଖ୍ୟା ବି ବଢ଼ି ବଢ଼ି ଚାଲିଛି । ଏବେ ସୁଦ୍ଧା ଅଢ଼େଇ ଲକ୍ଷରର ଅଧିକ ରୋଗୀ ଠିକ ହୋଇଛନ୍ତି ଏବଂ ୧,୮୩,୦୨୨ ଜଣ ରୋଗୀ ଚିକିତ୍ସିତ ଅଛନ୍ତି ।

# କେନ୍ଦ୍ରାପଡ଼ାରେ ଶ୍ରୀ ତାଳଧ୍ୱଜ ପ୍ରତିକା ଉନ୍ମୋଚିତ

କେନ୍ଦ୍ରାପଡ଼ା,୨୫।୬ (ନି.ପ୍ର): କେନ୍ଦ୍ରାପଡାର ଆରାଧ ପ୍ରଭୁ ଶ୍ରୀ ବଳଦେବଜୀୟୁଙ୍କ ସଂସ୍କୃତି ଉପରେ ଆଧାରିତ ପତ୍ରିକା 'ଶ୍ରୀ ତାଳଧ୍ୱଜ' ଉପ ଜିଲ୍ଲାପାଳ ଜ୍ୟୋତି ରଂଜନ ମହାପାତ୍ର ଉନ୍ମୋଚିତ କରିଛନ୍ତି । ବୁଧବାର ଶ୍ରୀ ବଳଦେବଜୀୟୁଙ୍କ ବଡଦାଣ୍ଡରେ ଏହି ପତ୍ରିକା ଉନ୍ମୋଚନ ସମୟରେ ବରିଷ୍ଠ ସାମ୍ବାଦିକ ତଥା ସେବାୟତ ଦେବେନ୍ଦ୍ର ସୁଆର, ପ୍ରତିକାର ସଂପାଦକ ସରୋଜ କୁମାର ମହାନ୍ତି, ଭୁବନ ମୋହନ ଜେନା, ବଳରାମ ସାହୁ, ପଣ୍ଡିତ ହୃଷିକେଶ ପଣ୍ଡାଙ୍କ ସମେତ ବହୁ ସେବାୟତ ଯୋଗ ଦେଇଥିଲେ ।

# ଆଖଣ୍ଡଳମଣି ପୀଠରେ କାର୍ଯ୍ୟକାରୀ ହେବ ମାଷ୍ଟରପ୍ଲାନ

ଭଦ୍ରକ, ୨୫/୬ (ହି.ସ.) - ରାଜ୍ୟର ସର୍ବପୁରାତନ ଶୈବକ୍ଷେତ୍ର ଭାବେ ପ୍ରସିଦ୍ଧିଲାଭ କରିଥିବା ଆଖଣ୍ଡଳମଣିଙ୍କ ପୀଠର ହେବ ଉନ୍ନତିକରଣ । ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଛି ୬କୋଟି ଟଙ୍କା । ଏପରିକି କାର୍ଯ୍ୟକାରୀ ଜିଲା ପ୍ରଶାସନ ଓ ରାଜ୍ୟ ପ୍ରତ୍ନତତ୍ୱ ବିଭାଗ ପକ୍ଷରଁ ବ୍ଲୁପ୍ରିଂଟ ପ୍ରସ୍ତୁତ ହେବା ସହ ଟେଣ୍ଡର ପ୍ରକ୍ରିୟା କରାଯାଇଥିଲା । ହେଲେ କରୋନା ନାମକ ମହାମାରୀ ପାଇଁ ଦୀର୍ଘ ୩ମାସ ହେବ ଉକ୍ତ କାର୍ଯ୍ୟ ବନ୍ଦ ରହିଥିଲା । ଏବେ କୋଭିଡ-୧୯ ପାଇଁ କଟକଣା ଜାରି ରହିଥିଲେ ମଧ ସମସ୍ତ ପର୍ଯ୍ୟଟନସ୍ଥଳର ଉନ୍ନିତମୂଳକ କାର୍ଯ୍ୟ ପାଇଁ ସରକାରଙ୍କ ପକ୍ଷରୁ କୋହଳ କରାଯାଇଥିବାରୁ ବୁଧବାର ଅପରାହ୍ନରେ ରାଜ୍ୟ ପ୍ରତ୍ନତତ୍ୱ ବିଭାଗର ଆରିକଟେକର ସଞ୍ଜିବ କୁମାର ଗୁରୁ, ଭଦ୍ରକ ଉପ-ଜିଲାପାଳ ତଥା ମନ୍ଦିର ଟ୍ରଷ୍ଟି ପିତାମ୍ବର ସାମଲ, ଜିଲା ଗୃହନିର୍ମାଣ ବିଭାଗର ଅଧିକାରୀ ଅମ୍ବିକା ସ୍ୱାଇଁ , ଚାନ୍ଦବାଲି ତହସିଲଦାର ଶୁଶାନ୍ତ କୁମାର ସୁତାର, ଆରଡି ରାଜସ୍ୱ ନୀରିକ୍ଷକ ଦେବାଶିଷ ରାୟ, ମନ୍ଦିର ପରିଚାଳକ ବିଦ୍ୟାଧର ପଲାଇ ପ୍ରମୁଖ ଆରଡିପୀଠରେ ପହଁଚ କାର୍ଯ୍ୟକାରି ହେବାକୁ ଥିବା ସମସ୍ତ କାର୍ଯ୍ୟର କ୍ଷେତ୍ର ପରିଦର୍ଶନ କରିଥିଲେ । । ଏହି କ୍ଷେତ୍ର ପରିଦର୍ଶନରେ ଆରଡି ସରପଂଚ ଅରବିନ୍ଦ ପାଢୀଙ୍କ ସହ ମନ୍ଦିରର ସେବାୟତ ଉପସ୍ଥିତ ଥିଲେ । ପୂର୍ବରୁ ପ୍ରସ୍ତୁତ ବ୍ଲୁପ୍ରିଂଟ ଅନୁଯାୟୀ ମନ୍ଦିର ଚତୁଃପାର୍ଶ୍ୱ ଓ ବେଢା ସମ୍ପ୍ରସାରଣର କାର୍ଯ୍ୟ ଖୁବଶିଘ୍ର କରାଯିବ ବୋଲି ଉପ-ଜିଲାପାଳ ଶ୍ରୀ ସାମଲ ପ୍ରକାଶ କରିଥିଲେ । ଏପରିକି ସମସ୍ତ ଅଧିକାରୀ ପୀଠର ସ୍ଥିତ ପରଖିବା ସହ ଦୀର୍ଘଦିନ ଧରି ଜବରଦଖଲରେ ଥିବା ମଣିବାବାଙ୍କ ଭୂସମ୍ପତିର ଉଦ୍ଧାର ନିମନ୍ତେ ମନ୍ଦିର କାର୍ଯ୍ୟାଳୟ ପରିସରରେ ସମୀକ୍ଷା କରିଥିଲେ । ବିଶେଷକରି ମଣିବାବାଙ୍କ ଶିବଗଙ୍ଗା ପୁଷ୍କରିଣୀର ଚତୁଃପାର୍ଶ୍ୱ, ପୁଷ୍ପ ଉଦ୍ୟାନ ଠାରୁ ଅତିଥିଭବନ ଗୃହ ଯାଇଥିବା ମୁଖ୍ୟ ରାସ୍ତାର ସମ୍ପ୍ରସାରଣ, ମନ୍ଦିର ପଶ୍ଚିମ ମୁଖଚାଳି ଠାରୁ ପୀଠର ପ୍ରବେଶ ପଥ ରାସ୍ତାର ସମ୍ପ୍ରସାରଣ ନିମନ୍ତେ ଖୁବଶିଘ୍ର ମପାଚୁପା କାର୍ଯ୍ୟ କରିବା ପାଇଁ ଚାନ୍ଦବାଲି ତହସିଲଦାର ଶ୍ରୀ ସୁତାରଙ୍କ ସହ ଅଧିକାରୀମାନେ ଆଲୋଚନା କରିଥିଲେ । ଏପରିକି ବୁଧବାର ଜିଲାପ୍ରଶାସନ ପରାମର୍ଶ କ୍ରମେ ଚାନ୍ଦବାଲି ତହସିଲ ପକ୍ଷରୁ ପୀଠରେ ପ୍ରାଥମିକ ମାପଚୁପ କାର୍ଯ୍ୟ ଆରମ୍ଭ ହୋଇଥିବା ତହସିଲଦାର ଶ୍ରୀ ସୁତାର ପ୍ରକାଶ କରିଛନ୍ତି । ସୂଚନା ଅନୁଯାୟୀ ଆଖଣ୍ଡଳମଣି ପୀଠର ସୌନ୍ଦର୍ଯ୍ୟକରଣ ଓ ଆଗନ୍ତୁକ ଶ୍ରଦ୍ଧାଳୁମାନଙ୍କର ସୁବିଧା ନିମନ୍ତେ ଦୀର୍ଘବର୍ଷ ହେବ ଏକ ମାଷ୍ଟରପ୍ଲାନ ପ୍ରସ୍ତୁତ ହୋଇଥିଲେ ମଧ ଅର୍ଥାଭାବରୁ ଉକ୍ତ ପ୍ଲାନ ପ୍ରସ୍ତୁତ ବିଭିନ୍ନ କାର୍ଯ୍ୟ ଅଟକି ରହିଥିଲା । ହେଲେ ରାଜ୍ୟ ସରକାରଙ୍କ ପକ୍ଷରୁ ପୀଠର ବିକାଶ ପାଇଁ ୬କୋଟି ଟଙ୍କା ଯୋଗାଇ ଦିଆଯାଇଥିବାରୁ ପ୍ରାଥମିକ ଭାବେ ମନ୍ଦିର ବେଢାର ସମ୍ପ୍ରସାରଣ ସହ ଚଟାଣ ମରାମତି, ମଣିବାବାଙ୍କ ଗମ୍ଭୀରାଘର ମରାମତି, ଶ୍ରାବଣୀ ମଣ୍ଡପ ନିର୍ମାଣ, ମନ୍ଦିର ଚାରି ଦ୍ୱାରର ସୌନ୍ଦର୍ଯ୍ୟକରଣ, ଭକ୍ତମାନଙ୍କର ଉପାସନା ଗୃହ ନିର୍ମାଣ, ୬୦ଗୋଟି ଦୋକାନ ଗୃହ ନିର୍ମାଣ ଆଦି କରାଯିବ ବୋଲି ଆଲୋଚନା ହୋଇଥିଲା ।

## ୟୁ|ଥ୍|ଆ|ଲ|ର୍ଟ

# କମାନ୍ତୁ ଇନ୍ଧନ ଖର୍ଚ୍ଚ

**ଦିନକୁ ଦିନ ଗାଡ଼ି ମୋଟର ସଂଖ୍ୟା ଯେଉଁ ଭଳି ବଢ଼ି ଚାଲିଛି ସେହି ଅନୁପାତରେ ପୃଥିବୀକୁ କ୍ରମଶଃ ଇନ୍ଧନ ହ୍ରାସ ପାଉଛି । ଗାଡ଼ି ବ୍ୟବହାର କରୁଥିଲେ କେତୋଟି ଛୋଟ କଥା ପ୍ରତି ଦୃଷ୍ଟି ଦେଲେ ଆପଣ ପେଟ୍ରୋଲ, ଡିଜେଲ ଆଦି ଇନ୍ଧନ ଖର୍ଚ୍ଚ କମାଇ ପାରିବେ । ଜାଣି ରଖନ୍ତୁ ସେ ସମ୍ପର୍କରେ...**

➢ପେଟ୍ରୋଲ କିମ୍ବା ଡିଜେଲ୍ ବଞ୍ଚାଇବା ଲାଗି ସବୁଠାରୁ କମ୍ ଦୂରତା ବା ଶର୍ଟକଟ୍ ରାସ୍ତା କେଉଁଟା ପୂର୍ବରୁ ଜାଣିଲେ ମଧ୍ୟ ଯିବା ସମୟରେର ଆପଣ ଅସୁବିଧାର ସମ୍ମୁଖୀନ ନ ହେବା ସହ ଯଥେଷ୍ଟ ସମୟ ଏବଂ ଇନ୍ଧନ ବଞ୍ଚାଇ ପାରିବେ ।

➢ଦୁଇଚକିଆ ହେଉ କିମ୍ବା ବଡ଼ ଗାଡ଼ିରେ ଯାତ୍ରା କରୁଥିଲେ ଟ୍ରାଫିକ୍‌ରେ ରାସ୍ତା ପାର କରିବା ଲାଗି ଅପେକ୍ଷା କରିବା ସମୟରେ ହେଉ କିମ୍ବା ହଠାତ୍ କାହା ସହ ଭେଟ ହୋଇଗଲେ କଥା ହେବା କିମ୍ବା ରାସ୍ତାକଡ଼ରୁ କିଛି କିଣିବା ସମୟରେ ଗାଡ଼ିକୁ ଷ୍ଟାର୍ଟ ମୋଟ୍‌ରେ ନରଖି ବନ୍ଦ କରିଦିଅନ୍ତୁ ।

➢ବଡ଼ ଗାଡ଼ିରେ ବିନା ଏସିରେ କେଉଁଆଡ଼େ ଯିବା ଲାଗି ଅନେକେ କୁଣ୍ଠାବୋଧ କରିଥାନ୍ତି । ଯଦିଓ ଏହା ଆରାମଦାୟକ ହେଲେ ଆପଣ ଜାଣନ୍ତି କି, ଏସି ପ୍ରାୟ ୧୦% ପେଟ୍ରୋଲ ଖର୍ଚ୍ଚ କରିଥାଏ ।



ତେଣରୁ ଏସି ଅନ୍ କରୁଥିଲେ ଗାଡ଼ି ଭିତରେ ଥଣ୍ଡା ହେବାର ତୁରନ୍ତ ପରେ ବନ୍ଦ କରିଦିଅନ୍ତୁ ଏବଂ ଅଳ୍ପ ସମୟ ଫ୍ୟାନ୍ ଅନ୍ କରିଦିଅନ୍ତୁ । ଏହାଦ୍ୱାରା ଗାଡ଼ି ଭିତର ଥଣ୍ଡା ରହିବା ସହ ଆପଣ ଇନ୍ଧନ ମଧ୍ୟ ବଞ୍ଚାଇ ପାରିବେ ।

➢ଦିନବେଳା ଗାଡ଼ିକୁ ସବୁବେଳେ ଉପରେ ଛାତ ବା ଯେକୌଣସି ଛପର ଥିବା ସ୍ଥାନରେର ରଖନ୍ତୁ । ଏଭଳି ସୁବିଧା ନ ଥିଲେ ଗଛ ଛାଇରେ ପାର୍କିଂ କରନ୍ତୁ । କାରଣ ସିଧା ସଳଖ ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସିବା ଦ୍ୱାରା ଗାଡ଼ି ସହ ଏହାର ଇଞ୍ଜିନ ଗରମ ହୋଇଥାଏ । ଗାଡ଼ି ଷ୍ଟାର୍ଟ ହେବା ପରେ ଇଞ୍ଜିନ ଥଣ୍ଡା ହେବା ଲାଗି ଅଧିକ ଇନ୍ଧନ ଆବଶ୍ୟକ କରଥାଏ । ତେଣୁ ଥଣ୍ଡା ଏବଂ ଛାଇ ସ୍ଥାନରେ ଗାଡ଼ି ପାର୍କ କରିବା ଦ୍ୱାରା ଆପଣ ଇନ୍ଧନ ବଞ୍ଚାଇ ପାରିବେ ।

➢ଗାଡ଼ି ଚାଳନା ମଧ୍ୟ ଏକ କଳା । କାରଣ ଭଲ ଭାବେ ଗାଡ଼ି ଚଳାଇପାରିଲେ ଜଣେ ନା କେବଳ ନିଜ ସହିତ ଗାଡ଼ିକୁ ସୁରକ୍ଷା ଦେଇପାରିବ ବରଂ ଅନାବଶ୍ୟକ ଇନ୍ଧନ ନଷ୍ଟକୁ ମଧ୍ୟ ରୋକିପାରିବ । କାରଣ ରଫ୍ ଡ୍ରାଇଭିଂ କରିବା, ମନଇଚ୍ଛା ଗାଡ଼ିର ଏକ୍ସିଲେରେଟର ବଢ଼ାଇବା, ହଠାତ୍ ବ୍ରେକ୍ କରିବା ଆଦି ଦ୍ୱାରା ଗାଡ଼ିର ଇନ୍ଧନ ମଧ୍ୟ ସେହି ଅନୁପାତରେ ଅଧିକ ସରିଥାଏ । ତେଣୁ ସ୍ମୁଥ୍ ଡ୍ରାଇଭିଂ ଦ୍ୱାରା କିଛି ମାତ୍ରାରେ ପେଟ୍ରୋଲ, ଡିଜେଲ ସେଭ୍ କରାଯାଇପାରିବ ।

➢ଇନ୍ଧନ ଖର୍ଚ୍ଚ ବଢ଼ିବାରେ ଗିୟର ପରିବର୍ତ୍ତନ ଠିକ୍ ଭାବେ ନ ହେବା ମଧ୍ୟ ଏକ କାରଣ । ହାଇ ସ୍ପିଡ୍‌ରେ ଲୋ ଗିୟର ଏବଂ ଲୋକ ସ୍ପିଡ୍‌ରେ ହାଇ ଗିୟର ବ୍ୟବହାର କରିବା ଦ୍ୱାରା ଆବଶ୍ୟକରୁ ଅଧିକ ଇନ୍ଧନ ସରିଥାଏ । ତେଣୁ କେତେ ସ୍ପିଡ୍‌ରେ କେତେ ନମ୍ବର ଗିୟର ପଡ଼ିବା ଦରକାର ଭଲଭାବେ ଜାଣନ୍ତୁ ଏବଂ ସେହି ଅନୁଯାୟୀ ଏହାର ଉପଯୋଗ କରନ୍ତୁ ।



## ପର୍ବତ ଧାରରେ ବ୍ୟାକ୍‌ଫ୍ଲିପ୍

ପର୍ବତ ଧାରରେ ଜଣେ ବ୍ୟକ୍ତିଙ୍କ ବ୍ୟାକ୍‌ଫ୍ଲିପ୍ ଭିଡିଓ ସୋସିଆଲ୍ ମିଡିଆ ୟୁଜର୍‌ଙ୍କ ଦୃଷ୍ଟି ଆକର୍ଷଣ କରିଛି । ତାଙ୍କର ଏ ପ୍ରକାର ମୂର୍ଖାମି ସମସ୍ତଙ୍କୁ ଚକିତ କରିଛି । ବ୍ୟବସାୟୀ ହର୍ଷ ଗୋଏଙ୍କା ନିଜ ଟ୍ୱିଟର୍ ଆକାଉଣ୍ଟରେ ୧୪ ସେକେଣ୍ଡର ଏକ ଭିଡିଓ ପୋଷ୍ଟ କରିଛନ୍ତି, ଯାହାକୁ ଏବେ ସୁଦ୍ଧା



୬୭ ହଜାରରୁ ଅଧିକ ଥର ଦେଖାଯାଉଛି । ଭିଡିଓରେ ବ୍ୟକ୍ତି ଜଣକ ଏକ ବନ୍ଧୁର ପର୍ବତର ଠିକ୍ ଧାରରେ ଠିଆ ହୋଇ ବିପଦପୂର୍ଣ୍ଣ ବ୍ୟାକ୍‌ଫ୍ଲିପ୍ ଷ୍ଟଣ୍ଟ ଦେଖାଇଛନ୍ତି । ଏହାକୁ ସେ ଖୁବ୍ ସହଜରେ କରିଛନ୍ତି । ବିପଦପୂର୍ଣ୍ଣ ବ୍ୟାକ୍‌ଫ୍ଲିପ୍ କରିବା ପରେ ସେ କ୍ୟାମେରାକୁ ଚାହିଁ ବିଜୟ ସଙ୍କେତ ଦେଇଛନ୍ତି । ତାଙ୍କର ଏହି ଷ୍ଟଣ୍ଟ ପ୍ରଶଂସାଯୋଗ୍ୟ କିମ୍ବା ମୂର୍ଖତା ଭାବେ ବିବେଚନା କରାଯିବା ଉଚିତ, ତାକୁ ନେଇ ଦ୍ୱନ୍ଦ୍ୱରେ ଅଛନ୍ତି ବୋଲି ହର୍ଷ ଗୋଏଙ୍କା କ୍ୟାପ୍‌ସନ ଲେଖିଛନ୍ତି । କିନ୍ତୁ ଭିଡିଓଟି ନକାରାତ୍ମକ ଭାବେ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି । ହର୍ଷ ଗୋଏଙ୍କାଙ୍କ କମେଣ୍ଟ ବିଭାଗରେ ୟୁଜର୍ ଏଭଳି ବିପଦପୂର୍ଣ୍ଣ ଷ୍ଟଣ୍ଟ ପଇଁ ବ୍ୟକ୍ତି ଜଣଙ୍କୁ ନିନ୍ଦା କରିଛନ୍ତି । ଭିଡିଓ ପ୍ରସ୍ତୁତି ଲାଗି ଜୀବନକୁ ବିପଦରେ ପକାଇଥିବାରୁ ଲୋକେ ତାଙ୍କୁ ଗାଳି କରୁଛନ୍ତି । ଷ୍ଟଣ୍ଟଟି ସଫଳ ହେଲେ ସୁଦ୍ଧା ତାହା ସମ୍ପୂର୍ଣ୍ଣ ଭାବେ ମୂର୍ଖାମି ବୋଲି କିଛି ୟୁଜର୍ ପ୍ରତିକ୍ରିୟା ଦେଇଛନ୍ତି । ଏହା ଦାୟିତ୍ୱହୀନତାକୁ ଦର୍ଶାଉଛି ବୋଲି ଅନ୍ୟ କିଛି କହିଛନ୍ତି ।

## ବିବାହ ରୀତିନୀତିର ବୈଜ୍ଞାନିକ କାରଣ



ଭାରତୀୟ ସଂସ୍କୃତି ତଥା ହିନ୍ଦୁ ପ୍ରଥା ପରମ୍ପରାର ବିବାହ କ୍ଷେତ୍ରରେ ରହିଛି କେତେକ ରୀତିନୀତି । ଏହାକୁ ପାଳନ କରିବା ଦ୍ୱାରା ଉଭୟ ବର ଓ କନ୍ୟାଙ୍କର ଶୁଭ ହୋଇଥାଏ । ବିବାହର ଏହି ରୀତିନୀତି ପଛରେ ରହିଛି ବୈଜ୍ଞାନିକ କାରଣ । ଏବେ ଜାଣିବା ବିବାହରେ ପାଳନ ହେଉଥିବା ରୀତିନୀତିର ବୈଜ୍ଞାନିକ କାରଣ....

**ମେହେନ୍ଦୀ ଲଗାଇବା:** ବିବାହର ପୂର୍ବ ଦିନ ପ୍ରଥମେ କନ୍ୟା ହାତରେର ମେହେନ୍ଦୀ ଲଗାଯାଇଥାଏ । ମେହେନ୍ଦୀରେ ଆଣ୍ଟିସେପ୍ଟିକ ଗୁଣ ରହିଛି । ମେହେନ୍ଦୀରେର ଥଣ୍ଡା ପ୍ରଦାନ କରିବାର ଗୁଣର ରହିଛି । ଯାହା କନ୍ୟାକୁ ଚିନ୍ତା, ମୁଣ୍ଡବ୍ୟଥା, ଜ୍ୱରର ପରି ସମସ୍ୟାରୁ ରକ୍ଷା କରିଥାଏ । ଏହାବ୍ୟତୀତ ମେହେନ୍ଦୀ କେତେକ ଜୀବାଣୁ ସଂକ୍ରମଣରୁ ରକ୍ଷା କରିଥାଏ ।





**ହଳଦୀ ଲଗାଇବା:** ବିବାହ ଦିନ କନ୍ୟା ହଳଦୀ ପାଣିରେ ଗାଧୋଇଥାଏ । ଏହା ବହୁତ ଶୁଭ । କନ୍ୟାଠାରେ ଗ୍ରହ ଦୋଷ ଥିଲେ ଏହାଦ୍ୱାରା ଦୂର ହୋଇଥାଏ ବୋଲି ବିଶ୍ୱାସ ରହିଛି । ଆୟୁର୍ବେଦିକ ବୈଜ୍ଞାନିକଙ୍କ ମତାନୁସାରେ ହଳଦୀରେ ଅନେକ ଔଷଧୀୟ ଗୁଣ ରହିଛି । ଯାହା ତ୍ୱଚାରୁ ଜୀବାଣରୁ ମାରି ଶରୀରକୁ ଶୁଦ୍ଧ କରେ । ଏହାସହ ତ୍ୱଚାରେ ଚମକ୍ ଆଣେ ।

**ଚୁଡ଼ି ପିନ୍ଧିବା:** ବିବାହ ପୂର୍ବରୁ କନ୍ୟାର ଦୁଇହାତରେ ବହୁତ ଚୁନି ପିନ୍ଧାଯାଏ । ମଣିବନ୍ଧରେ କେତେକ ଆକ୍ୟୁପ୍ରେସର୍ ପଏଣ୍ଟ ରହିଛି । ଚୁଡ଼ି ପିନ୍ଧିବା ଦ୍ୱାରା ଏହି ପଏଣ୍ଟରେ ଚାପ ପଡ଼େ । ଏହାଦ୍ୱାରା କନ୍ୟା ସୁସ୍ଥ ରହେ । ଏହା ସହିତ ଚୁଡ଼ି ଓ ତ୍ୱଚା ମଧ୍ୟରେ ହେଉଥିବା ଘର୍ଷଣ ଯୋଗୁଁ ରକ୍ତ ସଞ୍ଚାଳନ ସୁଚାରୁରୂପେ ହୋଇଥାଏ ।

**ସିନ୍ଦୂର ପିନ୍ଧିବା:** ବିବାହ ନୀତିନିୟମରେ କନ୍ୟାର ମଥାରେ ସିନ୍ଦୁର ଲଗାଇବାର ବଡ଼ ମହତ୍ୱ ରହିଛି । ମହିଳା ଜଣକ ବିବାହ କରିଥିବା ମଥାର ସିନ୍ଦୂର ହେଉଛି ପ୍ରମାଣ । ଏହା ବ୍ୟତୀତ ଏହା ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ । ଏଥିରେ ହଳଦୀ, ଚୁନା ଓ କିଛି ଧାତୁ ରହିଛି । ଯାହା କନ୍ୟାର ମନରେ ଏକାଗ୍ରତା ଆଣିଥାଏ । ଚଳଚଞ୍ଚଳ କନ୍ୟା ସିନ୍ଦୂର ପିନ୍ଧିଲା ପରେ ଧୀରସ୍ଥିର ବୋହୂ କନ୍ୟା ମଥାରେର ସିନ୍ଦୂର ଭରିବା ସମୟରେ ଏହା କନ୍ୟାକୁ ଥଣ୍ଡା ପ୍ରଦାନ କରିଥାଏ । ଏହାଦ୍ୱାରା କନ୍ୟା ଆରାମ ଅନୁଭବ କରିଥାଏ ।



**ଗୋଡ଼ମୁନ୍ଦି ପିନ୍ଧିବା:** ବିବାହ ସମୟରେ କନ୍ୟାକୁ ଗୋଡ଼ମୁନ୍ଦି ପିନ୍ଧାଯାଏ । ଏହାର ମଧ୍ୟ ବୈଜ୍ଞାନିକ କାରଣ ରହିଛି । ଗୋଡ଼ର ବୁଢ଼ାଙ୍ଗୁଳି ପାଖ ଆଙ୍ଗୁଠିରେ ବିଶେଷ ସ୍ନାୟୁ ରହିଛି । ଯାହା ଗର୍ଭାଶୟ ଓ ହୃଦପିଣ୍ଡ ସହିତ ସଂଯୁକ୍ତ ରହିଛି । ଗୋଡ଼ମୁଦି ଗର୍ଭାଶୟକୁ ଶକ୍ତିଶାଳୀ କରିଥାଏ । ଓ ମାସିକ ଧର୍ମକୁ ନିୟମିତ କରିଥାଏ । ଏହି ମୁଦି ରୂପାରେ ତିଆରି । ଏହା ପୃଥିବୀପୃଷ୍ଠକୁ ଆସୁଥିବା ଧ୍ରୁବଶକ୍ତିକୁ ଶରୀରକୁ ସ୍ଥାନାନ୍ତରିତ କରିଥାଏ ।



**ହୋମ କରିବା:** ଅଗ୍ନି ପବିତ୍ର । ଏହାକୁ ସାକ୍ଷୀ ରଖି ପତିପତ୍ନୀ ଜୀବନସାରା ସାଥୀ ହୋଇ ରହିବା ପାଇଁ ସଂକଳ୍ପ କରିଥାନ୍ତି । ଏହାବ୍ୟତୀତ ଅଗ୍ନି ଆଖପାଖର ବାତାବରଣ ଶୁଦ୍ଧ କରିଥାଏ । ଏହା ନକରାତ୍ମକ ଶକ୍ତିକୁ ଦୂର କରି ସକାରାତ୍ମକ ଶକ୍ତି ବିଚ୍ଛୁରଣ କରିଥାଏ । ଏହା ସହିତ ହୋମରେ ବିଭିନ୍ନ ପ୍ରକାର କାଠ, ଘିଅ, ଚାଉଳ ଆଦି ଦିଆଯାଇ ଅଗ୍ନି ସଂଯୋଗ କରାଯାଇଥାଏ । ଏହା ଶରୀର ଓ ପରିବେଶ ଉପରେ ସକାରାତ୍ମକ ପ୍ରଭାବ ପକାଏ । ବିଶେଷ କରି ବରକନ୍ୟାଙ୍କ ଉପରେ ସକାରାତ୍ମକ ପ୍ରଭାବ ପକାଏ ଓ ସେମାନଙ୍କ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ ।

## ପୃଥିବୀର ରହସ୍ୟମୟ ସ୍ଥାନ

**ପୃଥିବୀ ପୃଷ୍ଠରେ ଅନେକ ରହସ୍ୟମୟ ସ୍ଥାନ ରହିଛି, ଯାହା ସମ୍ପର୍କରେ ନାନାଦି ଲୋକକଥା ଥିଲେ ହେଁ ବାସ୍ତବ ରହସ୍ୟ ସମ୍ପର୍କରେ ଜାଣିବା ଲାଗି ଏଯାଏ କୌଣସି ବୈଜ୍ଞାନିକ ଗବେଷଣା ବି ସଫଳ ହୋଇପାରିନି । ଜାଣି ରଖନ୍ତୁ ଏଭଳି କିଛି ରହସ୍ୟମୟ ସ୍ଥାନ ସମ୍ପର୍କରେ...**



**ସେଣ୍ଟିନଲ୍ ଦ୍ୱୀପ:** ଆଣ୍ଡାମାନ୍ ନିକୋବର ଦୀପସମୂହରେ ରହିଛି ଏହି ସେଣ୍ଟିନେଲ୍ ଦ୍ୱୀପ । ଯେଉଁଠାରେ ଶହଶହ ବର୍ଷ ଧରି ରହିଆସୁଛନ୍ତି ସେଣ୍ଟିନେଲିସ୍ ଜନଜାତି । ହେଲେ ବାହ୍ୟଦୁନିଆ ସହ ସେମାନଙ୍କର କୌଣସି ସମ୍ପର୍କ ନାହିଁ । ଏମିତିକି ଏହି ଜନଜାତି ସେମାନେ ରହୁଥିବା ଦ୍ୱୀପକୁ କାହାକୁ ପ୍ରବେଶ କରିବାକୁ ଦେଇ ନଥାଆନ୍ତି କିମ୍ବା କେବେ ସେଠାରୁ ବାହାରକୁ ଆସିନଥାନ୍ତି । ସେଠାକୁ ଯିବା ଲାଗି କିମ୍ବା ସେମାନଙ୍କ ସହ ଯୋଗାଯୋଗ କରିବା ଲାଗି ଚେଷ୍ଟା କରୁଥିବା ଲୋକଙ୍କୁ ସେମାନେ ହତ୍ୟା କରିଦିଅନ୍ତି । ଏବେ ବି ସେମାନେ ଫଳମୂଳ, କଞ୍ଚାମାଛ ଏବଂ ଜଙ୍ଗଲରରୁ ପଶୁ ଶିକାର କରି ଖାଉଥିବା ବେଳେ ବର୍ତ୍ତମାନ ସୁଦ୍ଧା ନିଆଁରର ବ୍ୟବହାର ଶିଖି ନଥିବା କୁହାଯାଏ । ତେବେ ଏହା ପଛରରେ କ'ଣ ରହସ୍ୟ ରହିଛି ଏଯାଏଁ ଜଣାପଡ଼ିନି ।

**ଡାନାକିଲ୍ ମରୁଭୂମି:** ଉତ୍ତର ଇଥିଓପିଆ, ଦକ୍ଷିଣ ଏରିଟ୍ରିଆ, ଉତ୍ତରପଶ୍ଚିମ ଦିଜ୍‌ବୌତି ଅଞ୍ଚଳରେ ପ୍ରାୟ ୫୨,୮୭୯ ବର୍ଗ ମାଇଲ୍ ସ୍ଥାନ ବ୍ୟାପି ରହିଛି ଡାନାକିଲ୍ ମରୁଭୂମି, ଯାହାକୁ ପୃଥିବୀର ସବୁଠୁ କ୍ରୂର ସ୍ଥାନ ବା 'କ୍ରୁଏଲେଷ୍ଟ ପ୍ଲେସ୍ ଅନ ଆର୍ଥ' ବୋଲି କୁହାଯାଏ । ଏଠାରେ ସାଧାରଣର ତାପମାତ୍ରା ୪୮ ଡିଗ୍ରୀ ସେଲ୍‌ସିଅସ୍ ରହୁଥିବା ବେଳେ କେବେ କେବେ ତାହା ୧୪୫ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ହୋଇଥାଏ । ଅଧିକାଂଶ ସମୟରେ ମାଟିରୁ ଅଗ୍ନି ଉଦ୍‌ଗିରଣ ମଧ୍ୟ ହୋଇଥାଏ । ସେଠାରେ ସବୁବେଳେ ଜଳାଶୟଗୁଡ଼ିକରେ ପାଣି ଫୁଟିଥାଏ । ଫଳରେ ମଣିଷ ବସବାସ କରିବା ଅସମ୍ଭବ । ସେଠାରେ ଏତେ ଅଧିକ ତାପମାତ୍ରା ରହିବାର କାରଣ ଏଯାଏ ଅସ୍ପଷ୍ଟ ।

**ସ୍ନେକ୍ ଆଇସ୍‌ଲାଣ୍ଡ:** ଆଟଲାଣ୍ଟିକ୍ ମହାସାଗର ମଧ୍ୟରେ ବ୍ରାଜିଲ୍ ସୀମାକୁ ଲାଗି ରହିଛି ପ୍ରାୟ ୧୦୬ ଏକର ସ୍ଥାନ ପରିମିତ ଇଲ୍‌ହା ଡା କ୍ୱାମାଦା ଗ୍ରାଣ୍ଡ ଆଇସ୍‌ଲାଣ୍ଡ । ପଥର ପାହାଡ଼ ଏବଂ ଘଞ୍ଜଜଙ୍ଗଲ ଘେରା ଏହି ଦ୍ୱୀପରେ ରହିଛନ୍ତି ବହୁସଂଖ୍ୟାରେ ବିଷାକ୍ତ ସାପ ଦେଖିବାକୁ ମିଳିଥାନ୍ତି, ଯେଉଁଥିଲାଗି ଏହାକୁ ସ୍ନେକ୍ ଆଇସ୍‌ଲାଣ୍ଡ ବୋଲି କୁହାଯାଏ । ବ୍ରାଜିଲ୍ ନୌସେନା ପକ୍ଷରୁର ଉକ୍ତ ଦ୍ୱୀପକୁ ଯିବା ଲାଗି ସାଧାରଣର ଲୋକଙ୍କୁ ପ୍ରତିବନ୍ଧକ ଲଗାଯାଇଛି । ସେଠାରେର ଏତେ ସଂଖ୍ୟାରେର ସାପ ରହିବା ପଛରେ ଥିବା କାରଣର ବୈଜ୍ଞାନିକ ବି ଖୋଜି ପାଇନାହାନ୍ତି ।



## ଜଣେ ମଣିଷ: ୧୪୯୭ କ୍ରେଡିଟ୍ କାର୍ଡ୍

'ଗିନିଜ୍ ବୁକ୍' ଅନୁଯାୟୀ କାଲିଫର୍ନିଆ ଅନ୍ତର୍ଗତ ସାନ୍ତା କ୍ଲାରାର ୱାଲ୍‌ଟର୍ କାଭାନା, ବିଶ୍ୱରେ ସବୁଠାରୁ ଅଧିକ ବୈଧ କ୍ରେଡିଟ୍ କାର୍ଡ ରଖିଛନ୍ତି । ତାଙ୍କ ପାଖରେ ମୋଟ ୧୪୯୭ ବୈଧ କ୍ରେଡିଟ୍ କାର୍ଡ ଅଛି ଏବଂ ସେ ସବୁତକ ବ୍ୟବହାର କରୁଛନ୍ତି । ଏହା ଛଡ଼ା ସେ ମଧ୍ୟ ବିଶ୍ୱର ସବୁଠାରୁ ଲମ୍ବା ୱାଲେଟ୍‌ର ମାଲିକ । ୱାଲେଟ୍‌ର ଓଜନ ୧୭.୨ କିଲୋଗ୍ରାମ; ଏବଂ ସେଥିରେ ଆଠ ଶହ କ୍ରେଡିଟ୍ କାର୍ଡ୍ ରହିପାରୁଛି । ଅବଶିଷ୍ଟ କାର୍ଡ୍ ସେ ବ୍ୟାଙ୍କ୍ ଲକର୍‌ରେ ରଖିଛନ୍ତି । କାଭାନା ମାର୍କିନ୍ ସେନାର ଅବସରପ୍ରାପ୍ତ କର୍ମଚାରୀ । ଜଣେ ବନ୍ଧୁଙ୍କ ସହ ବାଜି ଲଗାଇ ସେ କ୍ରେଡିଟ୍ କାର୍ଡ ସଂଖ୍ୟା ବଢ଼ାଇବା ଆରମ୍ଭ କରିଥିଲେ ।




## ଓଜନ ବଢ଼ାଇବା ସହ ଚର୍ମସମସ୍ୟା, ଦନ୍ତ ସମସ୍ୟା ବଢ଼ାଇଥାଏ ସ୍ନାକ୍-ଫୁଡ୍



ଚକ୍‌ଲେଟ୍, ଚିପ୍‌ସ, କାଣ୍ଡିଜ୍ ଏବଂ ସମସ୍ତ ପ୍ରକାରର ମୃଦୁ ପାନୀୟର ପୁଷ୍ଟି-ଦାୟକ ମୂଲ୍ୟ କିଛି ନାହିଁ । ଏହା ନିର୍ଦ୍ଦିଷ୍ଟ ଭାବେ ପ୍ରମାଣିତ । ଏସବୁ ସ୍ନେହସାର, ଲବଣ ଶର୍କରା, ବିଭିନ୍ନ ପ୍ରକାର ରଙ୍ଗ ଏବଂ ଅନ୍ୟ କୃତ୍ରିମ ରାସାୟନିକରେର ଭରପୂର । ଏସବୁକୁ 'ସ୍ନାକ୍-ଫୁଡ୍' କୁହାଯାଏ । ଏସବୁ ଖାଇବା ଦ୍ୱାରା ଓଜନ ବଢ଼ିବା ସହ ଚର୍ମଜନିତ ସମସ୍ୟା, ଦାନ୍ତ ରୋଗ ଦେଖାଯାଏ । କର୍କଟ ଓ ହୃଦ୍‌ରୋଗର ଆଶଙ୍କା ମଧ୍ୟ ବଢ଼େ । ଛେନା, ମଞ୍ଜି, କମଳା, ଅଙ୍ଗୁରର, କିସମିସ, ଲେମ୍ବୁ-ପାଣି, ଶୁଷ୍କ ଫଳ, ନଟ୍‌ସ, ଗାଜର ଓ ସେଓ ଅଧିକ ଖାଆନ୍ତୁ । ଚକ୍‌ଲେଟ୍, ବିସ୍କିଟ୍, ଚିପ୍‌ସ, ମିଲ୍‌କ ସେକ୍, ପପ୍-କର୍ନ, ମଫିନ୍, କୋଲା ଓ ଅନ୍ୟ ସମସ୍ତ ମୃଦୁ ପାନୀୟ, ଆଇସ୍-ଲସି କ୍ରଏସାଣ୍ଟ, ସମସ୍ତ ପିଜା ଓ ବର୍ଗରଠାରୁ ଦୂରେଇ ରହନ୍ତୁ ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
୨୬ ଜୁନ୍ ୨୦୨୦, ଶୁକ୍ରବାର



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ବିଶ୍ୱାସଘାତକତା...

ଚୀନ-ଭାରତ ସୀମାନ୍ତ ଏବେ ଅତ୍ୟଧିକ ଉତ୍ତେଜନାପୂର୍ଣ୍ଣ ହୋଇଉଠିଛି । ଗଲୱାନ୍ ନଦୀ ଉପତ୍ୟକାରେ ଦୁଇ ପ୍ରତିବେଶୀ ଦେଶର ସୈନ୍ୟମାନେ ଉଗ୍ର ଅବତାର ନେବା ଆରମ୍ଭ କଲେଣି । ସୀମାନ୍ତବର୍ତ୍ତୀ ଇଲାକାରେ ଇଲାକା ଦଖଲକୁ ନେଇ ଭାରତ ଓ ଚୀନ ମଧ୍ୟରେ ଯେଉଁଭଳି ଅସ୍ୱାଭାବିକ ସ୍ଥିତି ଉପୁଜିଛି, ତାହା ନିକଟ ଅତୀତରେ ଦେଖାନଥିଲା । ପଇଁଚାଳିଶି ବର୍ଷ ତଳେ ଦୁଇ ଦେଶ ଭିତରେ ରକ୍ତକ୍ଷୟୀ ଯୁଦ୍ଧ ହୋଇଥିଲା । ପରେ ପଞ୍ଚଶୀଳ ନୀତି ଆଧାରରେ ଦୁଇ ଦେଶ ମିଳିତ ସ୍ୱରରେ କହିଥିଲେ ହିନ୍ଦି-ଚୀନି ଭାଇ ଭାଇ । ମାତ୍ର ସମୟାନ୍ତରରେ ଚୀନର ସଂପ୍ରସାରଣବାଦୀ ନୀତି ତମାମ୍ ଇଲାକାକୁ ତପ୍ତ ଶଯ୍ୟାରେ ପରିଣତ କରିଆସିଛି । ଅରୁଣାଚଳ ପ୍ରଦେଶ ଓ ଲଦାଖ ଅଞ୍ଚଳରେ ଚୀନ ତାର ଦୂରଭିଳାଷ ପ୍ରୟୋଗର ଝଲକ ବରାବର ଦେଖାଇ ଅନ୍ୟମାନଙ୍କୁ କରଗତ କରିବାର ଉଦ୍ୟମ କରିଆସିଛି । କେତେବେଳେ ନେପାଳକୁ ଆଉ କେତେବେଳେ ପାକିସ୍ତାନକୁ ବ୍ୟବହାର କରି ଚୀନ ତା'ର ଅସଲ ଚେହେରା ଲୁଚାଇ ବିଶ୍ୱବାସୀଙ୍କୁ ଭ୍ରମିତ କରିଆସିଛି । ଚୀନା ନେତୃତ୍ୱ ମୂଳରୁ ସଂପ୍ରସାରଣବାଦୀ, ତାହା ସମସ୍ତେ ଜାଣନ୍ତି । ହେଲେ ତାହାର ମାୟାବୀ ଜାଲରେ ବେଳେବେଳେ ଆମ ନେତୃତ୍ୱ ଭଳି ବହୁ ଦେଶର ନେତୃତ୍ୱ ଫସିଯାଇଥିବାର ଦୃଷ୍ଟାନ୍ତ ଅଭାବ ନାହିଁ । ପ୍ରତିବେଶୀ ଦେଶଗୁଡ଼ିକ ସହ ଉତ୍ତମ ସମ୍ପର୍କ ରକ୍ଷା ମୂଳରୁ ଆମର ରାଷ୍ଟ୍ରୀୟ ନୀତିର ଅଙ୍ଗ ହୋଇଆସିଛି । ଶାନ୍ତି ଓ ସଦ୍ଭାବ ପାଇଁ ଆମର ରାଷ୍ଟ୍ରୀୟ ନୀତି କେବଳ ସମର୍ପିତ ତାହା ନୁହେଁ, ବହୁଜନ ହିତାୟ ତାହା ଉଦ୍ଦିଷ୍ଟ । ଆମ ନିଜ ଦେଶବାସୀଙ୍କ ହିତ ସହ ପାଖ ପଡ଼ୋଶୀଙ୍କ ସୁଖ-ଦୁଃଖରେ ଭାଗୀଦାର ହେବା ନୀତିରେ ଆମ ଦେଶର ଘୋଷିତ ନୀତି । ମାତ୍ର ସାର୍ବଭୌମତ୍ୱ, ଆଞ୍ଚଳିକ ଅଖଣ୍ଡତା ନେଇ କୌଣସିମତେ ବୁଝାମଣା କରିହେବ ନାହିଁ ବୋଲି ପ୍ରାରମ୍ଭରୁ ଭାରତ ଘୋଷଣା କରିଆସିଛି । ଯଦି ଏଥିନେଇ କାହାରି ମନରେ କିଛି ଭ୍ରାନ୍ତି ଥିବ, ତାହା ଠିକ୍ ନୁହେଁ ବୋଲି ସ୍ପଷ୍ଟ କରିଦେଇଛି ଭାରତ । ଗତ ସୋମ-ମଙ୍ଗଳ ରାତିରେ ଯେଉଁଭଳି ଚୀନା ସୈନ୍ୟମାନେ କର୍ଣ୍ଣେଲ ସନ୍ତୋଷ ବାବୁଙ୍କ ସହ ଭାରତୀୟ ସୈନ୍ୟଙ୍କୁ ମାରିଦେଲେ, ତାହା ଥିଲା ଭାରତବାସୀଙ୍କ ପାଇଁ ବେଦନାକ୍ତ ଅଧ୍ୟାୟ । ଆମରର ବୀର ଯବାନଙ୍କୁ ଜବାବୀ ହମ୍‌ଲା ପାଇଁ ପୂର୍ଣ୍ଣ ଜାଗ୍ରତ ରଖାଯିବାର ଡାକରା ଦିଆଯିବା ଭିତରେ ଗଲୱାନୀ ନଦୀ ଉପତ୍ୟକା ନେଇ ନୂଆ ବିବାଦ ଛିଡ଼ା କରିଥିବା ଚୀନ୍‌କୁ କଠୋର ପରିଣତି ପାଇଁ ତୟାରର ରହିବାକୁ ଚେତାଇ ଦେଇଛି ଭାରତ । ଜଳ-ସ୍ଥଳ-ଆକାଶ ବାହିନୀକୁ ଚୀନର ସମ୍ଭାବ୍ୟ ଆକ୍ରମଣର ପାଲଟା ଜବାବ ପାଇଁ ପ୍ରସ୍ତୁତ ରଖାଯାଇଛି । ଯେଉଁ ଚୀନ ଦେଶ ଭାରତ ସହ ମିତ୍ରତା ରକ୍ଷାର ଛଳନା କରିଆସୁଛି, ତାହାକୁ ପାନେ ଶିଖାଇବାକୁ ଚାହେଁ ଭାରତ । ଏଯାଏଁ ଅସ୍ତ୍ର ବ୍ୟବହାର କରିବାକୁ କ୍ଷାନ୍ତ ରହିଥିବା ସୈନ୍ୟଙ୍କୁ ବର୍ତ୍ତମାନ ଅସ୍ତ୍ର ବ୍ୟବହାର ପାଇଁ ସ୍ୱାଧୀନତା ଦିଆଯାଇଛି । ପୂର୍ବ ନୀତିରେ ପରିବର୍ତ୍ତନ କରାଯାଇ ସେନାକୁ ଅସ୍ତ୍ର ବ୍ୟବହାର ପାଇଁ ସ୍ୱାଧୀନତା ପ୍ରଦାନ ସୂଚାଉଛି କି, ଚୀନ ସହ ପ୍ରତ୍ୟକ୍ଷ ମୁକାବିଲା ପାଇଁ ସ୍ୱାଧୀନତା ପ୍ରଦାନ ସୂଚାଉଛି କି, ଚୀନ ସହ ପ୍ରତ୍ୟକ୍ଷ ମୁକାବିଲା ପାଇଁ ଆଗର ସଂକୋଚ ଭାରତ ପରିହାର କରିଛି । ସାମରିକ ସାମ୍ମୁଖ୍ୟରେ ଯେଉଁ ମୁକାବିଲା ଚାଲିଛି, ତାହାବାଦ୍ ଭାରତ ଚାହୁଁଛି ଯେ, ଚୀନା ମାଲ୍ ବର୍ଜନ କରାଯାଉ । ଯେଉଁ ଚୀନା ମାଲ୍ ଭାରତୀୟ ବଜାରରେ ଆସ୍ଥାନ ମାଡ଼ିବସିଛି, ତାହାକୁ ପୂରା ଦମ୍‌ରେ ନିକାଲି ଦିଆଯାଉ । ସ୍ୱଦେଶୀ ସାମଗ୍ରୀ ବିପଣନରେ ବିଶ୍ୱାସ ରଖୁଥିବା ଭାରତ ଚୀନ ନିର୍ଭରତାକୁ ଊଣା କରିଦେବା ସପକ୍ଷରେ । ଚୀନ ଉତ୍ପାଦିତ ସାମଗ୍ରୀ ଉପରେ ତିନିଶହ ପ୍ରତିଶତ ଶୁଳ୍କ ବସାଗଲେ ବାଧ୍ୟ ହୋଇ କ୍ରେତା ଚୀନା ମାଲ୍ ଉପରୁ ମୁହଁ ଫେରାଇବ । ଏଭଳି ସ୍ଥିତିରେ ବାଣିଜ୍ୟିକ ଯୁଦ୍ଧର ପରିଣତି କେଉଁ ଆଡ଼କୁ ଯାଉଛି, ତାହା ଦେଖିବାର କଥା । ଏହା ମଧ୍ୟରେ ଚୀନ ଓ ଭାରତ ଭିତରେ ସୃଷ୍ଟି ହୋଇଥିବା ବିବାଦର ସମାଧାନ ପାଇଁ ଏକାଧିକ ବାର ମଧ୍ୟସ୍ଥତା ପ୍ରସ୍ତାବ ରଖିଛନ୍ତି ମାର୍କିନ୍ ପ୍ରେସିଡେଣ୍ଟ ଡୋନାଲଡ୍ ଟ୍ରମ୍ପ୍ । ଏଥିନେଇ କେଉଁ ପକ୍ଷ କି ଭୂମିକା ନେବେ ତାହା ଜଣାନାହିଁ । କିନ୍ତୁ କୂଟନୀତି ଦୃଷ୍ଟିରୁ ଯାହା ହେବା କଥା, ତାହା ବିଚାର କଲେ ସର୍ବଦଳୀୟ ବୈଠକରେ ପ୍ରଧାନମନ୍ତ୍ରୀ ବିରୋଧୀ ଦଳମାନଙ୍କଠାରୁ ସହମତି ଲୋଡ଼ିଥିଲେ । କଂଗ୍ରେସ ବ୍ୟତୀତ ଅନ୍ୟମାନେ ରାଷ୍ଟ୍ରୀୟ ସ୍ୱାର୍ଥରେ ପ୍ରଧାନମନ୍ତ୍ରୀଙ୍କ ପଛରେ ଛିଡ଼ା ହେବା କଥା କହିଲେ । ହେଲେ କଂଗ୍ରେସ ଚାହିଁଲା ସୀମାନ୍ତ ସ୍ଥିତି ନେଇ ସ୍ପଷ୍ଟ ଚିତ୍ର । ସରକାରଙ୍କଠାରୁ ସୀମାନ୍ତ ସ୍ଥିତି ନେଇ ସବୁକିଛି ଜାଣିବା ଅଧିକାର ସମସ୍ତଙ୍କର ଅଛି । ପ୍ରଧାନମନ୍ତ୍ରୀ କାହାକୁ ଇଞ୍ଚେ ଜମି ଛଡ଼ାଯିବନାହିଁ ବୋଲି ଦୃଢ଼ୋକ୍ତି କରିଛନ୍ତି । କେଇ ବର୍ଗମାଇଲ ଜମି ଚୀନ ଦଖଲରେ ରହିଥିବା ଭିତରେ ଇଞ୍ଚେର ଦୈର୍ଘ୍ୟ କେତେ ବୋଲି କିଛି ନେତା ପ୍ରଶ୍ନ କରିଥିବା ତାତ୍ପର୍ଯ୍ୟର ବିଷୟ । ସେ ଯାହା ହେଉ, ଜାତୀୟ ତଥା ଆଞ୍ଚଳିକ ସାର୍ବଭୌମତ୍ୱ ଭଳି ମାମଲାରେ କିଛି ସୁଦ୍ଧା ତ୍ୟାଗ କରିବା ପ୍ରଶ୍ନ ଉଠୁନାହିଁ । ମାତ୍ର ସହମତିରେ ପହଞ୍ଚିବା ସକାଶେ ଆମେ ଯେଉଁ ପ୍ରକ୍ରିୟା ଦେଇ ଯିବା କଥା, ତାହାକୁ ଅଣଦେଖା କରିବା ମଧ୍ୟ ଠିକ୍ ଲାଗୁନାହିଁ । ଚୀନ୍ ସବୁବେଳେ ମୁହଁ ମେଁ ରାମ ନାମ, ବଗ୍‌ଲେ ମେ ଛୁରା ନୀତି ଆପଣାଇ ଚାଲିଛି । ଭାରତୀୟ ନେତୃତ୍ୱ ଚୀନ ନେଇ ନିକଟ ଅତୀତରେ କରିଥିବା ଭୁଲ୍‌ର ପୁନରାବୃତ୍ତି ନକଲେ ସାମୂହିକ ସ୍ୱାର୍ଥ ସୁରକ୍ଷିତ ରହିବ ।




## ଚାଇନା ଜିନିଷ ଜମା କିଣନା

ଧ୍ରୁବ ଚରଣ ବେହେରା

କଥା ତୋତେ ଗୋଟେ କହିବି କୁନା
ଚାଇନା ଜିନିଷ ଜମା କିଣେନା ॥

ଚାଇନା ସାମାନ ଭୁଲ ନୁହଇଁ
ଖେଳନା ତାହାର ନକଲି ଭାଇ ॥

ଛୁଞ୍ଚି ରେଞ୍ଚି ଯେତେ ବସ୍ତୁ ତାହାର
ବର୍ଜନ କରିବା ଭାଇ ମୋହର ॥

ବାପା ବୋଉ ଅଜା ଆଈଙ୍କୁ କହି
ନ କିଣିବା ତାହା ଜାଣିଥା ତୁହିଁ ॥

ଆମ ସାଙ୍ଗ ସାଥି ମେଳ ହୋଇକି
କହିଛନ୍ତି ତାହା ନ କିଣ ଦେଖି ॥

କାରଣଟା ତୋତେ କହୁଛି ଶୁଣ
ଚାଇନାର ସବୁ ନକଲି ଗୁଣ ॥

ଆମ ବଜାରରେ ବିକି ଜିନିଷ
ଠୁଳ କରି ନିଏ ଟଙ୍କା ବହୁତ ॥

ସେହି ଟଙ୍କା ବଳେ କିଣି ବନ୍ଧୁକ
ଆମକୁ ଦେଖାଏ ବଡ଼ ବହପ ॥

ସୀମାନ୍ତରେ ପଶି କରଇ ଯୁଦ୍ଧ
ମାନବିକତା ଭୁଲି ହୁଅଇ କ୍ଷୁବ୍ଧ ॥

ଆଖି ଛୋଟ ତାଙ୍କେ ମାଙ୍କଡ଼ ମୁହାଁ
ଚାଲିକି ଦେଖାଇ କରନ୍ତି ଭୁଆଁ ॥

ନିଜେ ପାଳ ପରେ ବଶିବା ପାଇଁ
ଯୁଦ୍ଧ କରିବାକୁ ହୁଅନ୍ତି ବାଇ ॥

ଗାତ ଖୋଳା ବନ୍ଧୁ ନୁହେଁ କାହାର
ଛଟ ପଟେ ମରେ ହୋଇ ଅଧିର ॥

ସାପ ବେଙ୍ଗ ଖିଆ ଗୋରା ମାଙ୍କଡ଼
ମିଛୁଆ ସେମାନେ ବେଜିଂ ବାଡ଼ ॥

କିଛି ଦିନ ତଳେ ଆମ ସୈନିକ
ଲଦାକ୍‌ଘାଟିରେ ହୋଇଲେ ଏକ ॥

ଭାଇଚାରା ନେଇ ଗଲେ ପାଖକୁ
ବୁଝା ବୁଝି କଥା ନେଇ ଆଗକୁ ॥

ଅତର୍କିତ ହୋଇ ଗୋରା ମାଙ୍କଡ଼େ
ଆକ୍ରମଣ କରି ମାରିଲେ ତାଡେ ॥

ପ୍ରାଣ ହରାଇଲେ କୋଡ଼ିଏ ବୀର
ସୁପୁତ୍ର ଆମରି ଭାରତ ମାତାର ॥

ନାହିଁ ସେମାନଙ୍କ ବୁଦ୍ଧି ବିବେକ
କରୋନା ସୃଷ୍ଟିର ଖଳନାୟକ ॥

ବିଶ୍ୱରେ ଫେଲାଇ ମହାମାରୀକୁ
ଗୋପନୀୟ କଲେ ସବୁ କଥାକୁ ॥

ବିଶ୍ୱ ଆଜି କାନ୍ଦେ ମହାମାରୀ ରେ
ଜାଣିଥାରେ ମୋର କୁନା ଭାଇରେ ॥

କଳା ବଜାରି ସେ ପାପିଷ୍ଠ ଜାତି
ମଣିଷ ଜୀବନ କରନ୍ତି କ୍ଷତି ॥

ସ୍ୱଦେଶ ଜିନିଷ ଭାରି ବଢ଼ିଆ
ଗାନ୍ଧିଜୀଙ୍କ ସ୍ୱପ୍ନ ହୋଇଛି ଠିଆ ॥

ସାକାରା କରିବା ଆମେ ତାହାକୁ
ଆମ ଅର୍ଥନୀତି ନେଇ ଆଗକୁ ॥

ସେଥିପାଇଁ ତୋତେ କହୁଛି କୁନା
ଚାଇନା ଜିନିଷ ଜମା କିଣନା ॥

+ ଅଠରବାଟିଆ, ବାଲୁଗାଁ, ଖୋର୍ଦ୍ଧା
ମୋ: ୮୩୨୮୯୩୦୫୫୪

# ଅଇଲା କଳା ପାହାଡ.....

ଡାକ୍ତର ସୁରେନ୍ଦ୍ରନାଥ ଦାଶ



(ପୂର୍ବପ୍ରକାଶିତ ଉତ୍ତାରୁ..)

ଚାରିଆଡେ ଭୟ ଓ ଆତଙ୍କ ଖେଳିଗଲା । ଲୋକମାନେ ଜଙ୍ଗଲ କୁ ପଳାଇଲେ । ସବୁଆଡୁ ଶୁଭିଲା, 'ଅଇଲା କଳାପାହାଡ,....ଭାଙ୍ଗିଲା ଲୁହାର ବାଡ, ପିଇଲା ମହାନଦୀ ପାଣି, ସୁବର୍ଣ୍ଣ ଥାଳୀରେ ହେଡା ପରଶିଲେ, ମୁକୁନ୍ଦ ଦେବ ଙ୍କ ରାଣୀ!

ପୁରୀ ହେଉଛି ହିନ୍ଦୁ ମାନଙ୍କ ଶ୍ରେଷ୍ଠ ବିଶ୍ୱାସର ସ୍ଥଳୀ ଓ ବଡଠାକୁର ଜଗନ୍ନାଥଙ୍କ ବିଜେସ୍ଥାନ । ଏହାକୁ ଧ୍ୱଂସ କରି ହିନ୍ଦୁ ମାନଙ୍କ ଦେବତାଙ୍କ ଅସାରତା ପ୍ରମାଣ ପାଇଁ ସେ ପୁରୀରେ ପହଂଚିଲା । ତାର ସୈନ୍ୟ ମାନେ ଛୋଟ ଛୋଟ ଦଳ ହୋଇ ଗାଁ ଗାଁ ବୁଲି ମନ୍ଦିର ମାନ ଭାଙ୍ଗିଲେ । କୋଣାର୍କ ମନ୍ଦିର ମଧ୍ୟ ଏହି ସମୟରେ ଭଙ୍ଗା ହେଲା ବୋଲି ଅନେକ ବିଶ୍ୱାସ କରନ୍ତି । ପୁରୀର ପୁଜକ ମାନେ ଦାରୁ ମୁର୍ତ୍ତିକୁ ନେଇ ଚିଲିକାର ଚଢେଇହଗା ଦ୍ୱୀପରେ ଲୁଚାଇଲେ ମଧ୍ୟ କଳାପାହାଡର ଗୁପ୍ତଚର ମାନେ ଜାଣିପାରିଲେ। ସେମାନେ ମୁର୍ତ୍ତିଙ୍କୁ ଆଣି କଳାପାହାଡକୁ ଦେଲେ । ଅନେକ କୁହନ୍ତି କଳାପାହାଡ ଅଁଳା କଳସ ଯାକେ ମନ୍ଦିରକୁ ଭାଙ୍ଗିଦେଇଥିଲା, ରତ୍ନ ଭଣ୍ଡାର ଲୁଣ୍ଠନ କରିଥିଲା । ମାତ୍ର ଏହାର ପ୍ରମାଣ ନାହିଁ । ପରେ ସେ ଦାରୁଙ୍କୁ ଚମ ଦଉଡିରେ ବାନ୍ଧି ହାତି ଦ୍ୱାରା ଟାଣି ଟାଣି ଜଗନ୍ନାଥ ସଡକରେ ଗଙ୍ଗା କୂଳକୁ ନେଇଗଲା । ସାରା ଓଡିଆ ଜାତି ଭୟରେ ଜଡ ପାଲଟି ଗଲା । ସାମାନ୍ୟତମ ପ୍ରତିରୋଧ ମଧ୍ୟ ନଥିଲା। ଗଙ୍ଗାକୁଳରେ ଶୁଖିଲା କାଠ ଆଣି କଳାପାହାଡ ଦାରୁ ମାନଙ୍କୁ ଜାଳି ପାଉଁଶ କରି ଦେବାକୁ ଚେଷ୍ଟା କଲା । ଅଧାପୋଡା ଅବସ୍ଥାରେ ଦାରୁଙ୍କୁ ଗଙ୍ଗା ଜଳକୁ ଫିଙ୍ଗି ଦେଲା। ବିସର ମହାନ୍ତି ନାମକ ଜଣେ ବୈଷ୍ଣବ ମୁସଲମାନ ସୈନ୍ୟଙ୍କ ସାଙ୍ଗେ ସାଙ୍ଗେ ଯାତ୍ରାକରି ଗଙ୍ଗାଜଳରୁ ପୋଡା ମୁର୍ତ୍ତି ମଧ୍ୟରୁ ବ୍ରହ୍ମପିଣ୍ଡ କୁ ଉଦ୍ଧାର କରି ନିଜର ମୃଦଙ୍ଗରେ ପୁରାଇ ସମୁଦ୍ର କୂଳେକୂଳେ ଯାଇ କୁଜଙ୍ଗ ଗଡରେ ପହଂଚିଲା। ସେଠାର କ୍ଷେତ୍ରରଜା ଏକ ସ୍ୱତନ୍ତ୍ର ମନ୍ଦିର କରି ଜଗନ୍ନାଥ ମୂର୍ତ୍ତିକୁ ପୁଜାବିଧି କଲେ । ଏଣେ ଓଡିଶାରେ ଅରାଜକତା ଲାଗି ରହିଲା । ଅନେକ ଦିନ ପରେ ବାଦଶା ଆକବର ନିଜ ବନ୍ଧୁଙ୍କ ହତ୍ୟାର ପ୍ରତିଶୋଧ ପାଇଁ ବଙ୍ଗଳା ଆକ୍ରମଣ ପାଇଁ ପ୍ରଥମେ ଟୋଡରମଲ୍ଲ ଓ ପରେ ମାନସିଂ ଙ୍କୁ ଓଡିଶା ପଠାଇଲେ, ଶେଷକୁ ଓଡିଶାରୁ ଆଫଗାନ ମାନେ ବିତାଡିତ ହେଲେ। ସେତେବେଳକୁ ମନ୍ତ୍ରୀ ଦନେଇ ବିଦ୍ୟାଧର ଙ୍କ ପୁତ୍ର ରାମଚନ୍ଦ୍ର ଦେବଙ୍କୁ ସାମନ୍ତ ମାନେ ଖୋର୍ଦ୍ଧା ସିଂହାସନରେ ବସାଇ ଥାଆନ୍ତି । ମାନସିଂ ତାହାକୁ ସ୍ୱିକୃତି ଦେଲେ। ମୁକୁନ୍ଦ ଦେବଙ୍କ ବଡପୁଅ ରାମଚନ୍ଦ୍ର ତେଲଙ୍ଗାକୁ ନଦୀ ପରିବେଷ୍ଟିତ ସୁରକ୍ଷିତ ଆଳି ରାଜ୍ୟ ଦେଲେ। ତାଙ୍କର ସୁରକ୍ଷା ପାଇଁ ମୁସଲମାନ ସୈନ୍ୟ ରଖାଇଲେ । ମୁକୁନ୍ଦ ଦେବଙ୍କ ରାଣୀ ଅଳି କରି ତାହା ପାଇବାରୁ ନାମ ଆଳି ମୁଳକ ଦିଆଗଲା। ସାନପୁଅ ଛକଡି ଭ୍ରମରବରକୁ ପଟିଆ କିଲ୍ଲା ଦିଆଗଲା। ସେବେଠାରୁ ପୁରିରେ ଭୋଇ ବଂଶ ରାଜତ୍ୱ ଏପର୍ଯ୍ୟନ୍ତ ଚାଲିଆସିଛି । ରାମଚନ୍ଦ୍ରଦେବ ଜଗନ୍ନାଥଙ୍କୁ କୁଜଙ୍ଗରୁ ଅଣାଇ ରତ୍ନ ସିଂହାସନରେ ପ୍ରତିଷ୍ଠା କରି ଦ୍ୱିତୀ ଇନ୍ଦ୍ରଦ୍ୟୁମ୍ନ ନାମ ପାଇଲେ।

କଳାପାହାଡର ଖବର ଏହା ପରେ ଜଣା ନାହିଁ । ମାଦଳା ପାଞ୍ଜି ଅନୁସାରେ ତାର ଦେହ ଫାଟି ସେ ମଲା । ଅନେକ ଐତିହାସିକ ମତ ଦିଅନ୍ତି ବଙ୍ଗର ନବାବ ତାର ଯଶରେ ଇର୍ଷା ପରାୟଣ ହୋଇ ତାକୁ ପ୍ରାଣଦଣ୍ଡ ଦେଲେ। ହୁଏତ ମୋଗଲ ଆକ୍ରମଣରେ ସେ ମରିଥାଇପାରେ । ଓଡିଶାରେ କିମ୍ବଦନ୍ତୀ କହେ, କଳାପାହାଡ ପୁରୀ ଶାସନ ଜନ୍ମିତ ନୈଷ୍ଠିକ ବ୍ରାହ୍ମଣ କଲାଚାନ୍ଦ ଥିଲା । ବଙ୍ଗ ନବାବଙ୍କ ସୈନ୍ୟ ବାହିନୀରେ ସେ ଜଣେ ସେନାପତି ଥିଲା । ନବାବଙ୍କ କନ୍ୟା ଦୁଲାରୀ ର ପ୍ରେମରେ ଅନ୍ଧହୋଇ ସେ ମୁସଲମାନ ହୋଇ ତାକୁ ବିବାହ କଲେ । ପରେ ଅନୁତପ୍ତ ହୋଇ ନିଜ ପରିବାରକୁ ଆସି ମୁକ୍ତି ମଣ୍ଡପ ପଣ୍ଡିତ ସଭାରେ ପ୍ରାୟଶ୍ଚିତ କରି ହିନ୍ଦୁ ହେବା ପାଇଁ ପ୍ରାର୍ଥନା କଲେ । ମାତ୍ର ପଣ୍ଡିତ ମାନେ ତାକୁ ତିରସ୍କାର କରି ଗଳାଧକ୍କା ସହ ବାହାର କରିଦେଇ ଥିଲେ । ଯିବା ପୂର୍ବରୁ ସେ ପ୍ରତିଜ୍ଞା କରିଥିଲା,ସାରା ଦେଶରୁ ସମସ୍ତ ହିନ୍ଦୁ ମନ୍ଦିରକୁ ଭାଙ୍ଗି ମାଟିରେ ମିଶାଇ ଦେବ । କାମରୂପ ବା ଆସାମର କାମାକ୍ଷା ମନ୍ଦିରକୁ ମଧ୍ୟ ସେ ଭାଙ୍ଗି ଥିଲା । ମାତ୍ର ମୁସଲମାନ ଐତିହାସିକ ମାନେ କଳାପାହାଡ ଜଣେ ଜନ୍ମିତ ଆଫଗାନ ଥିଲେ ବୋଲି ମତ ଦିଅନ୍ତି । କଳା ପାହାଡ ମରି ୫୦୦ ବର୍ଷ ହୋଇଗଲାଣି । ତଥାପି ଓଡିଶାର ଗାଁ ଗାଁରେ ଗୀତ ଶୁଣାଯାଏ, 'ଭଲା ରାମଚଣ୍ଡୀ ଭଲାରେ, କଳାପାହାଡକୁ ଦୁଆରେ ବସାଇ, ଭଲା ପାଣି ଆଣି ଗଲାରେ.....। (ସମାପ୍ତ)

+ ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ, ମୋ:୯୪୩୭୨୩୫୩୮୬

# ସୀମାହୀନ ପ୍ରେମରେ, ହଜିଯାଇଛି ମୁଁ ତୋ ଭିତରେ !

ପଙ୍କଜ କୁମାର ପାଣିଗ୍ରାହୀ

କାହିଁକି କେଜାଣି କେତେ ଜନ୍ମ ଜନ୍ମାନ୍ତରରୁ ଶକ୍ତ ଏକ ବନ୍ଧନରେ ବାନ୍ଧିହୋଇ, ବିଲୀନ କରିଦେଇଥିବାପରି ମନେହୁଏ ଜୀବନମୋ। ତୋର ଆନନ୍ଦଭରା ପ୍ରେମରେ ! ଆଉ ଆଜି ମୁଁ ଅଭୁଲା ସେହି ପୂର୍ବ ସ୍ମୃତିରୁ ପାଇବା ପାଇଁ ସୀମାହୀନ ତୋର ସାନିଧ ଯାହା ମୋତେ ପାଗଳ କରିଦେଇଛି ସବୁ ଜଳାଞ୍ଜଳି ଦେଇ ମୋ। ମାନବିକ / ସାମାଜିକ କର୍ତ୍ତବ୍ୟ ଆଉ ସୁଖ !!

ପ୍ରେମର ସଜ୍ଞା ଏତେ ବ୍ୟାପ୍ତଯେ ତାକୁ ସମୀକ୍ଷା କରିବା ଏକ ଅସାଧାରଣ ବ୍ୟାପାର ! ତେଣୁ ମଣିଷ ମନର ପ୍ରେମକୁ ବୁଝିବା ସହଜସାଧ ନୁହେଁ ! ପ୍ରେମ ଏକ ମାନସିକ ସ୍ଥିତି ଯାହା କେତେବେଳେ କେଉଁ ସମୟରେ କାହା ସହିତ କେଉଁ ରୂପରେ କେତିକି ପରିମାଣର ହୋଇଥାଏ, ପ୍ରେମ କରି ବସିଥିବା ମଣିଷ ମଧ ନିଜେ ନିଜକୁ ପ୍ରଶ୍ନ କରି ବୁଝିପାରିନଥାଏ ! ପ୍ରେମରେ ପାଗଳ ସାରା ସଂସାର, କିଏ କାହାକୁ କେତେବେଳେ କେମିତି ପ୍ରେମ କରିଥା'ନ୍ତି ସେମାନଙ୍କ ଭାବଧାରା ସେମାନେହିଁ ଜାଣିନଥା'ନ୍ତି ! ଅନ୍ୟମାନେ ତାକୁ ବୁଝିବାକୁ ଗଲେ ପ୍ରେମ ବଦଳରେ ଦୁଃଖ ଅନୁଭବ କରିଥା'ନ୍ତି ! କାରଣ ସେହି ପ୍ରେମିକର ଅସଲ ରୂପଟି ତା ନିଜକୁ ଅଜସ୍ର ଆନନ୍ଦ ଦେଉଥିବାବେଳେ ହୁଏତ ଅନ୍ୟ କାହାର କିଛି କ୍ଷତି କରିଚ୍ଛଲିଥାଏ, ସେସବୁ ବୁଝିବାକୁ ସମୟ ନଥାଏ ସମ୍ପୃକ୍ତ ପ୍ରେମିକର ! ହେଲେ ସବୁ ଲୋକଙ୍କ ପ୍ରେମ କରିବା ଶୈଳୀ ଏବଂ ଲକ୍ଷ ଭିନ୍ନ ଭିନ୍ନ ଥିବାବେଳେ ସମଗ୍ର ମଣିଷ ଜାତିର ଗୋଟିଏ ଦିଗରେ ପ୍ରେମର ଐକ୍ୟତା ପ୍ରଦାନ କରିଥାଏ ଏକ ବସ୍ତୁବାଦୀ ରହସ୍ୟ ଟଙ୍କା ଉପରେ !! ଅର୍ଥାତ କିଏ କାହାକୁ ପ୍ରେମ କରୁକି ନକରୁ, କିନ୍ତୁ ଧନ/ଟଙ୍କା ସହିତ ସବୁ ଲୋକଙ୍କ ଏକ ପ୍ରକାର ମୋହ/ପ୍ରେମରେ ବନ୍ଧା ହୋଇଥିବା କେହି ଅସ୍ୱୀକାର କରିପାରିବେ ନାହିଁ !! ହେଲେ ସେହି ଧନ ସହିତ ମୋହ/ପ୍ରେମ ଜନିତ ମଣିଷର ସୁଖ/ଦୁଃଖ ବିଷୟରେ ସମୀକ୍ଷା କରି ଉପସ୍ଥାପିତ ବିଷୟ ଉପରେ ଆପଣଙ୍କ ବିଚ୍ଛରଧାରା କେତେ ସଂଶ୍ଳିଷ୍ଟ ନିଜକୁ ନିଜେ ପର ଦେ ଆଲୋଡିତ ପ୍ରଶ୍ନର ଉତ୍ତର ପାଇଁ ଆମକୁ ସଂଯୋଗ କରିବାରେ କୌଣସି ଦ୍ୱିଧା ନାହିଁ.........

ଏକ ବାସ୍ତବବାଦୀ ମାନସମନ୍ଥନ କଲେ ଜାଣିହେବଯେ ମଣିଷ ପ୍ରକୃତିର ଏକ ଉପାଦାନ ଯାହା ପ୍ରକୃତି କୋଳରୁ ସୃଷ୍ଟି ହୋଇ ସେହି ମାଟିରେ ବିଲୀନ ହୋଇଯାଏ ଏକ ନିର୍ଦ୍ଧାରିତ ସମୟସୀମା ମଧରେ ! ଗୋଟିଏ ମଣିଷ ତାହାର କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ଅନୁରୂପ ନକଲଟିଏ ପ୍ରସ୍ତୁତକରି ପ୍ରକୃତିକୁ ପ୍ରଦାନ କରିବାର କ୍ଷମତା ମଧ ଦେଇଛି ପ୍ରକୃତି ଯିଏ ତାକୁ ପ୍ରଥମେ ସୃଷ୍ଟି କରିଥିଲା ମଣିଷର ଚତୁରତା ମଧ ପ୍ରକୃତିର ଏକ ଉପାଦାନ ଯାହା ଅନ୍ୟାନ୍ୟ ପ୍ରାଣୀ ଜଗତରେ ନାହିଁ ! ହେଲେ ପ୍ରକୃତିର ସେହି ସୁନ୍ଦର ଉପହାରଟିକୁ ବ୍ୟର୍ଥ ନକରି ମଣିଷ ଯଦି ତାହାର ସଦୁପଯୋଗ କରିଥାନ୍ତା ହୁଏତ ଏକ ସୁନ୍ଦର ପ୍ରେମମୟ ମଣିଷ ସମାଜ ଗଠନ ହୋଇ ପାରିଥାନ୍ତା, ଯାହା ଆଜି ବିପରୀତମୁଖୀ ଅବସ୍ଥାରେ ଗତି କରୁଥିବା ସ୍ୱିକାରଯୋଗ୍ୟ ! ସୁଖ,ସ୍ୱାଚ୍ଛନ୍ଦ୍ୟ, ଆନନ୍ଦ ପାଇଁ ମଣିଷ ଆଜି ପ୍ରଗତିର ଚରମ ସୀମାରେ ପହଞ୍ଚି ମଧ, ଦୁଃଖ, ଦାରିଦ୍ର୍ୟ, ମାନସିକ ଅସ୍ଥିରତା ମଣିଷକୁ ଏକ ପ୍ରକାର ଦ୍ୱେଷ, ଇର୍ଷା ଏବଂ କାରୁଣ୍ୟ ପରିସ୍ଥିତି, ପରିବେଶ ମଧରେ ର ଜୀବନ ଯାପନ କରାଉଥିବା କେହି ଅସ୍ୱୀକାର କରିପାରିବେ ନାହିଁ ! ସବୁ ଥାଇ କିଛି ନାହିଁ କାହିଁକି ବିଚ୍ଛର କରି ଦେଲେ ଜାଣିହେବଯେ ସବୁରି ମୂଳରେ ଟଙ୍କା !! କେମିତି, ବିଚ୍ଛର କରି ଦେବା..........

ଟଙ୍କା ଏକ ସାଧାରଣ ମୂଲ୍ୟାଙ୍କନ କରୁଥିବା ବିନିମୟ ଯାହା ମଣିଷ ବିଭିନ୍ନ ଉପକରଣ/ସାମଗ୍ରୀ ଅଦଳବଦଳ କରିବା ଲକ୍ଷ ନେଇ ପ୍ରସ୍ତୁତ କରିଥିଲା ଟଙ୍କାକୁ ଦୀର୍ଘଦିନ ଧରି ସଞ୍ଚୟଯୋଗ୍ୟ ।ସ୍ଥଭାବେ ପ୍ରସ୍ତୁତ କରାଯାଇନଥିଲା ! ଟଙ୍କା ଆବଶ୍ୟକ ମୁତାବକ ଆସିବ ଏବଂ ଯିବା ଲକ୍ଷନେଇ ପ୍ରସ୍ତୁତ କରାଯାଇଥିଲା ତେଣୁ ତାହାର ଅନ୍ୟ ନାମ ଚଞ୍ଚଳା ! ହେଲେ ଟଙ୍କା ଦ୍ୱାରା ଦୁନିଆର ସବୁକିଛି ବିନିମୟ ହୋଇପାରୁଥିବା ହେତୁ ତାହା ଏକ ଅଖଣ୍ଡ କ୍ଷମତାଧାରୀ ବସ୍ତୁ ଭାବେ ବେଶ ପରିଚିତ ଏବଂ ସମସ୍ତଙ୍କର ଗଳାର ମାଳି ହୋଇ ରହୁଛି କୌଣସି ପ୍ରାକୃତିକ କର୍ମ କରି ନିଜ ବଞ୍ଚିବା ଆଧାର ଏବଂ ଅନ୍ୟାନ୍ୟ ସାମଗ୍ରୀ ପ୍ରସ୍ତୁତ କରିପାରୁନଥିବା ମଣିଷ ସେସବୁ ପ୍ରସ୍ତୁତ କରୁଥିବା ମଣିଷ ମାନଙ୍କ ଠାରୁ ଟଙ୍କା ମାଧମରେ ସହଜରେ ପାଇପାରୁଥିବା ହେତୁ ଟଙ୍କାକୁ ଏକ ଅମୋଘ ଅସ୍ତ୍ର ଭଳି ସମାଜରେ ବ୍ୟବହାର କରାଯାଉଥିବା ଦେବାକୁ ମିଳୁଛି ମଣିଷ ନିଜ ଇଚ୍ଛା ମୁତାବକ ସୁଖ ସ୍ୱାଚ୍ଛନ୍ଦ୍ୟରେ ବଞ୍ଚିବାପାଇଁ କିଛି ପ୍ରାକୃତିକ କର୍ମ ନକରି ମଧ କେବଳ ଯଦି ଟଙ୍କା ଅଛି ତାହା ପାଖରେ, ସେ ସବୁକିଛି କରିପାରୁଥିବା ଦେବାକୁ ମିଳୁଛି ଅର୍ଥାତ ଟଙ୍କା ମଣିଷ ମନର ଏକ ଦୁର୍ବଳତା ଭାବେ ଏତେ ଜଡ଼ିତଯେ, ତାହା ମଣିଷକୁ ଏକ ରକମ ପ୍ରେମରେ ବାନ୍ଧି ଅନ୍ଧ କରି ଦେଉଛି ! ଆଉ ସେହି ପ୍ରେମ ପାଇଁ ମଣିଷ ଯାହାକିଛି ମଧ କରିପାରେ ଯାହା କାହାର କୌଣସି କ୍ଷତି କରୁ କିମ୍ବା ସମାଜକୁ ତଳିତଳାନ୍ତ କରୁ, କିଛି ବୁଝିବାର ନାହିଁ ସେହି ଟଙ୍କା ପ୍ରେମୀ ମଣିଷ ମାନଙ୍କର !! ତେଣୁ ପର୍ଯ୍ୟାପ୍ତ ପରିମାଣର ଆବଶ୍ୟକ ବର୍ହିଭୁତ ଟଙ୍କା ସଂଗ୍ରହ, ସଞ୍ଚୟ କରିବାରେ ବ୍ୟସ୍ତ ସମଗ୍ର ମଣିଷ ସମାଜ ! ହେଲେ କିଏ କେବେ ଟଙ୍କାର ବାସ୍ତବ ମୂଲ୍ୟାଙ୍କନ କରିବାରେ ଅଗ୍ରହ ପ୍ରକାଶ କରିନଥାନ୍ତି କିମ୍ବା କାହାର ସମୟ ନାହିଁ ଜାଣିବା ପାଇଁ ଯେ ବାସ୍ତବିକ କ'ଣ କରାଯିବା କଥା ଆଉ ମୁ କ'ଣ କରୁଛି ?!!

ପ୍ରାକୃତିକ ଉପାଦାନ ଗୁଡିକ ହେଉଛି ଟଙ୍କାର ବିନିମୟ ମୂଲ୍ୟ ! ଟଙ୍କା ଉପରେ ଲେଖାଯାଇଥିବା ମୂଲ୍ୟଟି କେବଳ ତାହାର ଗଣନାଙ୍କ ! ଏହା ସାଧାରଣରେ ସମୀକ୍ଷା କରି ବୁଝିବା ସହଜସାଧ ନୁହେଁ ! ତେଣୁ ସାଧାରଣ ଲୋକଙ୍କୁ ଟଙ୍କାର କେବଳ ଗଣନାଙ୍କ ବ୍ୟତୀତ ତାହାର ମୂଲ୍ୟ ବୋଧହୋଇନଥାଏ ତେଣୁ ସମସ୍ତେ ନିଜର ସମ୍ପତ୍ତିର ମୂଲ୍ୟାଙ୍କନ କେବଳ ଟଙ୍କାର ଗଣନାଙ୍କ ମାଧମରେ କରି ନିଜର ଆତ୍ମସନ୍ତୁଷ୍ଟି ଉପଲବ୍ଧ କରିବାରେ ବ୍ୟସ୍ତ ଆଉ ସେହି ଗଣନାଙ୍କ ହିସାବରେ ନିଜର ସମ୍ପତ୍ତିର ଆକଳନ କରିବା ଏବଂ ତାହାର ବୃଦ୍ଧି କରାଯିବା ଲକ୍ଷ ନେଇ ସମଗ୍ର ମଣିଷ ସମାଜ ଆଜି କ୍ଷୁଧାତୁର ଅବସ୍ଥାରେ ମାନସିକ ବିଚଳନ ମଧରେ ଗତି କରୁଥିବା କେହି ଅସ୍ୱୀକାର କରିପାରିବେ ନହିଁ ଏମିତି ଜୀବନସାରା ଯାହାକିଛି କରି ଅଜସ୍ର ଟଙ୍କା/ସମ୍ପତ୍ତି ଉପାର୍ଜନ କଲେ ମଧ ମନରେ ଆତ୍ମସନ୍ତୁଷ୍ଟି ନାହିଁ ମଣିଷର ଯାହା ତାକୁ ଅହରହ ଆସକ୍ତି ମଧରେ ରଖୁଥିବା କେହି ଅସ୍ୱୀକାର କରିପାରିବେ ନାହିଁ ପୁନଃ ସମାଜରେ ଅଜସ୍ର କେଳେଙ୍କାରୀ କରି ସାଧାରଣ ମଣିଷ ମାନଙ୍କଦ୍ୱାରା ଘୃଣିତ ହୋଇ ସମସ୍ତଙ୍କ ଅଭିଶାପ ତଥା କ୍ରୋଧର ପାତ୍ର ହେଲେ ମଧ ବିଭିନ୍ନ କୁକର୍ମ କରି କୌଣସିମତେ ଟଙ୍କା ଗଚ୍ଛିତ କରିବା ଲକ୍ଷରୁ ମଣିଷ ନିଜକୁ ଦୁରେଇ ଦେଇପାରୁନଥିବା ଆଜିକା ସମୟର ଏକ ମାନସିକ ବିଡମ୍ବନା ଯାହାକୁ ମଣିଷ ଏତେ ପ୍ରେମ କରିବସୁଛିଯେ ସେ ନିଜକୁ ନିଜର ଆକଳନ କରିବା ପାଇଁ ସମୟ ପାଉନାହିଁ ! ସେଇଥିରେ ତାକୁ ଆନନ୍ଦ ମିଳେ କେତେ ଏବଂ ତାହାର ମୂଲ୍ୟବୋଧତା କେତେ ଏବଂ କ୍ଷତି କଣ ବିଚ୍ଛର କରିବା..............!!

ମହୁମାଛି ମହୁ ସଂଗ୍ରହ/ସଞ୍ଚୟ କରି ନିଜେ ବ୍ୟବହାର କରିପାରେନାହିଁ ! କୌଣସି କାରଣରୁ ମହୁ ନମିଳିଲେ ସେ ତାକୁ ବ୍ୟବହାର କରିବା ଲକ୍ଷର କରିଚ୍ଛଲିଥାଏ ନିଜର କର୍ତ୍ତବ୍ୟ କିନ୍ତୁ ସୃଷ୍ଟି ଆରମ୍ଭରୁ ଏପର୍ଯ୍ୟନ୍ତ ପ୍ରକୃତି ତାକୁ ମଧୁ ପ୍ରଦାନ କରିବାରେ କେବେ ଅବହେଳା କରିନାହିଁ କିମ୍ବା ସୃଷ୍ଟିର ବିଲୟ ହେବାଯାଏ କରିବ ନାହିଁ, ଯାହା ବୁଝିବା ତାହାର ଜ୍ଞାନ ବର୍ହିଭୁତ ! ସେହି ସଞ୍ଚିତ, ଗଚ୍ଛିତ ମହୁ କାହାଦ୍ୱାରା ବ୍ୟବହାର ହେବ କିମ୍ବା ବର୍ଷାରେ ଧୋଇଯିବ ସେସବୁକୁ ଆକଳନ, ସମୀକ୍ଷା କରିବା ପାଇଁ ତାହାରି ପାଖରେ ସ୍ମରଣିକା ନାହିଁ କି ବିଚ୍ଛରଶୀଳ ବୁଦ୍ଧି ! ତଥାପି ସେ କର୍ତ୍ତବ୍ୟରୁ ପଶ୍ଚାତ୍‌ପଦ ହୁଏନାହିଁ ! ଅନୁରୂପ କାର୍ଯ୍ୟ ମଣିଷ ମଧ କରିଥାଏ ଯାହା ସେ ନିଜର ଆବଶ୍ୟକ ବର୍ହିଭୁତ ସଞ୍ଚିତ ଅର୍ଥ ନିଜେ କେବେହେଲେ ବ୍ୟବହାର କରିପାରିବ ନାହିଁ ! ତଥାପି ନିଜର ଆଶା ଓ ଆକାଂକ୍ଷାକୁ ସ୍ଥୁଳରୂପ ଦେଇ ସଞ୍ଚୟ କରିଚ୍ଛଲିଥାଏ ଧନ/ସମ୍ପତ୍ତି କେବଳ ଦିନେ ସେସବୁ ଉପଭୋଗ କରିବା ଲକ୍ଷ ନେଇ ! କିନ୍ତୁ ସଞ୍ଚିତ ଗଚ୍ଛିତ ସମ୍ପତ୍ତି/ଧନ କେବେହେଲେ ନିଜକୁ ହୋଇନଥାଏ ପ୍ରୟୋଜନ ! ବରଂ ମହୁମାଛିର ମହୁପରି ତାହା ଅନ୍ୟ କାହାଦ୍ୱାରା ଉପଯୁକ୍ତ ରାସ୍ତାରେ ବ୍ୟବହାର ହେବ କି ବର୍ଷାରେ ମହୁ ଧୋଇଗଲାପରି ସେହି ଗଚ୍ଛିତ ସମ୍ପତ୍ତି କ୍ଷୟ ହୋଇଯିବ ବୁଝିବାର ପ୍ରୟାସ ନକରି ମଣିଷ କରିଚ୍ଛଲିଛି ନିଜର କର୍ତ୍ତବ୍ୟ, ସତେ ଯେପରି ଏକରକମ ସୀମାହୀନ ଅନ୍ଧ ପ୍ରେମରେ ବାନ୍ଧି ହୋଇ ନିଜକୁ ହଜାଇ ଦେଇଛି ସେହି ଟଙ୍କା ପ୍ରେମର ଦରିଆ। ଭିତରେ !! ଆଉ ସଂସାରର ସମସ୍ତ ମାନବୀୟ କର୍ତ୍ତବ୍ୟକୁ ପଛରେ ପକାଇ ମଣିଷ ଜୀବନର ମୂଲ୍ୟାଙ୍କନ କରିନପାରି ନିଜକୁ ସେହି ଟଙ୍କା ସହିତ ପ୍ରେମ ଜ୍ୱାଳାରେ ଜାଳି ଜାଳି ଜୀବନ ଶେଷ ପର୍ଯ୍ୟନ୍ତ ମାନସିକ ଅସ୍ଥିରତା ମଧରେ ରହି ଅଗାଧ ସମ୍ପତ୍ତି ସଞ୍ଚୟ କଲାପରେ ସେସବୁ ନିଜେ ଉପଭୋଗ କରିନପାରି କାହା ହାତରେ ସମର୍ପଣ କରି ସଂସାର ଛାଡି ଚ୍ଛଲିଯିବାରେ କୌଣସି ବାସ୍ତବ ସୁଖ ଥାଏକି ଦୁଃଖ ବିଚ୍ଛର ନିଜ ନିଜର ଅନ୍ତର୍ଜ୍ଞାନ ଏବଂ ବିଚ୍ଛରଶୀଳ ଚିନ୍ତାଧାରା ଉପରେ ! ଆହୁରି ଅନେକ କ୍ଷେତ୍ରରେ ଦେବାକୁ ମିଳୁଥିବା ମଣିଷ ଗୁଡିଏ ଯିଏ ସଂସାରକୁ ଠକି ଠକି କିମ୍ବା କୌଣସି ଅକର୍ତ୍ତବ୍ୟ/ଭ୍ରଷ୍ଟାଚ୍ଛର କରି ସାଧାରଣ ଲୋକଙ୍କ ଦ୍ୱାରା ଘୃଣିତ, ସମାଲୋଚିତ ହୋଇମଧ ତିଳେହେଲେ ଦ୍ୱିଧା ନଥାଏ ସେହି ଆବଶ୍ୟକ ବର୍ହିଭୁତ ଅଜସ୍ର ଟଙ୍କା ସଂଗ୍ରହ/ସଞ୍ଚୟ କରିବାରେ, ସେମାନଙ୍କ ଜୀବନ ଶୈଳୀ ଏକ ଭିନ୍ନତମ ପରିସରଭୁକ୍ତ ହୋଇଥାଏ, ଯାହାଙ୍କୁ ମଣିଷ ରୂପି କେଉଁ ଆଖ୍ୟା ଦିଆଯିବ ପ୍ରଶ୍ନବାଚୀ.....?!!

ହେଲେ ଦୈନନ୍ଦିନ କାର୍ଯ୍ୟ କରି ନିଜସ ସମ୍ବଳ ମଧରେ ସତମାର୍ଗରେ ଅର୍ଜିତ ଅର୍ଥ ଉପଯୁକ୍ତ ଉପାୟରେ ବିନିଯୋଗ କରି ଏକ ଆନନ୍ଦମୟ ସୁନ୍ଦର ଜୀବନ ଯାପନ କରୁଥିବା ଲୋକ ବାସ୍ତବିକ ସୁଖ ପାଇଥାଏ ନା ପଶୁତୁଲ୍ୟ ବିଚ୍ଛରଧାରାରେ ପ୍ରଚଳିତ ସେହି କେଳେଙ୍କାରୀ ଅର୍ଜିତ ଧନ ସଞ୍ଚୟକାରୀ ମଣିଷ ନିଜେ ଦୁଃତ ହେବା ସହିତ ସମଗ୍ର ମଣିଷ ସମାଜକୁ ଦୁଃଖ ଦରିଆକୁ ଠେଲିଦେଇ ନିଜ ଭବିଷ୍ୟ ପିଢିଙ୍କୁ ଅଲୌକିକ ସୁଖର ସେହି ବାସ୍ତବ ଜଟିଳ ଦୁଃଖମୟ ଜୀବନ ଘେରରେ ଛନ୍ଦି ଚ୍ଛଲିଯାଇଥାଏ, ଯାହା ସେମାନେ ପିଢ଼ିକୁ ପିଢ଼ି ବୁଝିନପାରି ଏକ ରକମ ଉବୁଟୁବୁ ହେଉଥା'ନ୍ତି ସେହି ଜଞ୍ଜାଳ ମଧରେ ଯେଉଁଥିରେ ସୁଖ ବୋଲି କିଛି ନଥାଇ କେବଳ ମାନସିକ ଅସ୍ଥିରତା ଏବଂ ଯନ୍ତ୍ରଣା ତାହାର ଉପାଦାନ ସ୍ୱରୂପ ଉପଲବ୍ଧ ହୁଏ ସେମାନଙ୍କୁ ! ଏବଂ ସେମାନେ ମଧ ଅନୁରୂପ କାର୍ଯ୍ୟଧାରାରେ ଜଡିତ ରହି ନିଜକୁ ଜାଳି ଜାଳି ସମାଜକୁ କ୍ଷୁର୍ଣ୍ଣ କରିବାରେ ଅଶେଷ ସହଯୋଗ କରିଥା'ନ୍ତି ଯାହା ଆଜିକା ଦିନର ମଣିଷ ସମାଜର ପରିସ୍ଥିତି ଦେବାକୁ ମିଳୁଛି ବିଶ୍ୱବ୍ୟାପୀ, ଯେଉଁଥିରୁ ନିସ୍ତାର କେବେ କେହି ଜାଣିନାହାଁନ୍ତି ?!! ସେମାନଙ୍କ ଆର୍ଥିକ ସମୃଦ୍ଧି ସମାଜର ଅନ୍ୟାନ୍ୟ ମଣିଷ ମାନଙ୍କୁ ଦାରିଦ୍ର୍ୟତା ସୀମାରେଖା ତଳେ ରହିବା ପାଇଁ ସୁଯୋଗ ସୃଷ୍ଟି କରୁଥିବାବେଳେ, ସେମାନେ ନିଜେ ଆତ୍ମ ସ୍ୱାଭିମାନ, ଅହଙ୍କାର ଏବଂ ଅମାନବୀୟତାର ଚରମ ସୀମାରେ ରହି ସମାଜକୁ ଲୁଣ୍ଠନ କରି ନିଜର ସାମ୍ରାଜ୍ୟ ବିସ୍ତାର କରିବାରେ ଏକପ୍ରକାର ବୁଡି ରହିଥାନ୍ତି ! ଅତଏବ ସମ୍ପୃକ୍ତ ମଣିଷ ଗୁଡିକ ମାନବୀୟ ସଂସ୍କାର କ'ଣ ବୁଝିନପାରି କେବଳ ଏକ ପ୍ରାକୃତିକ ପ୍ରାଣୀ ସଦୃଶ୍ୟ ସାମାଜିକ ଦୁର୍ବଳତାର ମେରୁଦଣ୍ଡ ଭଳି କାର୍ଯ୍ୟ କରୁଥିବାବେଳେ ସେମାନଙ୍କ ସମ୍ପଦର ମହିମା ସେହିମାନେହିଁ ଉପଭୋଗ କରିଥା'ନ୍ତି ଯାହା ଜନସମାଜ ପାଇଁ କେବଳ ଗୋଟିଏ ନମୁନା ଭଳି ପ୍ରଦର୍ଶିତ ହୋଇଥାଏ ! ସାଧାରଣ ମଣିଷ ସେମାନଙ୍କ ସେହି କୁପ୍ରଭାବରେ ପ୍ରଭାବିତ ହୋଇ ନିଜର ଜୀବନ ନଷ୍ଟ କରିବାରେ ସବୁବେଳେ ମାନସିକ ଅସ୍ଥିରତା ମଧରେ ଗତିକରୁଥିବା ଏକ ଅପ୍ରିୟ ସତ୍ୟ, ଯାହା ବିଶ୍ୱବ୍ୟାପୀ ଦେବାକୁ ମିଳେ ! ଆପଣ ମାନଙ୍କ ବିଚ୍ଛରରେ ସମ୍ପୃକ୍ତ ତଥ୍ୟର ଉପାଦେୟତା କେତେଦୂର ଯୁକ୍ତିଯୁକ୍ତ କିମ୍ବା ଅଯୌକ୍ତିକ ଆମକୁ ଗୋଚର କରାଇଲେ ଆବଶ୍ୟକ ସୁଧାର କରାଯିବା ଲକ୍ଷ ନେଇ ରହିଲି.......!

ଧନ୍ୟବାଦ.

+ ସୋସିଆଲ ଫୋରୁମ
ଛତ୍ରପୁର, ଗଞ୍ଜାମ.
ମୋ: ୯୪୩୭୩୨୪୯୧୭.

# ଟାଇ ଆଣ୍ଡ ଡାଇ

**ଫ୍ୟାଶନରେ 'ଟାଇ ଆଣ୍ଡ ଡାଇ' ଏକ ପରିଚିତ ନାଁ । ପୂର୍ବରୁ କେବଳ ଶାଢ଼ୀରେ ସୀମିତ ଥିବା 'ଟାଇ ଆଣ୍ଡ ଡାଇ' ଏବେ ସବୁ ପ୍ରକାରର ପୋଷାକରେ ନିଜର ଛାପ ଛାଡ଼ିଛି । ଆସନ୍ତୁ ନଜର ପକାଇବା ଫ୍ୟାଶନେବଲ 'ଟାଇ ଆଣ୍ଡ ଡାଇ' ପୋଷାକ ଉପରେ ।**



➢ଟାଇ ଆଣ୍ଡ ହାଇ ହେଉଛି ପୋଷାକରେ ରଙ୍ଗ ଭରିବାର କଳା । ଗୁଜୁରାଟରେ ନିର୍ଦ୍ଦିଷ୍ଟ କେତେକ ଅଞ୍ଚଳରେ ଏହି କଳାର ଚାହିଦା ରହିଛି । ପାରମ୍ପାରିକ ପୋଷାକରେ ଟାଇ ଆଣ୍ଡ ଡାଇ ସବୁଠୁ ଅଧିକ ସୁନ୍ଦର ଲାଗେ ।

➢ଟାଇ ଆଣ୍ଡ ଡାଇ କଥା ଉଠିଛି ମାନେ ଆମେ ପ୍ରଥମେ ଶାଢ଼ିକୁ ପ୍ରାଥମିକତା ଦେବା । ଆଗରୁ ଅଧିକ ସଂଖ୍ୟାରେ କଟନ୍ ଟାଇ ଆଣ୍ଡ ଡାଇ ଶାଢ଼ି ମିଳୁଥିଲା ବେଳେ ଏବେ ସିଲ୍କ ଓ ସିଫନରେ ବି ଏହି ପ୍ୟାଟର୍ଣ୍ଣ ଉପଲବ୍ଧ । ଟାଇ ଆଣ୍ଡ ଡାଇକୁ ସିବୋରି ପ୍ରିଣ୍ଟ ମଧ୍ୟ କୁହାଯାଉଛି । ଟାଇ ଆଣ୍ଡ ଡାଇରେ ସାଧାରଣତଃ ବାଇ କଲର ଓ ମଲ୍ଟି କଲର ପ୍ରିଣ୍ଟ ଦେଖିବାକୁ ମିଳିଥାଏ । ବାଇ କଲରରେ ଦୁଇଟି ରଙ୍ଗର ବ୍ୟବହାର କରାଯାଉଥିବା ବେଳେ ମଲକ୍ଟିକଲରରେ ଦୁଇରୁ ଅଧିକ ରଙ୍ଗର ଉପଯୋଗ ହୋଇଯାଏ ।

➢ସିଲ୍କ ଓ ସିଫନର ଟାଇ ଆଣ୍ଡ ଡାଇ ଶାଢୀ ଦେଖିବାକୁ ଯେମିତି ସୁନ୍ଦର, କ୍ୟାରି କରିବା ମଧ ସେତିକି ଆରାମଦାୟକ । ସିଫନ୍ ଟାଇ ଆଣ୍ଡ ଡାଇ ଶାଢ଼ି ସହିତ ମୁକ୍ତାର ଅଳଙ୍କାର ସବୁଠୁ ସୁନ୍ଦର ଲାଗିଥାଏ ।

➢ଟାଇ ଆଣ୍ଡ ଡାଇରେ ବି ମିଳି ପାରିବ ଫ୍ୟାଶନେବଲ ଲୁକ୍ । ଡିଜାଇନର ପୋଷାକ ପ୍ରସ୍ତୁତ କରୁଥିବା ଫ୍ୟାଶନ୍ ବ୍ୟୁଟିକ୍ ଗୁଡ଼ିକରେ ଟାଇ ଆଣ୍ଡ ଡାଇ ମେଟେରିଆଲର ପୋଷାକ ଉପଲବ୍ଧ । ଆପଣ ଚାହିଁଲେ ନିଜ ମନ ପସନ୍ଦର କଷ୍ଟମାଇଜଡ ପୋଷାକ ସେଠାରୁ ତିଆରି କରିପାରିବେ ।

➢ଟାଇ ଆଣ୍ଡ ଡାଇର ପାଲାଜୋ ମଧ ଆସୁଛି । ଯଦିଓ ଏହାର ଦାମ ଟିକେ ଅଧିକ ରହୁଛି ଓ ସେଗୁଡ଼ିକ ବ୍ରଣ୍ଡେଡ୍ । ଆଉଟଲେଟରେ ଉପଲବ୍ଧ । ଯଦି ଆପଣଙ୍କୁ ଟାଇ ଆଣ୍ଡ ହାଇର ପାଲୋଜୋ ମିଳିଯାଉଛି ତେବେ ଏହା ସହିତ ସିଙ୍ଗଲ କଲରର ଟପ୍ ୱିୟର ବାଛନ୍ତୁ ।

ଜିନ୍ସ ସହିତ ମଧ ଟାଇ ଆଣ୍ଡ ଡାଇର ଟପ୍ କିମ୍ବା କୁର୍ତ୍ତି ପିନ୍ଧିପାରିବେ । ତେବେ ଷ୍ଟ୍ରେଟ୍ କଟ୍ କିମ୍ବା ଏ- ଲାଇନ କୁର୍ତ୍ତା ପରିବର୍ତ୍ତେ ଟାଇ ଆଣ୍ଡ ଡାଇର ହାଇ -ଲୋ ହେମ୍ କିମ୍ବା ଆସିମେଟ୍ରିକାଲ କୁର୍ତ୍ତା କ୍ୟାରିକରନ୍ତୁ ।

➢ଆପଣଙ୍କୁ ଟାଇ ଆଣ୍ଡ ଡାଇର ପୋଷାକ ପିନ୍ଧିବାକୁ ଇଚ୍ଛା । ହେଲେ ସହଜରେ ତାହା ମିଳୁନି । ଚିନ୍ତା କରନ୍ତୁ ନାହିଁ । ଟାଇ ଆଣ୍ଡ ଡାଇର ସ୍କାର୍ଫ ସବୁଠି ମିଳୁଛି । ଉଭୟ ପାଶ୍ଚାତ୍ୟ ଓ ପାରମ୍ପାରିକ ପୋଷାକ ସହିତ ଏହି ସ୍କାର୍ଫ କ୍ୟାରି କରିପାରିବେ ।

➢ଫ୍ଲୋରାଲ ପ୍ରିଣ୍ଟର ସ୍କର୍ଟ ପିନ୍ଧି ପିନ୍ଧି ବୋର ହୋଇଗଲେଣି । ଏଥର ଟିକେ ଅନ୍ୟ ପିଣ୍ଟର ସ୍କର୍ଟ ବିଷୟରେ ଚିନ୍ତା କରନ୍ତୁ । ଏ କ୍ଷେତ୍ରରେ ଆପଣଙ୍କୁ ଟାଇ ଆଣ୍ଡ ଡାଇ ପିଣ୍ଟର ଲଙ୍ଗ ସ୍କର୍ଟ ବେଶ୍ ଭଲ ମାନିବ । ଟାଇ ଆଣ୍ଡ ଡାଇ ଲଙ୍ଗ ସ୍କର୍ଟ ବେଶ୍ ଭଲ ମାନିବ । ଟାଇ ଆଣ୍ଡ ଡାଇ ଲଙ୍ଗ ସ୍କର୍ଟ ସହିତ ସଲିଡ୍ କଲର ସର୍ଟ କୁର୍ତ୍ତା କିମ୍ବା କ୍ରପ୍ ଟପ୍ ଆପଣଙ୍କୁ ଅନ୍ୟମାନଙ୍କ ଠାରୁ ଅଲଗା କରିବ ।







## ମୁଖ୍ୟ ଆକର୍ଷଣ 'ଭାସମାନ ଡାକଘର'




ଭୂ-ସ୍ୱର୍ଗ ଭାବେ ଜଣାଯାଉଥିବା ଶ୍ରୀନଗରରେ ପର୍ଯ୍ୟଟକଙ୍କ ସଂଖ୍ୟା ସେଭଳି ବଢ଼ି ନ ପାଇବାର ମୁଖ୍ୟ କାରଣ ହେଲା ସ୍ଥାନୀୟ ଅଞ୍ଚଳରେ। ଆତଙ୍କବାଦୀ ଆକ୍ରମଣ ଭୟ । ଏକ ୱେବ୍‌ସାଇଟ୍‌ରୁ ମିଳିଥିବା ତଥ୍ୟ ଅନୁସାରେ, ଆମେରିକା ଓ ଇଉରୋପରୁ ଆସୁଥିବା ପର୍ଯ୍ୟଟକମାନେ ଶ୍ରୀନଗର ଯିବାରେ ଆଗ୍ରହ ପ୍ରକାଶ କରନ୍ତି, କିନ୍ତୁ ସେଠାକାର ପାରିପାର୍ଶ୍ୱିକ ପରସ୍ଥିତି ଠିକ୍ ରହୁନଥିବାରୁ ପର୍ଯ୍ୟଟକ ଆଗେଇପାରନ୍ତି ନାହିଁ । କେତେଜଣ ପର୍ଯ୍ୟଟକ ଅବଶ୍ୟ ଚ୍ୟାଲେଞ୍ଜ ଭାବେ ଜୀବନକୁ ଗ୍ରହଣ କରି ସେଠାକୁ ଯାତ୍ରା କରନ୍ତି । ଶ୍ରୀନଗର ଯାଇଥିବା ପର୍ଯ୍ୟଟକଙ୍କ ମତରେ ସ୍ଥାନୀୟ ଅଞ୍ଚଳର ପ୍ରାକୃତିକ ସୌନ୍ଦର୍ଯ୍ୟ ଆଖିରେ ନ ଦେଖିଲେ ଅନ୍ୟ ଠାରୁ ଶୁଣିବା ନିରର୍ଥକ ଅଟେ । ଏଠାକାର ପ୍ରମୁଖ ଆକର୍ଷଣ ମଧ୍ୟରୁ ଅନ୍ୟତମ ହେଉଛି 'ଭାସମାନ ଡାକଘର' । ଡାଲ୍ ହ୍ରଦର ଏଇ ଭାସମାନ ଡାକଘର ୨୦୧୧ ରେତ୍ତତକାଳୀନ ଜମ୍ମୁ-କାଶ୍ମୀରର ମୁଖମନ୍ତ୍ରୀ ଓମାର ଅବଦୁଲ୍ଲା ଶୁଭାରମ୍ଭ କରିଥିଲେ । ସ୍ଥାନୀୟ ଲୋକଙ୍କୁ ଡାକ ସୁବିଧା ଯୋଗାଉଥିବା ଭାସମାନ ଡାକଘରରେ ନିୟମିତ ପର୍ଯ୍ୟଟକଙ୍କ ଭିଡ ଦେଖିବାକୁ ମିଳେ । ଏହା ସହ ଡାକଘରରେ ମିଳୁଥିବା ଅନ୍ୟ ସୁବିଧାମାନ ହେଲା, ଇଣ୍ଟରନେଟ୍ ସୁବିଧା ଓ ଅନ୍ତର୍ଜାତୀୟ ଫୋନ୍ କଲ୍ । ଭାସମାନ ଡାକଘରର ରକ୍ଷଣାବେକ୍ଷଣାରେ ସ୍ଥାନୀୟ ପ୍ରଶାସନ ସମସ୍ତ ପ୍ରକାର ପଦକ୍ଷେପ ନେଉଥିବାର ପ୍ରକାଶ ।

## ଆଙ୍ଗୁଠି

` Ü ûA a û c ^ ।

ନିଜର ଆଙ୍ଗୁଠି ଫୁଟାଇବାର ଅଭ୍ୟାସ ଆନେକଙ୍କର ରହିଆସିଛି । ଏହାଦ୍ୱାରା ଆଙ୍ଗୁଠି ଜଏଣ୍ଟ ଆରାମ ଲାଗିଥାଏ । ଏହା ଏକ ବଦଭ୍ୟାସ । ବାରମ୍ବାର ଏପରି କରିବା ଦ୍ୱାରା ଆର୍ଥରାଇଟିସ୍ ସମସ୍ୟା ଦେଖାଦେବାର ଆଶଙ୍କା ରହିଥାଏବୋଲି କାର୍ଲିଫର୍ନିଆ ବିଶ୍ୱବିଦ୍ୟାଳୟରେ ଗବେଷକଙ୍କ ଦ୍ୱାରା ହୋଇଥିବା ଏକ ଗବେଷଣା ରିପୋର୍ଟରେ ପ୍ରକାଶ ପାଇଛି । ଶରୀରର ବିଭିନ୍ନ ଜଏଣ୍ଟ ମଧ୍ୟରେ ଘର୍ଷଣ କମ୍ କରିବା ଲାଗି ସିନୋବିୟଲ ନମକ ଏକ ପ୍ରକାର ତରଳ ପଦାର୍ଥ ରହିଥାଏ । ଏଥିରେ କାର୍ବନ ଡାଇଅକ୍ସାଇଡ୍ ରହିଥାଏ । କାର୍ବନ ଡାଇଅକ୍ସାଇଡ ଫୋଟକା ଭାବରେ ଜଏଣ୍ଟରେ ରହିଥାଏ । ତେଣୁ ଆଙ୍ଗୁଠି ଫୁଟାଇବାବେଳେ ଏହି ଫୋଟକା ଶବ୍ଦ କରି ଫୁଟିଥାଏ । ମାତ୍ର ଲଗାତାର ଏଭଳି କଲେ ସିନୋବିୟଲ ତରଳ ପଦାର୍ଥର ପରିମାଣ କମିବାରେ ଲାଗେ । ଫଳରେ ଜଏଣ୍ଟରେ ହାଡ ସହିତ ହାଡ ମଧ୍ୟରେ ଅଧିକ ଘର୍ଷଣ ହୋଇଥାଏ ।ତେଣୁ ଜଏଣ୍ଟରେ ଯନ୍ତ୍ରଣା ଆରମ୍ଭ ହୋଇଥାଏ ବୋଲି ଏହି ରିପୋର୍ଟରେ କୁହାଯାଇଛି ।

## ଏନ୍-୯୫ ମାସ୍କ




କରୋନା ଭୂତାଣୁକୁ ନେଇ ବିଶ୍ୱସ୍ୱାସ୍ଥ୍ୟ ସଂଗଠନର ନିର୍ଦ୍ଦେଶାବଳୀ ପ୍ରକାଶିତ ହେବା ପରେ ଦେଶରେ ଏନ୍-୯୫ ମାସ୍କର ଚାହିଦା ବଢିଯାଇଛି । ଶ୍ୱାସକ୍ରିୟାଜନିତ ସଂକ୍ରମଣରୁ ସୁରକ୍ଷିତ ରହିବା ଲାଗି ଲୋକେ ଏହି ମାସ୍କ ବ୍ୟବହାର କରୁଛନ୍ତି । ଏହା ସଂକ୍ରମଣରୁ କିପରି ସୁରକ୍ଷିତ ରଖିଥାଏ ଜାଣନ୍ତୁ । ଚୀନ୍‌ରେ କରୋନା ଭୂତାଣୁଠାରୁ ସୁରକ୍ଷା ପାଇବା ଲାଗି ଲୋକେ ଏନ୍-୯୫ ମାସ୍କରେ ନାକ, ପାଟି ଘୋଡାଇ ରଖୁଛନ୍ତି । ସେଠାରେ ମାସ୍କର ଚାହିଦା ବଢିବା ଯୋଗୁ ଏହାର ମୂଲ୍ୟ ମଧ ୫୦% ଲାଗି ଡାକ୍ତରମାନେ ସାଧାରଣ ଡିସ୍‌ପୋଜେବ୍‌ଲ ସର୍ଜିକାଲ ମାସ୍କ ବଦଳରେ ଏନ୍-୯୫ ମାସ୍କ ଉପଯୋଗ କରିବାକୁ କହୁଛନ୍ତି । ଏହି ମାସ୍କ ସୂକ୍ଷ୍ମ କଣିକାକୁ ଫିଲ୍‌ଟର କରି ଉତ୍ତମ ସୁରକ୍ଷା ପ୍ରଦାନ କରିଥାଏ ।

ଶ୍ୱାସକ୍ରିୟା ସମ୍ବନ୍ଧୀୟ ସୁରକ୍ଷା ବି ଜରୁରୀ : ଏଥିପାଇଁ ମାସ୍କ ପିନ୍ଧିବାକୁ ଗୁରୁତ୍ୱ ଦିଆଯାଇଛି । ଏହାଦ୍ୱାରା ବାୟୁରେ ଥିବା ପ୍ରଦୂଷିତ ଏବଂ ବିପଜ୍ଜନକ କଣିକାରୁ ସୁରକ୍ଷିତ ରହିପାରିବେ । କ୍ଷତିକାରକ ଧୂଳି, କୁହୁଡି, ଧୂଆଁ, ଗ୍ୟାସ୍ ତଥା ସ୍ପ୍ରେରୁ ମଧ ସୁରକ୍ଷା ଦେଇପାରିବ ମାସ୍କ । ଶ୍ୱାସ ସଂକ୍ରାନ୍ତ ସୁରକ୍ଷା ପାଇଁ ମାସ୍କ ପିନ୍ଧିବା ଦ୍ୱାରା କର୍କଟ, ଫୁସ୍‌ଫୁସ୍‌ରେ ସମସ୍ୟା ତଥା କରୋନା ଭାଇରସ୍ ପରି ଘାତକ ସଂକ୍ରମଣରୁ ମୁକ୍ତି ମିଳିପାରିବ ।

ଏନ୍-୯୫ ମାସ୍କର ଉପକାରିତା: ମଜବୁତ କରିବା ଲାଗି ଯଥେଷ୍ଟ ଡାକ୍ତରୀ ପରୀକ୍ଷା ନିରୀକ୍ଷା କରାଯାଇଛି । ଏହା ଏଚ୍-୧ଏନ୍-୧ ଏଭିଆନ୍ ଫ୍ଲୁ, ଏସ୍‌ଏଆର୍‌ଏସ୍ ଏବଂ କରୋନା ଭୂତାଣୁ ପରି ଘାତକ ରୋଗରୁ ସୁରକ୍ଷା ଦେବାକୁ ଉପଯୁକ୍ତ । ଏପରିକି ଟିବି ସଂକ୍ରମଣ ରୋକିବା ଲାଗି ବି ଏହି ମାସ୍କ ବ୍ୟବହାର କରାଯାଇପାରେ ।

ରଖିବାକୁ ସହଜ : ଏନ୍-୯୫ ମାସ୍କ ହାଲ୍‌କା ହୋଇଥିବା ସହ ପତଳା କପଡାର ଆସ୍ତରଣ ଦେଇ ପ୍ରସ୍ତୁତ କରାଯାଇଥିବାରୁ ଏହାକୁ ପିନ୍ଧିବା ସହଜ ହୋଇଥାଏ । ଶ୍ୱାସକ୍ରିୟାରେ କୌଣସି ସମସ୍ୟା ନହେବା ତଥା ଚାପ ସୃଷ୍ଟି ନହେବା ଲାଗି ଏଥିରେ ଇଲାଷ୍ଟିକ୍‌ର ଷ୍ଟ୍ରାପ୍ ଲାଗିଛି । କ୍ଲାନ୍ତି କମାଇବା ପାଇଁ ଅନ୍ୟ ମାସ୍କ ତୁଳନାରେ ଏହା ୩୩% ଅଧିକ ହାଲ୍‌କା ହୋଇଥାଏ । ତେଣୁ ଦୀର୍ଘସମୟ ପିନ୍ଧିଲେ ମଧ ବିରକ୍ତ ଅନୁଭବ ହୁଏ ନାହିଁ । ଗୋଟିଏ ଆକାରର ଏହି ମାସ୍କ ପ୍ରାୟ ସବୁ ଲୋକଙ୍କୁ ଫିଟ୍ ହୋଇଥାଏ ।

ପରିବହନ ଉପଯୋଗୀ: ଏହି ମାସ୍କ ସହଜରେ ଭାଙ୍ଗି ଏକାଠି ୨୦ ଖଣ୍ଡ ବି ପ୍ୟାକ୍ କରିହେବ । ସ୍ୱଚ୍ଛତା ପାଇଁ ସମ୍ପୂର୍ଣ୍ଣ ଉପଯୋଗୀ ଏହି ମାସ୍କ ପକେଟ୍‌ରେ ମଧ ରହିପାରେ । କେବଳ ଏହାକୁ ସଫା ରଖିବା ଜରୁରୀ ।

ଆଲର୍ଜିମୁକ୍ତ : ଏନ୍-୯୫ ମାସ୍କ ଲାଟେକ୍ସ (ରବର) , ପିଭିସି ଏବଂ ସିଲିକନ୍ ପରି ଉପକରଣମୁକ୍ତ ହୋଇଥାଏ । ତେଣୁ ଏହି ତିନୋଟି ପ୍ରତି ଆଲର୍ଜି ଥିବା ଲୋକମାନଙ୍କ ପାଇଁ ଏହ ଖୁବ୍ ଉପଯୋଗୀ ।

## ସବୁଠୁ ବଡ ମଲ୍ଟିପ୍ଲେକ୍ସ




ବର୍ତ୍ତମାନ ସମୟରେ ଲୋକ ଟଙ୍କା ପାଣି ପରି ଖର୍ଚ୍ଚ କରିବାରେ ଆଦୌ ମନ ଉଣା କରୁନାହାନ୍ତି । ଲୋକ ସିନେମା ହଲ୍ ଯିବା ପୂର୍ବରୁ ସେଥିରେ କ'ଣ ଓ କିପରି ସୁବିଧାମାନ ଅଛି, ତାହା ପ୍ରଥମେ ଇଣ୍ଟରନେଟ୍ ଜରିଆରେ ତଦାରଖ କରୁଛନ୍ତି । ୫୫% ରୁ ଅଧିକ ଦର୍ଶକ ମଲ୍ଟି-ପ୍ଲେକ୍ସରେ ସିନେମା ଦେଖିବାକୁ ପସନ୍ଦ କରୁଛନ୍ତି, ଯଦିଓ ଏଥିରେ ଟିକେଟ୍ ଓ ଖାଦ୍ୟପାନୀୟ ଖୁବ୍ ମହଙ୍ଗା । ଭାରତର ସବୁଠୁ ବଡ ମଲ୍ଟିପ୍ଲେକ୍ସ ଚେନ୍ନାଇରେ ଅଛି । ସେଠାକାର କନାଥୁର୍ ଅଞ୍ଚଳର ଏକ ବଡ ମଲ୍ଟିପ୍ଲେକ୍ସ ହେଉଛି 'ମାୟାଜାଲ' । ୩୦ ଏକର ପରିସୀମା ବ୍ୟାପ୍ତ ଏହି ମଲ୍ଟିପ୍ଲେକ୍ସରେ ମୋଟ୍ ୧୬ଟି ସ୍କ୍ରିନ୍ ଥିବାବେଳେ, ଏହା ଏସିଆର ଦ୍ୱିତୀୟ ସର୍ବବୃହତ୍ ମଲ୍ଟିପ୍ଲେକ୍ସ ଭାବେ ପରିଚିତ । ଡିଜିଡାଲ୍ ପ୍ରୋଜେକ୍ସନ୍, ଡଲ୍‌ବି ଆଟମ୍, ଅରୋ ଥ୍ରୀଡି ସାଉଣ୍ଡ, ହାଇଟେକ୍ ଗେମ୍ ପୁଲ, ରେସ୍ତୋରାଁ ମଧ ଅଛି । ୨୬୦୦ ରୁ ଅଧିକ ଆସନବିଶିଷ୍ଟ ଏହି ମଲ୍ଟିପ୍ଲେକ୍ସ ବିଦେଶୀ ପର୍ଯ୍ୟଟକଙ୍କୁ ମଧ ଆକର୍ଷିତ କରିଥାଏ । ଏଠାକାର ପାର୍କିଂ ଜୋନ୍‌ରେ ୧୨୦୦ରୁ ଅଧିକ କାର୍ ପାର୍କିଂ ହେବାର ସୁବିଧା ରହିଛି ।

## ଗ୍ରେଟ୍ ହିମାଲୟାନ୍ ନେସ୍‌ନାଲ୍ ପାର୍କ

ହିମାଚଳ ପ୍ରଦେଶର କୁଲ୍ଲୁ ଜିଲ୍ଲାରେ 'ଗ୍ରେଟ୍ ହିମାଲୟାନ୍ ନେସ୍‌ନାଲ୍ ପାର୍କ' ଅବସ୍ଥିତ । ସମୁଦ୍ର ପତ୍ତନଠାରୁ ୧୫୦୦-୬୦୦୦ ମିଟର୍ ଉଚ୍ଚତାରେ ଏହି ଜାତୀୟ ଉଦ୍ୟାନ ପ୍ରାୟ ୧୧୭୧ ବର୍ଗ କିଲୋମିଟର୍ ଅଞ୍ଚଳକୁ ବ୍ୟାପ୍ତ । ୧୯୮୪ରେ ଏହି ଜାତୀୟ ଉଦ୍ୟାନ ସ୍ଥାପିତ ହୋଇଥିଲା । ଏହା ୩୧ ପ୍ରଜାତିର ସ୍ତନ୍ୟପାୟୀ ପ୍ରାଣୀ, ୧୮୧ ପ୍ରଜାତିର ପକ୍ଷୀ, ୩ ପ୍ରଜାତିର ସରୀସୃପ, ୯ ପ୍ରଜାତିର ଉଭୟଚର ପ୍ରାଣୀ, ୧୧ ପ୍ରଜାତିର ଅଙ୍ଗୁରୀୟମାଳ (annelid), ୧୭ ପ୍ରଜାତିର କମ୍ବୋଜ (mollusk), ୧୧୭ ପ୍ରଜାତିର କୀଟ-ପତଙ୍ଗଙ୍କ ବାସସ୍ଥାନ । ଏହି ଜାତୀୟ ଉଦ୍ୟାନ ମଧ୍ୟରେ ବିଭିନ୍ନ ଉଚ୍ଚତାରେ ଗୁଡିଏ ଉପତ୍ୟକା ଅବସ୍ଥିତ । କେବଳ ପାଦରେ ଚାଲିଚାଲି ସେସବୁ ଦେଖିବା ସଂଭବ । ସେପ୍‌ଟେମ୍ବର୍‌ରୁ ନଭେମ୍ବର୍ ସର୍ବୋତ୍ତମ ପର୍ଯ୍ୟଟନ କାଳ । ଏହି ସମୟରେ ନୀଳ ମେଷ, କସ୍ତୁରୀ ମୃଗ, ହିମ ଚେନ୍ଦୁଆ, ବାଦାମୀ ଭଲ୍ଲୁକ, ପାହାଡୀ ଛଗଳ ଆଦି ଆଖିରେ ପଡନ୍ତି । ଏଠାରେ ଶିକାର ନିଷିଦ୍ଧ । ୨୦୧୪ ରେ ଏହି ଜାତୀୟ ଉଦ୍ୟାନକୁ ବିଶ୍ୱ ଐତିହ୍ୟ ମାନ୍ୟତା ପ୍ରଦାନ କରାଯାଇଥିଲା ।



## ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ କାନ୍ଦିବା ଜରୁରୀ !

ଏକ ସୁସ୍ଥ ଜୀବନଶୈଳୀ ନିମନ୍ତେ ହସିବାର ଆବଶ୍ୟକତା ରହିଛି ବୋଲି ବିଭିନ୍ନ ଅନୁସନ୍ଧାନରୁ ପ୍ରମାଣିତ ହୋଇଛି । ବିଶ୍ୱସ୍ତରରେ ଏପରିକି ଭାରତର ମଧ ବିଭିନ୍ନ ପ୍ରାନ୍ତରେ ହସିବା ପାଇଁ 'ଲାଫିଙ୍ଗ୍ କ୍ଲବ୍' ମାନ ସଂଖ୍ୟାଧିକ ରହିଛି । ପ୍ରକୃତରେ ମନ ଖୁସି ରହିଲେ ସବୁକିଛି ଠିକ୍ ରହେ, ଏଥିରେ ସତ୍ୟତା ଅଛି । ନିକଟରେ କିନ୍ତୁ ଗବେଷକଦଳ ସ୍ୱଷ୍ଟ କରିଛନ୍ତି ସୁସ୍ଥ ରହିବା ପାଇଁ କାନ୍ଦିବାର ଆବଶ୍ୟକତା ମଧ ବେଶ୍ ଅଧିକ । ଜାପାନର ବିଶେଷଜ୍ଞ ଦଳ ଏହାର ସତ୍ୟତା ପରୀକ୍ଷା ନିମନ୍ତେ ପ୍ରଥମେ କର୍ମଜୀବୀ ଲୋକଙ୍କ ଉପରେ ପ୍ରୟୋଗ ଆରମ୍ଭ କରିଥିଲେ । ଏହା ମଧ ସତ ଯେ ବିନା କାରଣରେ ହସିବା ସହଜ ହୋଇଥିବାବେଳେ କାନ୍ଦିବା ଏକ ବଡ ଚ୍ୟାଲେଞ୍ଜ । ଏଥି ନିମନ୍ତେ ସ୍ୱତନ୍ତ୍ର ଭାବେ 'କାନ୍ଦିବା ପ୍ରଶିକ୍ଷକ' ଙ୍କୁ ମଧ ଯୋଗାଡ କରାଗଲା । ଟୋକିଓର ଏକ ନାମୀ ଅନ୍ତର୍ଜାତୀୟ କମ୍ପାନୀର ୪୩ ଜଣ କର୍ମଚାରୀଙ୍କୁ ସାମିଲ କରାଗଲା । ଜନୈକ କର୍ମଚାରୀ ଯୋଶିବାଙ୍କ ମତରେ



ପ୍ରକୃତରେ ହସିବା, ରୁପ୍ କାନ୍ଦିବାର ପ୍ରତିକ୍ରିୟା ଭିନ୍ନ । କାନ୍ଦିଲେ ମନ ଶାନ୍ତ ହେବା ସହ ଖୁବ୍ ହାଲୁକା ଲଗେ । ଜାପାନରେ ଗବେଷକଦଳ ଏଇ ପରିପ୍ରେକ୍ଷୀରେ ସଫଳ ହେବା ପରେ ବର୍ତ୍ତମାନ ବିଶ୍ୱର ଅନ୍ୟ ରାଷ୍ଟ୍ରରେ 'କାନ୍ଦିବା ଜରୁରୀ' କାର୍ଯ୍ୟକ୍ରମ ଆଗେଇବାରେ ଲାଗିଛି ।

# କରୋନା ସଚେତନତା



ଡେଲାଙ୍ଗ,୨୫।୬ (ନି.ପ୍ର): ଡେଲାଙ୍ଗ ବ୍ଲକ ଅର୍ନ୍ତଗତ ରାଢୁଅ ଗ୍ରାମରେ କରୋନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସ୍ଥାନୀୟ ଅଙ୍ଗନାଓାଡି କର୍ମୀ ଗିତାଞ୍ଜଳୀ ଜେନା, ସ୍ୱାସ୍ଥ୍ୟକର୍ମୀ ଗୀତାଞ୍ଜଳୀ ମହାନ୍ତି, ଆଶା ଦିଦି ସତ୍ୟଭାମା ରାଉତରାୟ ଏବଂ କଣାସ ସିଏଚସି ର ଡକ୍ଟର ବିଶ୍ୱରଞ୍ଜନ ଜେନା ଆଦି ପ୍ରମୁଖ ଘରକୁ ଘର ବୁଲି କରୋନା ସମ୍ପର୍କରେ ସଚେତନତା କରାଇବା ମ୍ଯାସ ପିନ୍ଧିବା, ସାମାଜିକ ଦୁରତା ରକ୍ଷା କରିବା, ପରସ୍ପର ପରିଚ୍ଛିନ୍ନତା ରହିବା, ସାନଟାଇଜେସନ କରିବା, ଅତି ଆବଶ୍ୟକ ଥିଲେ ବାହରକୁ ଯିବା ବିଶେଷ କରି ମଧୁମେହ, କ୍ୟାନସର, ଶ୍ୱାସ, ହୃଦୁରେଗୀ ଙ୍କୁ ପରାମର୍ଶ ଦେବା ସହ ଲିଫଲେଟ ବାଣ୍ଟିଥିଲେ ।

# ବିଜେଡିର ସପ୍ତାହବ୍ୟାପୀ ଜୀବନବିନ୍ଦୁ କାର୍ଯ୍ୟକ୍ରମର ଶୁଭାରମ୍ଭ

ଭୁବନେଶ୍ୱର,୨୫।୬ (ନି.ପ୍ର): ସମଗ୍ର ରାଜ୍ୟରେ କରୋନା ମହାମାରୀରେ ରକ୍ତାଭାବ ଦୂର ପାଇଁ ବିଜୁ ଜନତା ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଜୀବନବିନ୍ଦୁ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ସାମାଜିକ ପ୍ରତିବଦ୍ଧତାର ପ୍ରଦର୍ଶନ ସ୍ୱରୂପ ଛାତ୍ର ବିଜେଡି କରୋନା ମୁକାବିଲାରେ ପ୍ରମୁଖ ଭୂମିକା ନେଇଛି । କିନ୍ତୁ ଛାତ୍ର ଜନତା ଦଳର ସଭାପତି ଶ୍ରୀ ରାଣାପ୍ରତାପ ପାତ୍ରଙ୍କ ନେତୃତ୍ୱରେ ବିଜୁ ଜନତା ଦଳ ରାଜ୍ୟ କାର୍ଯ୍ୟାଳୟ ଠାରେ ଆଜିଠାରୁ ସପ୍ତାହବ୍ୟାପୀ ଜୀବନ ବିନ୍ଦୁ ରକ୍ତଦାନ ଶିବିର ଆୟୋଜନ କରାଯାଇଛି । ବିଜୁ ଜନତା ଦଳ ସାଧାରଣ ସମ୍ପାଦକ ତଥା ରାଜ୍ୟ ଯୋଜନା ବୋର୍ଡ଼ର ଉପାଧ୍ୟକ୍ଷ ଶ୍ରୀ ସଞ୍ଜୟ କୁମାର ଦାସବର୍ମା ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ପ୍ରଥମେ ରକ୍ତଦାନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିବାବେଳେ ବିଜୁ ଜନତା ଦଳ ସାଙ୍ଗଠନିକ ସମ୍ପାଦକ ଶ୍ରୀ ପ୍ରଣବ ପ୍ରକାଶ ଦାସ ଏବଂ ଯୁବ କଲ୍ୟାଣ ବୋର୍ଡ଼ ଅଧକ୍ଷ ଶ୍ରୀ ବିଜୟ ନାୟକ, ଭୁବନେଶ୍ୱର ଉତର ବିଧାୟକ ସୁଶାନ୍ତ ରାଉତ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ମନୋଜ ସେନାପତି, ସ୍ମୃତିରଞ୍ଜନ ପଟ୍ଟନାୟକ, ଅସୀତ ସାମଲ, ସମ୍ପାଦକ ପ୍ରମୋଦ ପାତ୍ର, ଦୀପକ ସାହୁ, ସିଦ୍ଧାର୍ଥ ସାମଲ, ସାଂଗଠନିକ ସମ୍ପାଦକ ସ୍ନେହାଶିଷ ଜେନା, ସ୍ମିତପ୍ରଜ୍ଞ ପଣ୍ଡା, ଭୁବନେଶ୍ୱର ଜୋନ୍ ସଭାପତି ଅଜିତ୍ ବେହେରା, ପୂର୍ବତନ କର୍ପୋରେଟର ସମୀର ପ୍ରଧାନ, ଭୁବନେଶ୍ୱର ଯୁବ ବିଜେଡି ସଭାପତି ଅମରଜିତ ସେନାପତି, ତନ୍ମୟ ନାୟକ, ଧର୍ମେନ୍ଦ୍ର ଧଳ, ସଞ୍ଜୟ ବିଶୋୟୀ, ସୁମନ ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ସମ୍ପାଦନ କରିଥିଲେ ।

# ମାଲକାନଗିରି ପୋଲିସ କ୍ୟାଣ୍ଟିନରେ ଆଦିବାସୀ ମହିଳାଙ୍କୁ ଦୁଷ୍କର୍ମ ଘଟଣାରେ ଓଏଚଆରସିଙ୍କୁ ଭେଟିଲା ବିଜେପି ପ୍ରତିନିଧୀ ଦଳ

## ୧୦ ଦିନରେ ପୋଷ୍ଟମର୍ଟମ ରିପୋର୍ଟ ଦେବାକୁ ରାଜ୍ୟସରକାରଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର ,୨୫।୬ (ନି.ପ୍ର): ଗତ ମେ ୭ ତାରିଖ ଦିନ ମାଲକାନଗିରି ପୋଲିସ କ୍ୟାଟିଂନରେ ଜଣେ ଆଦିବାସୀ ମହିଳାଙ୍କୁ ଦୁଷ୍କର୍ମ ଘଟଣାରେ ରାଜ୍ୟ ବିଜେପି ସାଧାରଣ ସଂପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାରଙ୍କ ନେତୃତ୍ୱରେ ଏକ ପ୍ରତିନିଧୀ ମଣ୍ଡଳୀ ବୁଧବାର ରାଜ୍ୟ ମାନବଧିକାର କମିଶନଙ୍କୁ ଭେଟି ୩ ଦଫା ଦାବି ଜଣାଇଛନ୍ତି । ଏହି ଘଟଣାରେ ମାନବଧିକାର କମିଶନ ହସ୍ତକ୍ଷେପ କରି ସ୍ୱତନ୍ତ୍ରଭାବେ ତଦନ୍ତ କରି ଦୋଷୀଙ୍କୁ ଉଚିତ ଦଣ୍ଡ ଦିଅନ୍ତୁ । ପୀଡିତାର ପରିବାରକୁ ଉଚିତ ନ୍ୟାୟ ଦେଇ ଅନୁକଂପା ରାଶି ପ୍ରଦାନ କରାଯାଉ । ପୀଡିତାଙ୍କ ପୋଷ୍ଟମର୍ଟମ ରିପୋର୍ଟ ଓ ମୃତ୍ୟୁର କାରଣକୁ ସାର୍ବଜନୀନ କରାଯାଉ ବୋଲି ପ୍ରତିନିଧୀ ମଣ୍ଡଳ କମିଶନଙ୍କ ପାଖରେ ଦାବି କରିଛି । ପ୍ରତିନିଧୀ ମଣ୍ଡଳୀର ଗୁହାରୀ ଶୁଣିବା ପରେ ଓଏଚଆରସି ତୁରନ୍ତ ରାଜ୍ୟସରକାରଙ୍କୁ ନିର୍ଦ୍ଦେଶ ଦେଲେ କି ପୀଡିତାର ସଂପର୍କୀୟଙ୍କୁ ନ୍ୟାୟ ଅନୁଯାୟୀ ଅନୁକଂପା ରାଶି ତୁରନ୍ତ ପ୍ରଦାନ କରାଯାଉ । ୧୦ ଦିନରେ ପୋଷ୍ଟମର୍ଟମ ରିପୋର୍ଟକୁ ଓଏଚଆରସିଙ୍କ କୋର୍ଟରେ ଦାଖଲ କରିବା ପାଇଁ ଓଏଚଆରସି ରାଜ୍ୟସରକାରଙ୍କୁ ନିର୍ଦ୍ଦେଶ ଦେଇଥିବା କଥା ନିଜେ କମିଶନ ପ୍ରତିନିଧୀ ମଣ୍ଡଳୀଙ୍କୁ ଜଣାଇଛନ୍ତି । ଓଏଚଆରସି ଏହି ଘଟଣାର ଶୁଣାଣି କରି ଦୋଷୀଙ୍କୁ ଚିହ୍ନଟ କରି ଦଣ୍ଡିତ କରିବାର ପ୍ରତିଶୃତି ଦେଇଛନ୍ତି ବୋଲି ଡ. ସାମନ୍ତସିଂହାର କହିଛନ୍ତି । ଆଗାମୀ ଦିନରେ ଓଏଚଆରସିଙ୍କ କୋର୍ଟରେ ଶୁଣାଣୀ ତାରିଖକୁ ବିଜେପି ଅପେକ୍ଷା କରିଛି । ଶୁଣାଣି ସମୟରେ ତଥ୍ୟ ପ୍ରମାଣ ସହ ଉପସ୍ଥିତ ହେବୁ ବୋଲି ଡ. ସାମନ୍ତସିଂହାର କହିଛନ୍ତି । ଏହି ପ୍ରତିନିଧୀ ମଣ୍ଡଳୀରେ ରାଜ୍ୟ ଉପ ସଭାନେତ୍ରୀ ଅନୀତା ଶୁଭଦର୍ଶିନୀ, ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ସ୍ମୃତି ପଟ୍ଟନାୟକ ଏବଂ ମୁଖପାତ୍ର ସୁଦୀପ୍ତ ରାୟ ଉପସ୍ଥିତ ଥିଲେ ।

# ଭିନ୍ନକ୍ଷମଙ୍କୁ ମିଳୁନି ସରକାରୀ ଆବାସ : ଅଭିଯୋଗ ଶୁଣାଣି ପରେ କାର୍ଯ୍ୟାନୁଷ୍ଠାନ ପାଇଁ ପଂଚାୟତରାଜ ବିଭାଗରୁ ଚିଠି

ଆନନ୍ଦପୁର,୨୫।୬ (ନି.ପ୍ର): ପ୍ରଧାନମନ୍ତ୍ରୀ ଆବାସ, ମୋ କୁଡିଆ, ବିଜୁ ପକ୍କାଘର ଭଳି ବିଭିନ୍ନ ସରକାରୀ ଯୋଜନାରେ ଗରିବ, ଅସହାୟ, ଭିନ୍ନକ୍ଷମଙ୍କୁ ସାମିଲ କରାଯାଇ କାର୍ଯ୍ୟାଦେଶ ବଂଟନ କରାଯିବା ସହିତ ଯୋଜନାର ସଫଳ ରୁପାୟନ ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି । ଏହି ସବୁ ଯୋଜନାର ସଫଳ ରୂପାୟନ ହୋଇପାରୁନଥିବା ନେଇ ଅଭିଯୋଗ ହୋଇଛି । ପଂଚାୟତ ସମିତି କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଆବାସ ଯୋଜନାରେ ସାମିଲ ହେବା ନେଇ ଜଣେ ଭିନ୍ନକ୍ଷମ ଉଦ୍ୟମ କରିଥିଲେ ବି କୌଣସି ସଫଳତା ମିଳିନଥିବା ଘଟଣା କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ଅଧିନରେ ମୋଚିନ୍ଦା ପଂଚାୟତରେ ଦେଖିବାକୁ ମିଳିଛି । ଆନନନ୍ଦପୁର ବ୍ଲକ ମୋଚିନ୍ଦା ପଂଚାୟତ ମୋଚିନ୍ଦା ଗ୍ରାମର ଆନନ୍ଦ ସାହୁଙ୍କ ପୁଅ ଭିନ୍ନକ୍ଷମ ପ୍ରଭାତ କୁମାର ସାହୁ ଆବାସ ଯୋଜନାରେ ସାମିଲ ହେବା ନେଇ ବାରମ୍ବାର ଆବେଦନ କରିଥିଲେ ବି ତାଙ୍କୁ ସରକାରୀ ଆବାସ ଯୋଜନାରେ ସାମିଲ କରାଯାଇନଥିଲା । ବହୁ ଉଦ୍ୟମ ସତ୍ୱେ ଭିନ୍ନକ୍ଷମ ପ୍ରଭାତ ଆବାସ ଯୋଜନାରେ ସାମିଲ ହୋଇପାରିନଥିବାରୁ ଶେଷରେ ନିରାସ ହୋଇ ଅନ୍ୟ ଉପାୟ ନପାଇ ନିଜର ଅଭିଯୋଗ ପତ୍ର ମାନ୍ୟବର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ସମେତ ରାଜ୍ୟ ମୁଖ୍ୟ ଶାସନ ସଚିବ, ପଂଚାୟତର ରାଜ ବିଭାଗ ନିକଟକୁ ଡାକ ଯୋଗେ ପଠାଇଥିଲେ । ଏହା ସହିତ ରାଜ୍ୟ ୫ ଟି ସଚିବଙ୍କ ଉଦ୍ଦେଶ୍ୟରେ ମଧ୍ୟ ଏକ ଅଭିଯୋଗପତ୍ର ପଠାଇଥିଲେ । ଏହିକ୍ରମରେ ପଂଚାୟତି ରାଜ ଓ ପାନୀୟ ଜଳ ବିଭାଗ ଚିଠି ନଂ ପିଆର-ଆରଏଚ-ପିଜି-୦୦୨୬-୨୦୨୦ ୮୨୮୧/ଡିଆର ଏଣ୍ଡ ଡିଡବ୍ଲ୍ୟୁ ତା ୧୨.୫.୨୦୨୦ ରିଖରେ ଘଟଣା ଦିଗରେ ତଦନ୍ତ କରାଯାଇ ହିତାଧିକାରୀଙ୍କୁ ଗ୍ରାମାଂଚଳ ଆବାସ ଯୋଜନାରେ ସାମିଲ କରାଯିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ପ୍ରକଳ୍ପ ନିର୍ଦ୍ଦେଶକ କେନ୍ଦୁଝରଙ୍କ ନିକଟକୁ ଚିଠି ହୋଇଥିଲା । ସଂପୃକ୍ତ ଚିଠିର କପି ହିତାଧିକାରୀ ପାଇବା ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ଆନନ୍ଦପୁର ବ୍ଲକ ଅଧିକାରୀଙ୍କୁ ସାକ୍ଷାତ କରିଥିଲେ । ହେଲେ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନଥିବାରୁ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ପୁନର୍ବାର ପଂଚାୟତି ରାଜ ଓ ପାନୀୟ ଜଳ ବିଭାଗ ଚିଠି ନଂ ପିଆର-ଆରଏଚ-ପିଜି-୦୦୨୬-୨୦୨୦ ୯୭୩୦ /ଡିଆର ଏଣ୍ଡ ଡିଡବ୍ଲ୍ୟୁ ତା ୧୧.୬.୨୦୨୦ ରିଖରେ ସଂପୃକ୍ତ ହିତାଧିକାରୀଙ୍କୁ ଆବାସ ଗୃହ ଯୋଜନାରେ ସାମିଲ କରାଯିବା ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ ପୂର୍ବକ ରିପୋର୍ଟ ପ୍ରଦାନ କରାଯିବାକୁ ଅବଗତ କରାଯାଇଛି । ପଂଚାୟତ ରାଜ ବିଭାଗ ପକ୍ଷରୁ ଦୁଇ ଦୁଇ ଥର ଚିଠି ହୋଇଥିଲେ ସୁଦ୍ଧା ବିଭାଗ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବା ଭିନ୍ନକ୍ଷମ ପ୍ରଭାତ ଅଭିଯୋଗ କରିଛନ୍ତି । ଘଟଣା ଦିଗରେ ଆନନ୍ଦପୁର ବ୍ଲକ ବିଡିଓ ପଂଚାନନ ମଲ୍ଲିକଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ, ଘଟଣାର ତଦନ୍ତ କରାଯାଉଛି, ଖୁବ ଶିଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ, ଭିନ୍ନକ୍ଷମ ପ୍ରଭାତ ଜଣେ ମେଧାବି ଛାତ୍ର ଭାବେ ମେଧାବୃତି ପାଇଥିଲେ । ୨୦୧୮ ମସିହାରେ ଯୁକ୍ତ ୨ ବିଜ୍ଞାନ ବିଭାଗର ଦ୍ୱିତୀୟ ବର୍ଷ ଅଧ୍ୟୟନ ସମୟରେ ରୋଗରେ ଆକ୍ରାନ୍ତ ହୋଇଥିଲେ । ଅର୍ଥ ଅଭାବରୁ ରୋଗର ସଠିକ୍ ଚିକିତ୍ସା ହୋଇନପାରିବାରୁ ପ୍ରଭାତ ଅକର୍ମଣ୍ୟ ହୋଇପଡିଥିଲେ । ଡାକ୍ତରଙ୍କ ଅନୁଧ୍ୟାନ ପରେ ଓଡିଂ୬୧୦୬୨୦୦୧୦୦୬୬୧୪ ସାର୍ଟଫିକେଟ୍ ନଂ ଅନୁଯାୟୀ ତାଙ୍କୁ ଭିନ୍ନକ୍ଷମ ପ୍ରମାଣ ପତ୍ର ମିଳିଥିଲା । ଯାହାର ଆଧାରରେ ପ୍ରଭାତଙ୍କୁ ମଧୁବାବୁ ପେନସନ୍ ଯୋଜନାରେ ସାମିଲ କରାଯାଇ ମାସିକ ଭତା ପ୍ରଦାନ କରାଯାଉଛି । ପ୍ରଭାତଙ୍କ ପରିବାର ଏକ ଗରିବ, ଭୂମିହୀନ ପରିବାର ହୋଇଥିବାରୁ ଝାଟିମାଟି ଘରେ ଦିନ ବିତାଉଛନ୍ତି । ବାପା ଆନନ୍ଦ ସାହୁ ଯାହା କିଛି ରୋଜଗାର କରୁଛନ୍ତି ସେଥିରେ ପରିବାର ଭରଣପୋଷଣ ହେଉଛି । ଝାଟିମାଟି ଘରେ ବାପା ଓ ମାଆଙ୍କ ସହିତ ପ୍ରଭାତ ଦିନକାଟୁଥିବାବେଳେ ଭିନ୍ନକ୍ଷମ ହୋଇଥିବାରୁ ସରକାରୀ ଯୋଜନାରେ ସାମିଲ ହୋଇ ଏକ ଗୃହ କରିବା ପାଇଁ ଆନନ୍ଦପୁର ପଂଚାୟତ ସମିତିରେ ଆବେଦନ କରିଥିଲେ । ଆବେଦନର ଦୀର୍ଘ ସମୟ ଅତିକ୍ରାନ୍ତ ହୋଇଯାଇଥିଲେ ମଧ୍ୟ ସରକାରୀ ଆବାସ ଯୋଜନାରେ ସାମିଲ ହୋଇନପାରିବାରୁ ପ୍ରଭାତ ୦୪୧୧୨୦୧୯୧୦୪ ଅଭିଯୋଗ ନଂ ରେ ୪.୧୧.୧୯ ରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ କରିବା ପରେ ମଧ ଭିନ୍ନକ୍ଷମ ପ୍ରଭାତ ସରକାରୀ ଆବାସ ଯୋଜନାରେ ସାମିଲ ହୋଇନପାରିବାରୁ ଶେଷରେ ବାଧ ହୋଇ ପଂଚାୟତରାଜ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ ।

# ବ୍ରାହ୍ମଣୀଗାଁ ଥାନା ଅର୍ନ୍ତଗତ କିଛି ଗ୍ରାମରେ ଅନ୍ୟର ଜମିରେ ଯୋର ଜବରଦସ୍ତ ହଳ ବୁଲେଇଲେ: ଅଂଚଳରେ ଉତେଜନା

କନ୍ଧମାଳ,୨୫।୬ (ନି.ପ୍ର): କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ଅର୍ନ୍ତଗତ ବ୍ରାହ୍ମଣୀଗାଁ ଥାନା ଅଧିନସ୍ଥ ଗଡମା, ବୁଟଲାରୀଗାଁ, ବାଘପଡା ଆଦି କେତେକ ଗ୍ରାମରେ ଆଦିବାସୀ ମାନେ ମେଳି ହୋଇ ଅନ୍ୟ ଲୋକଙ୍କର ପଟ୍ଟା ଜମିରେ ଯୋର ଜବରଦସ୍ତ ହଳ ବୁଲାଇ ଚାଷ କରିବା ଫଳରେ ସଂପୃକ୍ତ ଗ୍ରାମରେ ଉତେଜନା ପ୍ରକାଶ ପାଇଛି । ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ହଳ ଧରି ଶତାଧିକ ଆଦିବାସୀ ମାନେ ହଳ ବୁଲାଇଥିବା ଅଭିଯୋଗ ହୋଇଛି । କେବଳ ହଳ ବୁଲାଇନଥିଲେ ଧାନ ବି ବୁଣିଥିଲେ । ଗତ ୨୦୦୧ ମସିହାରେ ମଧ ସେହିପରି ଏସବୁ ଜମିରେ ଆଦିବାସୀ ମାନେ ମେହି କରି ଦଳ ବୁଲାଇ ଧାନ ବୁଣିଥିଲେ । ଫଳରେ ସେତେବେଳେ ସେଠାରେ ୧୪୪ ଧାରା ମଧ ଜାରୀ ହୋଇଥିଲା । ତତ୍କାଳୀନ ଜିଲ୍ଲାପାଳ ଓ ଏସପି ଗାଁରେ ପଂହଚି ବହୁତ ବୁଝାସୁଝା କରିଥିଲେ । ସେତେବେଳେ ବିଧାୟକ ଥିବା ସାଲୁଗା ପ୍ରଧାନ ମଧ ଗାଁକୁ ଯାଇ ଦୁଇପକ୍ଷଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା । ହେଲେ ଆଜିକୁ ଦୀର୍ଘ ୨୦ ବର୍ଷ ପରେ ସେହି ଏକା ପରିସ୍ଥିତି ସୃଷ୍ଟି ହୋଇଛି । ଜିଲ୍ଲା ପ୍ରଶାସନ ଓ ପୋଲିସ ଏସପି ଏବେଠାରୁ ଘଟଣାକୁ ଗୁରୁତ୍ୱ ନଦେଲେ ଆଗକୁ ଆଇନ ଶୃଙ୍ଖଳା ପରିସ୍ଥିତି ସହ ଗୋଷ୍ଠୀ ସଂଘର୍ଷ ହେବାର ସମ୍ଭାବନା ରହିଛି । ଏନେଇ ବ୍ରାହ୍ମଣୀଗାଁ ଥାନାରେ ଏତଲା ମଧ ହୋଇଛି ।

# ଟାଇଗର କ୍ଲବର ସ୍ୱନକ୍ଷେତ୍ର ଅବସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ଧର୍ମଶାଳା,୨୫।୬ (ନି.ପ୍ର): ଯାଜପୁର ଜିଲ୍ଲା ବରୀ ବ୍ଲକ ଅର୍ନ୍ତଗତ ଗମ୍ଭୁ ପଂଚାୟତର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଟାଇଗର କ୍ଲବର ପ୍ରଥମ ସ୍ୱନକ୍ଷେତ୍ର ଦିବସ ଅବସରରେ ଗମ୍ଭୁ ରାଜୀବ ଗାନ୍ଧୀ କେନ୍ଦ୍ର ପରିସରରେ ସକାଳ ୯ ଟା ସମୟରେ ସମାଜସେବୀ ସତ୍ୟ ରଂଜନ କରଙ୍କ ନେତୃତ୍ୱରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଓ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ଯାଜପୁର ଜିଲ୍ଲାର ସହକାରୀ ଜିଲ୍ଲାପାଳ ଉମେଶ ଚନ୍ଦ୍ର ଲେଙ୍କା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିବା ବେଳେ ବରୀ ତହସିଲଦାର ସରୋଜକାନ୍ତ ନାୟକ,ଗମ୍ଭୁ ସରପଂଚ ଝୁନାରାଣୀ ସେଠୀ, ସମିତି ସଭ୍ୟ ଅଙ୍କୁର ମଲ୍ଲିକ,ଶିକ୍ଷାବିତ୍ ଅଦୈତ ବଲ୍ଲଭ ଜେନା, ହେମନ୍ତ ମହାପାତ୍ର, ମାର୍କଣ୍ଡ ନାୟକ, ହେମନ୍ତ ନାୟକ, ସନ୍ତୋଷ ନାୟକ, ପାଣ୍ଡବ ମହାପାତ୍ର, ପ୍ରଭାତ ଜେନା, ଜଗଦିଶ ଜେନା ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିବାବେଳେ ଯାଜପୁର ୩୩ ୟୁନିଟ ଓ କେନ୍ଦ୍ରପଡା ରକ୍ତ ଭଣ୍ଡାର କର୍ମଚାରୀମାନେ୨୫ ୟୁନିଟ ମୋଟ ୫୮ୟୁନିଟ ରକ୍ତ ସଂଗ୍ରହ କରିଥିଲେ । ସେହିପରି ସାଧାରଣ ସଭାରେ ଗମ୍ଭୁ ପଂଚାୟତର ବରିଷ୍ଠ ନାଗରିକ, ବୃଦ୍ଧିଜୀବି,କୃଷକ, ଛାତ୍ର, ଯୁବକ ଓ ଶିକ୍ଷକମାନେ ଉପସ୍ଥିତ ରହି ଟାଇଗର କ୍ଲବର ଏଭଳି ମହତ୍ୱ କାର୍ଯ୍ୟକ୍ରମକୁ ପ୍ରଂଶସା କରିଥିଲେ । କ୍ଲବ ସଭାପତି ଅଶୋକ କୁମାର ସେଠୀ ସ୍ୱାଗତ କରିଥିବାବେଳେ ସମ୍ପାଦକ ରାଜ କିଶୋର ଦାସ ଧନ୍ୟବାଦ୍ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଟାଇଗର କ୍ଲବର ସଭ୍ୟ ଦୀପକ କୁମାର ସେଠୀ,ବିମଳ ସେଠୀ,ଚନ୍ଦ୍ରକାନ୍ତ ସେଠୀ, ଅନିଲ ସାମଲ,ନାରାୟଣ ସେଠୀ, ପ୍ରଦୀପ ସେଠୀ ଓ ଗମ୍ଭୁ କାର୍ତିକେଶ୍ୱର ଯୁବକ ସଂଘର ସଭ୍ୟମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ଭାରସାମ୍ୟ ହରାଇ ଲୁହା ରେଲିଙ୍ଗରେ ପିଟିଲା ବାଇକ : ଜଣେ ମୃତ ଜଣେ ଗୁରୁତର

କନ୍ଧମାଳ,୨୫।୬ (ନି.ପ୍ର): ଆଜି କନ୍ଧମାଳ ଜିଲା ଟିକାବାଲି ଥାନା ଅନ୍ତର୍ଗତ ଶଙ୍କରାଖୋଲ ନିକଟରେ ଏକ ବାଇକ ଦୁର୍ଘଟଣାରେ ଜଣେ ବାଇକ ଆରୋହୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ଆଉ ଜଣେ ଗୁରୁତର ଭାବେ ଆହତ ହୋଇ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟରେ ଭର୍ତି ହୋଇ ଚିକିତ୍ସିତ ହେଉଥିବା ଜଣାପଡିଛି । ସୂଚନା ଅନୁସାରେ ଆଜି ଅପରାହ୍ନ ପ୍ରାୟ ୩ଟା ବେଳେ ଫୁଲବାଣୀରୁ ଶଙ୍କରାଖୋଲ ଆଡକୁ ଯାଉଥିବା ଏକ ହୀରୋ (ଓଡି-୧୨-୭୧୦୩) ବାଇକରେ ଟିକାବାଲି ଥାନା ଅଂଚଳ ଗଣ୍ଡଗାଁର ଗଙ୍ଗାଧର କହଁର(୩୫) ଓ ତାଙ୍କ ସହ ଚକାପାଦ ବ୍ଲକ ଅନ୍ତର୍ଗତ ବି ବଫଲମେଣ୍ଡିର ତମେ କହଁର ଫୁଲବାଣୀରୁ କୌଣସି କାମ ସାରି ନିଜ ଗ୍ରାମକୁ ଫେରିବାବେଳେ ଶଙ୍କରାଖୋଲ ନିକଟରେ ଥିବା ବାଲଙ୍ଗଜୋଡି ପୋଲ ନିକଟରେ ଭାରସାମ୍ୟ ହରାଇ ବାଇକଟି ରାସ୍ତା କଡରେ ଥିବା ଲୁହା ରେଲିଙ୍ଗରେ ପିଟି ହୋଇଥିଲା । ଫଳରେ ଘଟଣା ସ୍ଥଳରେ ଗଙ୍ଗାଧର ର ମୃତ୍ୟୁ ଘଟିଥିଲା ଏବଂ ତମେ କହଁର ଗୁରୁତର ଭାବେ ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ସେଠାରେ ପହଂଚି ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ସେଠାରେ ତାଙ୍କୁ ଚିକିତ୍ସା କରାଯାଉଛି । ଖବର ପାଇ ଟିକାବାଲି ଥାନା ଅଧିକାରୀ ରେବତୀ ଶବର ସେଠାରେ ପହଂଚି ମୃତକର ଶବକୁ ଜବତ କରି ବ୍ୟବଛେଦ ପାଇଁ ପଠାଇ ଏକ ମାମଲା ୩୮/୨୦୨୦ ରୁଜୁ କରି ଘଟଣାର ତଦନ୍ତ କରୁଥିବା ଜଣାପଡିଛି ।

# ପନ୍ଦର ମାଇଲ ଗ୍ରାମ୍ୟରାସ୍ତା ପୁନଃରୁଦ୍ଧାର ପାଇଁ ଦାବି

କେନ୍ଦ୍ରାପଡ଼ା,୨୫।୬ (ନି.ପ୍ର): ମହାକାଳପଡା ବ୍ଲକ ଅନ୍ତର୍ଗତ ବଉଳକଣୀ ଗ୍ରାମ ପଂଚାୟତର ପନ୍ଦରମାଇଲ ଗ୍ରାମର ଗ୍ରାମ୍ୟ ରାସ୍ତା ପୁନଃରୁଦ୍ଧାର କୁ ସେହି ଗ୍ରାମର ୬ ଜଣ ବ୍ୟକ୍ତି ବିରୋଧ କରୁଥିବାର ଜିଲ୍ଲାପାଳଙ୍କୁ ଅଭିଯୋଗ ହୋଇଛି । ତେଣୁ ଏହି ରାସ୍ତାକୁ ଜଙ୍ଗଲ ଜମି କିସମରେ ପଟ୍ଟା ଯୋଗାଇଦେବା ପାଇଁ ଉକ୍ତ ଗ୍ରାମର ଲୋକମାନେ ଜିଲ୍ଲାପାଳ ଙ୍କୁ ନିବେଦନ କରିଛନ୍ତି । ସୂଚନା ଯୋଗ୍ୟ ଯେ, ଏହି ଗ୍ରାମରେ ସାନ୍ତାଳ ସଂପ୍ରଦାୟର ଶତାଧିକ ଲୋକ ବସବାସ କରି ଆସୁଛନ୍ତି । ମାତ୍ର ଉକ୍ତ ରାସ୍ତାଟି ଜଙ୍ଗଲ କିସମରେ ରହିଅଛି । ସରକାରଙ୍କର ପକ୍ଷରୁ ରାସ୍ତାର ପୁନଃରୁଦ୍ଧାର କଲଭଟ ନିର୍ମାଣ, ରାସ୍ତା କଡରେ ପାଚେରୀ ନିର୍ମାଣ ଇତ୍ୟାଦି କରାଯାଇଛି । ମାତ୍ର ଏହାକୁ କିଛି ବିରୋଧ କରି ରାସ୍ତା ଖୋଳି ଥିବାରୁ ରାସ୍ତା କାମ ଆଗେଇ ପାରୁ ନାହିଁ । ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବିରେ କାଳନ୍ଦୀ କିସ୍କୁ, ଗୁରୁ ଚରଣ ସୋରେନ, ଅନନ୍ତ କୁମାର ହାନସ୍‌ଦା, ସୁରେଶ ମାଝୀ, ଶ୍ରୀକାନ୍ତ ମଣ୍ଡଳ ପ୍ରମୁଖ ଜିଲ୍ଲାପାଳଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି ।

# ଗଜପତି ଜିଲ୍ଲାରୁ ଗୋଟିଏ ଦିନରେ ସର୍ବାଧିକ ୭୬ କରୋନା ପଜିଟିଭ୍ ଚିହ୍ନଟ

## ଜିଲ୍ଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୩୫୫କୁ ବୃଦ୍ଧି

ପାରଳାଖେମୁଣ୍ଡି,୨୫।୬ (ନି.ପ୍ର): ଗଜପତି ଜିଲ୍ଲାରେ ଆଜି ଗୋଟିଏ ଦିନରେ ରାଜ୍ୟର ସର୍ବାଧିକ ୭୬ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଏଥିସହ ଜିଲ୍ଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୩୫୫ କୁ ବୃଦ୍ଧି ପାଇଛି । ଗତକାଲିମଧ ଜିଲ୍ଲାରୁ ରେକର୍ଡ଼ସଂଖ୍ୟକ ଅର୍ଥାତ୍ ୪୧ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ । ନୂଆ ଚିହ୍ନଟ ହୋଇଥିବା ଆକ୍ରାନ୍ତଙ୍କ ମଧ୍ୟରେ ଗୋଷାଣୀ ବ୍ଲକରୁ ୬୨ ଜଣ, ରାୟଗଡ଼ ବ୍ଲକ୍ ରୁ ୧୦ ଜଣ, କାଶୀନଗର ବ୍ଲକ୍ ରୁ ୨ ଜଣ, ଗୁମ୍ମା ବ୍ଲକରୁ ଦୁଇ ଜଣ ରହିଛନ୍ତି । ତନ୍ମଧ୍ୟରୁ ୬୮ ଜଣଙ୍କର ଯାତ୍ରା ବିବରଣୀ ରହିଛି । ଏମାନେ ନାକା ପଏଂଟ ଦେଇ ଜିଲ୍ଲାକୁ ଆସିଥିଲେ । ଏବଂ ପ୍ରଶାସନ ପକ୍ଷରୁ ଆବଶ୍ୟକ ସ୍ୱାସ୍ଥ୍ୟ ପରୀକ୍ଷା ପରେ ଏମାନଙ୍କୁ ବିଭିନ୍ନ କ୍ୱାରେଂଟାଇନ ସେଂଟରରେ ରଖାଯାଇଥିଲା । ସେମାନଙ୍କ ମଧ୍ୟରେ ୨୩ ଜଣ ତାମିଲନାଡୁ ଫେରନ୍ତା, ୨୮ ଜଣ ତେଲେଙ୍ଗାନା ଫେରନ୍ତା, ୧୬ ଜଣ ଆନ୍ଧ୍ରପ୍ରଦେଶ ଫେରନ୍ତା, ଜଣେ ତ୍ରିପୁରା ଫେରନ୍ତା ରହିଛନ୍ତି । ଅନ୍ୟ ୮ ଜଣ କଂଟେନମେଂଟ ଜୋନ୍ ରୁ ରହିଛନ୍ତି । ଗତ ୨୦ ଓ ୨୧ ତାରିଖରେ ଏମାନଙ୍କର ସ୍ୱାବ୍ ନମୂନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଥିଲା । ପରୀକ୍ଷା ରିପୋର୍ଟ ପଜିଟିଭ୍ ଆସିବା ପରେ ଆକ୍ରାନ୍ତ ମାନଙ୍କୁ କୋଭିଡ୍ ହସ୍ପିଟାଲରେ ଭର୍ତି କରାଯାଇଛି ।

# ଭଦ୍ରକ କଲେଜ ପୂର୍ବତନ ଅଧକ୍ଷ ଡ. ପ୍ରସନ୍ନ ବିଶ୍ୱାଳଙ୍କ ପରଲୋକ

ଭଦ୍ରକ, ୨୫/୬(ହି.ସ.) - ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଛାତ୍ର, ପ୍ରାକ୍ତନ ଅଧାପକ ତଥା ପ୍ରାକ୍ତନ ଅଧକ୍ଷ ଡ. ପ୍ରସନ୍ନ କୁମାର ବିଶ୍ୱାଳଙ୍କ ନିଜ ବାସଭବନରେ ପରଲୋକ ଘଟିଛି । ସେ ଗତ କିଛିଦିନ ଧରି ଅସୁସ୍ଥ ଥିଲେ । ଭୁବନେଶ୍ୱର ଏକ ଘରୋଇ ହସ୍‌ପିଟାଲରେ ଚିକିତ୍ସିତ ହୋଇଥିଲେ । ସେଠାରୁ ଘରକୁ ଫେରିଆସିଥିଲେ । ହଠାତ୍ ଅସୁସ୍ଥ ହେବା ପରେ ତାଙ୍କୁ ଭଦ୍ରକ ହସ୍‌ପିଟାଲକୁ ନିଆଯାଇଥିଲା । ସେଠାରେ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ । ତାଙ୍କ ମୃତ୍ୟୁରେ ଭଦ୍ରକ ମହାବିଦ୍ୟାଳୟ ସମେତ ସମଗ୍ର ଭଦ୍ରକରେ ଶୋକର ଛାୟା ଖେଳିଯାଇଛି । ତାଙ୍କ ମର ଶରୀରକୁ କର୍ମଭୂମୀ ଭଦ୍ରକ ମହାବିଦ୍ୟାଳୟକୁ ନିଆଯାଇଥିଲା । ସେଠାରୁ ସକାଳେ ତାଙ୍କ ଜନ୍ମ ମାଟି ବଚ୍ଛଦା ଗାଁକୁ ନିଆଯାଇଥିଲା । ସ୍ୱର୍ଗତଃ ବିଶ୍ୱାଳ ସୋର ନିକଟବର୍ତୀ ବଚ୍ଛଦା ଗାଁରେ ଜନ୍ମଗ୍ରହଣ କରିଥିଲେ । ଭଦ୍ରକ ମହାବିଦ୍ୟାଳୟ ଇତିହାସରେ ସ୍ନାତକ ପାସ୍ କରିବା ପରେ ବାଣୀବିହାରରୁ ଏମ୍.ଏ. ଅଧୟନ କରିଥିଲେ । ପରେ ସେ ସରକାରୀ ମହାବିଦ୍ୟାଳୟ ଅଧାପନାରେ ଯୋଗ ଦେଲେ । ସେ ବରଗଡ ମହାବିଦ୍ୟାଳୟ, ଫକୀର ମୋହନ ମହାବିଦ୍ୟାଳୟ ଓ ଭଦ୍ରକ ମହାବିଦ୍ୟାଳୟରେ ଇତିହାସ ଅଧାପନା କରି ସୁନାମ ଅର୍ଜନ କରିଥିଲେ । ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ନେଭାଲ ଅଫିସର ଭାବରେ ସେ ରାଜ୍ୟ ସ୍ତରରେ ସମ୍ମାନିତ ହୋଇଥିଲା । ଚାକିରୀରେ ଶେଷ କାଳରେ ଭଦ୍ରକ ମହାବିଦ୍ୟାଳୟରେ ଅଧକ୍ଷ ଦାୟିତ୍ୱ ତୁଲାଇ ଗତ ଏପ୍ରିଲ ମାସରେ ଅବସର ନେଇଥିଲେ । ତାଙ୍କ ପତ୍ନୀ ଶ୍ରୀମତୀ ଉତ୍ପଳା ନାୟକ ଚରମ୍ପା ମହାବିଦ୍ୟାଳୟରେ ଇତିହାସର ଅଧାପିକା ଅଛନ୍ତି । ଡ. ବିଶ୍ୱାଳଙ୍କ ବିୟୋଗରେ ପ୍ରଫେସର ଡ. ସନାତନ ମହାନ୍ତି, ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଡ. ଶୈଳେନ୍ଦ୍ର ମହାପାତ୍ର, ଡ. ଶଶଧର ଦାସ, ଡ. ବ୍ରଜମୋହନ ମିଶ୍ର, ଡ. ଗୋଲକ ବିହାରୀ ସାହୁ, ଡ. ବଳରାମ ମିଶ୍ର, ଡ. କ୍ଷୀରୋଦ ସାମଲ, ଆଇନ୍‌ଜୀବୀ ଗଦାଧର ବଳ ଓ ପ୍ରଶାସନିକ ଅଧିକାରୀ ତଥା ଘନିଷ୍ଠ ସାଙ୍ଗ ପଦ୍ମନ ରାୟ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି ।

# ଜୁନ୍ ଶେଷ ସପ୍ତାହରେ କୃଷି କାର୍ଯ୍ୟରେ ହେଉନି ଅଗ୍ରଗତି

ଭୁବନ,୨୫।୬ (ନି.ପ୍ର): ଚଳିତ ଖରିଫ୍ ଋତୁରେ ଶେଷ ସପ୍ତାହରେ ମଧ କୃଷିର ବିଶେଷ ଅଗ୍ରଗତି ଘଟିନାହିଁ । ଚାଷୀମାନେ ପାରମ୍ପରିକ ବିହନ ସହିତ ସରକାରୀ ଧାନ ବିହନ ଏବଂ ସ୍ଥାନୀୟ ଧାନ ଚାଷ ଲକ୍ଷ୍ୟ ରଖିଛନ୍ତି । ଚଳିତ ଖରିଫ୍ ଋତୁରେ ଆବଶ୍ୟକୀୟ ମୁତାବକ ଅଣଧାନ କୃଷି ବିହନ ଓ ସାର ଯୋଗାଇ ଦିଆଯାଇ ନଥିବାରୁ ଚାଷୀମାନେ ପାରମ୍ପରିକ ବିହନ ଯୋଗେ ନିଜ ଚାଷ ଆରମ୍ଭ କରିବାକୁ ବାଧ ହେଉଛନ୍ତି । ଜୁନ୍ ଦ୍ୱିତୀୟ ସପ୍ତାହରେ ମୌସୁମୀ ଛୁଇଁଥିଲେ ମଧ ଆଶାନୁରୂପ କୃଷିକାର୍ଯ୍ୟ ହୋଇପାରିନାହିଁ । ପୂର୍ବବର୍ଷ ମାନଙ୍କରେ ରଜ ସଂକ୍ରାନ୍ତି ବେଳକୁ ପ୍ରାୟ ୫୦ ଭାଗରୁ ଅଧିକ ଜମି ଧାନବୁଣା ସରିଯାଇଥାଏ । ଶ୍ରୀଗୁଣ୍ଡିଚା ଯାତ୍ରାବେଳକୁ ଲୋକମାନେ ଗହୀର ଧାନ ବିଲରେ ବିହୁଡା କାମ ଆଗେଇ ଦେଇଥାନ୍ତି । ମାତ୍ର କିଛିବର୍ଷ ହେଲା ଜଳବାୟୁର ପରିବର୍ତନ ଯୋଗୁଁ ମୌସୁମୀ ବିଳମ୍ବରେ ପହଚିଂଥାଏ । ମାତ୍ର ଚଳିତବର୍ଷ ସଠିକ୍ ସମୟରେ ମୌସୁମୀ ପହଚିଂଥିଲେ ମଧ କୃଷିକାର୍ଯ୍ୟରେ ସେତେଟା ଅଗ୍ରଗତି ଘଟିନାହିଁ । ଚଳିତବର୍ଷ ଖରିଫ୍ ଋତୁରେ ଭୁବନରେ ଏପ୍ରିଲ୍ ମାସରେ ୮ , ମେ ମାସରେ ୭୮ ଓ ଜୁନ ମାସରେ ୧୬୩ ମିଲିଲିଟର ବର୍ଷା ରେକର୍ଡ କରାଯାଇଛି । ଚଳିତ ଖରିଫ୍ ଋତୁରେ ଭୁବନ ବ୍ଲକ୍‌ରେ ଛୋଟ ଧାନ ୨୦୦୦ ହେକ୍ଟର, ସ୍ଥାନୀୟ ଧାନ ୫୦୦ ହେକ୍ଟର, ମଧ୍ୟମ କିସମ ୪୫୯୦ ହେକ୍ଟର,ଖାଲ କିସମ ୨୦୦୦ ହେକ୍ଟର ଏପରି ମୋଟ ୯୦୯୦ ହେକ୍ଟର ଧାନଚାଷ ଲକ୍ଷ୍ୟ ରଖାଯାଇଛି । । ପାରିପାର୍ଶ୍ୱିକ ଅବସ୍ଥା ଏବଂ କୃଷି ଜନିତ ବିଭିନ୍ନ ସମସ୍ୟା ପାଇଁ ଚଳିତ ଖରିଫ୍ ଚାଷ ଅଗଷ୍ଟ ମାସ ପ୍ରଥମ ସପ୍ତାହ ସୁଦ୍ଧା ଚାଷ କାର୍ଯ୍ୟ ସମ୍ପନ୍ନ ହେବବୋଲି ଭୁବନ ବ୍ଲକ କୃଷି ଅଧିକାରୀ ଦିଲ୍ଲୀପ ମିଶ୍ର ପ୍ରକାଶ କରିଛନ୍ତି ।

# କନ୍ଧମାଳ ଜିଲ୍ଲାର ୫ଶହରୁ ଉର୍ଦ୍ଧ୍ୱ ଗ୍ରାମକୁ ପହଂଚିପାରୁନାହିଁ ଆମ୍ବୁଲାନ୍ସ

## ରୋଗୀ ଓ ପ୍ରସୁତି ହନ୍ତସନ୍ତ, ଖଟିଆରେ ଆସୁଛନ୍ତି ରୋଗୀ

କନ୍ଧମାଳ,୨୫।୬ (ନି.ପ୍ର): ସବୁ ଗାଁକୁ ସ୍ଥାୟୀ ପକ୍କାରାସ୍ତା । ନଦୀ, ନାଳ ଉପରେ ପୋଲ ନିର୍ମାଣ ପାଇଁ ବିଜୁ ସେତୁ ଯୋଜନା ଆଦି ଅନେକ ଯୋଜନା ପ୍ରଣୟନ କରୁଛନ୍ତି ସରକାର । ହେଲେ ଏସବୁ ଯୋଜନା ଦିବାସ୍ୱପ୍ନ ପାଲଟିଛି କନ୍ଧମାଳ ବାସୀଙ୍କ ପାଇଁ । କନ୍ଧମାଳ ଜିଲ୍ଲାର ୧୨ଟି ବ୍ଲକ ଅର୍ନ୍ତଗତ ୧୭୧ଟି ପଂଚାୟତ ରହିଛି । ୨ ହଜାର ୫ଶହରୁ ଉର୍ଦ୍ଧ୍ୱ ରାଜସ୍ୱ ଗ୍ରାମ ବି ରହିଛି । ହେଲେ ଏସବୁ ଗ୍ରାମ ଗୁଡିକ ମଧ୍ୟରୁ ଅଳ୍ପ କିଛି ଗାଁକୁ ସ୍ଥାୟୀ ରାସ୍ତା ରହିଛି । ଅଧିକାଂଶ ଗାଁକୁ କାମ ଚଳିବା ପରି ରାସ୍ତା ରହିଛି । ହେଲେ ୫ଶହ ପାଖାପାଖି ଗାଁକୁ ଆଦୌ ରାସ୍ତା ନଥିବାରୁ ଅସୁବିଧା ସମୟରେ ଆମ୍ବୁଲାନ୍ସ କିମ୍ବା ଦମକଳ ଗାଡି ଯାଇପାରୁନି ଗାଁକୁ । ଫଳରେ ଗୁରୁତର ରୋଗୀ, ଗର୍ଭବତୀ ମହିଳା ମାନଙ୍କୁ ଆଣିବା ପାଇଁ ଠିକ୍ ସମୟରେ ଆମ୍ବୁଲାନ୍ସ ପଂହଚି ପାରୁନି । ଗାଁରୁ କିଛିବାଟ ଭାର କିମ୍ବା ଖଟିଆରେ ରୋଗୀଙ୍କୁ ବୋହି ଆଣିବା ପରେ ଆମ୍ବୁଲାନ୍ସ ସାହାର୍ଯ୍ୟରେ ଡାକ୍ତରଖାନା ପଠାଯାଉଛି । ଫଳରେ ଗୁରୁତର ଅସୁସ୍ଥ ରୋଗୀ ଡାକ୍ତରଖାନା ଯିବା ବାଟରେ ହିଁ ମୃତ୍ୟୁବରଣ କରୁଛନ୍ତି । ଏଭଳି ୫ଶହ ଗ୍ରାମର ୧ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ଏଭଳି ସମସ୍ୟାର ସମ୍ମୁଖିନ ହେଉଥିବା ଜଣାପଡିଛି । ଅଭିଯୋଗ କଲେ ବି ଶୁଣୁଛି ବା କିଏ ? ସ୍ୱାଧିନତାର ଦୀର୍ଘ ୭୩ ବର୍ଷ ପରେ ମଧ ଜିଲ୍ଲାରେ ବିକାଶ ସମ୍ଭବ ହୋଇନି ଏଯାଏଁ । ମଙ୍ଗଳବାର କୋଟଗଡ ବ୍ଲକର ସାର୍ତୁଲ ପଂଚାୟତର ପାଙ୍ଗାଲପଦର ଗ୍ରାମର ଗର୍ଭବତୀ ମହିଳା ଅଂଜନା ପ୍ରଧାନ ପ୍ରସବ ବେଦନା ହେବା ପରେ ଆମ୍ବୁଲାନ୍ସକୁ ଫୋନ୍ କରାଯାଇଥିଲା । ଆମ୍ବୁଲାନ୍ସ ଆସିଲା ମଧ, ହେଲେ ଗାଁଠୁ ୧୦କିମି ଦୂରରେ ଅଟକିଗଲା । ରାସ୍ତା ନଥିବାରୁ ଗାଁକୁ ଯାଇପାରିଲାନି । ଫଳରେ ଗ୍ରାମବାସୀ ଅଂଜନାଙ୍କୁ ଖଟରେ ବୋହି କି ଆଣିଲେ ଆମ୍ବୁଲାନ୍ସ ନିକଟକୁ । ଆଉ ସେଠାରୁ ଡାକ୍ତରଖାନା ଗଲେ ଅଂଜନା । କେବଳ ପାଙ୍ଗାଲପଦର ଗ୍ରାମ ଗୋଟିଏ ନୁହେଁ, ଏଭଳି ୫ ଶହ ଗ୍ରାମର ଅବସ୍ଥା ଏଭଳି । ଖରାଦିନରେ କେମିତି କେମିତି କାମ ଚଳିଯାଉଥିବା ବେଳେ ବର୍ଷା ପଡିଲେ ଅବସ୍ଥା ଖରାପ । ଚାଲି ଚାଲି ଯିବା ସମ୍ଭବ ହେଉନି ଗାଁକୁ । ନେତା, ମନ୍ତ୍ରୀ ମାନେ ନିର୍ବାଚନ ଆସିଲେ ଗାଁକୁ ଆସନ୍ତି, ପୁଳା ପୁଳା ପ୍ରତିଶୃତି ଦେଉଛନ୍ତି । ଭୋଟ ସରିଲେ ଆଉ ପଛକୁ ବୁଲି ଚାହୁଁନାହାଁନ୍ତି କିଏ ବୋଲି ଗ୍ରାମବାସୀ ମାନେ ଅଭିଯୋଗ କରୁଛନ୍ତି । ସରକାରଙ୍କ ସବୁ ଯୋଜନା ଏଠି କାଗଜ କଲମରେ ଚାଲୁଛି । ସରକାରଙ୍କ ସବୁ ଯୋଜନାକୁ ସିଧାସଳଖ ହରିଲୁଟ୍ କରୁଛନ୍ତି ବ୍ଲକର କିଛି ବାବୁ ଓ କୁଜିନେତା ମାନେ । ସରକାରୀ ରିପୋର୍ଟ ପ୍ରକାରେ, କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡି ବ୍ଲକରେ ସର୍ବାଧିକ ଏଭଳି ୫୭ଟି ଗାଁ ଥିବା ବେଳେ ତୁମୁଡିବନ୍ଧରେ ୪୨ଟି, କୋଟଗଡରେ ୪୧ଟି, ବାଲିଗୁଡାରେ ୩୪ଟି, ଫିରିଙ୍ଗିଆରେ ୫୨, କ.ନୂଆଗାଁ ରେ ୨୫, ଟିକାବାଲି ବ୍ଲକରେ ୨୭, ଖଜୁରୀପଡା ବ୍ଲକରେ ୩୨ଟି, ଚକାପାଦରେ ୨୭, ଘୁ.ଉଦୟଗିରି ରେ ୨୪ଟି, ରାଇକିଆ ୨୮ଟି, ସଦର ଫୁଲବାଣୀ ବ୍ଲକର ବି ଏଥିରୁ ବାଦ୍ ପଡିନି । ଫୁଲବାଣୀ ବ୍ଲକରେ ବି ୧୧ଟି ଏଭଳି ଗାଁ ରହିଛି ସେଠାରେ ସ୍ଥାୟୀ ପକ୍କା ରାସ୍ତା ଟିଏ ନାହିଁ । ସେହିପରି ଗମନା ଗମନ ସହ ବିଜୁଳି ଆଲୋକ, ପିଇବା ପାଣି, ଶିକ୍ଷା ବ୍ୟବସ୍ଥା ମଧ ତଦ୍ରୂପ । ସରକାର ଗ୍ରାମାଂଚଳର ଲୋକମାନଙ୍କ ବିକାଶ ପାଇଁ ଯୋଜନା ପରେ ଯୋଜନା ମାନ କାର୍ଯ୍ୟକାରୀ କରୁଛନ୍ତି । ହେଲେ ଦେଶ ସ୍ୱାଧିନ ହେବାର ୭୩ ବର୍ଷ ପରେ ବି କନ୍ଧମାଳ ଜିଲ୍ଲାର ଏସବୁ ଗ୍ରାମକୁ ଆଜି ସୁଦ୍ଧା ଗମନା ଗମନ ସୁବିଧା ଯୋଗାଇ ଦିଆଯାଇ ପାରୁନଥିବାରୁ ଆମ୍ବୁଲାନ୍ସ ସେବା ଅପହଂଚ ହୋଇପଡିଛି । ଯାହା କି ବଡ ବିଡମ୍ବନାର ବିଷୟ । ଏନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ରାଜଶ୍ରୀ ପଟ୍ଟନାୟକ କହନ୍ତି ଯେ, ଗାଁକୁ ରାସ୍ତା ନଥିବାରୁ ଆମ୍ବୁଲାନ୍ସ ପଂହଚି ପାରୁନି । ଏଣୁ, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କିଛିଟା ସ୍ଥାନରେ ବାଇକ ଆମ୍ବୁଲାନ୍ସ, ଜନନୀ ଅଟୋ ଯୋଗାଇ ଦେଇଛୁ । ସେହି ମାଧମରେ କିଛି ରୋଗୀଙ୍କୁ ଡାକ୍ତରଖାନା ଅଣାଯାଇପାରୁଛି । ହେଲେ ବାଇକ ଆମ୍ବୁଲାନ୍ସ ଅଧିକା ନଥିବା ଫଳରେ ଅନ୍ୟ ଅଂଚଳକୁ ଯୋଗାଇ ଦେବା ସମ୍ଭବ ହେଉନି । ରାସ୍ତା ନିର୍ମାଣ ହେଲେ ଆମ୍ବୁଲାନ୍ସ ଯିବାରେ ଅସୁବିଧା ହେବନି ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ କହିଛନ୍ତି । ତେବେ, କନ୍ଧମାଳ ଜିଲ୍ଲାର ଦୁର୍ଗମ ଗ୍ରାମ ଗୁଡିକୁ ଅଗ୍ରାଧିକାର ଭିତିରେ ରାସ୍ତା ନିର୍ମାଣ କରିବା ଜରୁରୀ ହୋଇପଡିଛି ।

# ୨ବର୍ଷ ଧରି ଚାଲିଛି ସହରର ୬ ପ୍ରମୁଖ ରାସ୍ତାର ନିର୍ମାଣ କାର୍ଯ୍ୟ

## ମନ୍ଥର କାର୍ଯ୍ୟକୁ ନେଇ ସାଧାରଣରେ ବଢୁଛି ଅସନ୍ତୋଷ

## ନଭେମ୍ବର ସୁଦ୍ଧା ସମ୍ପୂର୍ଣ୍ଣ ହେବା ନେଇ ପୂର୍ତ୍ତ ବିଭାଗର ସୂଚନା

ବାଲେଶ୍ୱର,୨୫।୬ (ନି.ପ୍ର): ବାଲେଶ୍ୱର ସହରର ବିଭିନ୍ନ ରାସ୍ତାର ଅଧପନ୍ତରିଆ କାର୍ଯ୍ୟକୁ ନେଇ ଏବେ ଜନ ଅସନ୍ତୋଷ ଦାନା ବାନ୍ଧିବାରେ ଲାଗିଛି। ରାସ୍ତା ମରାମତି ହେଉ କିମ୍ବା ନବୀକରଣ, ସବୁ ସ୍ଥାନରେ କିଛି କଛି ନିର୍ମାଣ ପରେ ରାସ୍ତାଘାଟରେ ସାମଗ୍ରୀ ପଡ଼ି ରହିଥିବା ଲକ୍ଷ୍ୟ କରାଯାଇଛି। ତେବେ ୨୦୧୮ ମସିହା ଶେଷ ଭାଗରେ ୩୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ସରକାରୀ ଅନୁଦାନ ମ ୁର ସହ ୨୦୧୯ ମସିହାର ସାଧାରଣ ନିର୍ବାଚନ ପୂର୍ବରୁ ଆରମ୍ଭ ହୋଇଥିବା ବାଲେଶ୍ୱର ସହରର ପ୍ରମୁଖ ୬ଗୋଟି ରାସ୍ତାର ମନ୍ଥର ନିର୍ମାଣ କାର୍ଯ୍ୟକୁ ନେଇ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଆଜିମାବାଦରୁ ମଲ୍ଲିକାଶପୁର ଶାନ୍ତିକାନନ ରାସ୍ତା, ଦେୱାନୀପାଟଣାରୁ ପାତ୍ରପଡ଼ା ଭାୟା କନକଦୁର୍ଗା ମନ୍ଦିର, ଓଟିରୋଡ୍‌ରୁ ଶୋଭାରାମପୁର ଦେଇ ସୂରଚ ହୋଟେଲ ଛକ, ଚିଡ଼ିଆ ପୋଲରୁ ଦର୍ଜିଖୋରୀ ଛକ ଭାୟା ଜିଲ୍ଲା ମୁଖ୍ୟ ପ୍ରାଣୀଧନ ଚିକିତ୍ସାଳୟ, ବୈରରାମନଗର ଛକରୁ କାଦ୍ରି ମସଜିଦ୍ ଛକ ଓ ଗଡ଼ଗଡ଼ିଆରୁ ପୁରୁଣାବାଲେଶ୍ୱର ପର୍ଯ୍ୟନ୍ତ ୬ ଗୋଟି ରାସ୍ତାର ନିର୍ମାଣ କାର୍ଯ୍ୟ ଦୀର୍ଘ ୨ ବର୍ଷ ଧରି ଜାରି ରହିଛି। ଅଧିକାଂଶ ରାସ୍ତାର କାର୍ଯ୍ୟ ଅତ୍ୟନ୍ତ ମନ୍ଥର ଗତିରେ ଚାଲିଛି। କେଉଁଠି ରାସ୍ତା କାର୍ଯ୍ୟ ଅଧା ହୋଇଛି ତ ପୁଣି କେଉଁଠି ଡ୍ରେନ୍ କାର୍ଯ୍ୟ। ମାତ୍ର ସବୁ ରାସ୍ତାରେ ଅଧପନ୍ତରିଆ ଅବସ୍ଥାରେ ନିର୍ମାଣ ସାମଗ୍ରୀ ପଡ଼ି ରହିଛି। ଏମିତିକି ଏହି ନିର୍ମାଣ ସାମଗ୍ରୀ ରାସ୍ତା ଉପରେ ପଡ଼ି ରହିବା ଫଳରେ ଲୋକେ ଯାତାୟତ କରିବାରେ ନାନା ସମସ୍ୟା ଭୋଗୁଛନ୍ତି। ଫଳରେ ଅଧିକାଂଶ ସମୟରେ ଏହି ସବୁ ରାସ୍ତାରେ ଟ୍ରାଫିକ୍ ଜାମ ହେଉଛି। ୬ ଗୋଟି ଯାକ ରାସ୍ତାର ନିର୍ମାଣ କାର୍ଯ୍ୟ ପୂ ର୍ତ୍ତ ବିଭାଗ ତ ୍ୱାବଧାନରେ ଚାଲିଛି। ଏନେଇ ପୂର୍ବରୁ ପୂ ର୍ତ୍ତ ବିଭାଗ ନିକଟରେ ଲୋକେ ବହୁବାର ଆପ ି କରିଥିଲେ ବି କେବଳ ପ୍ରତିଶ୍ରୁତି ମିଳିଥିଲା। ମାତ୍ର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନେଇ କୌଣସି ପଦକ୍ଷେପ ନିଆଯାଇ ନଥିବା କେତେକ ସଚେତନ ବ୍ୟକ୍ତି ଆରୋପ କରିଛନ୍ତି। ବିଭାଗୀୟ ଉଦାସୀନତା ଯୋଗୁଁ ଆଗାମୀ ଦିନରେ ପୁଣି ଏକ ଜନ ଆନ୍ଦୋଳନ ଦେଖାଯିବ ବୋଲି ସେମାନେ ଚେତାବନୀ ମଧ୍ୟ ଦେଲେଣି। ତେବେ ଏନେଇ ପୂ ର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ମହେଶ ଚନ୍ଦ୍ର ମହାନ୍ତିଙ୍କୁ ପଚାରିବାରୁ ବିଳମ୍ବିତ କାର୍ଯ୍ୟର ବିଭିନ୍ନ କାରଣ ସମ୍ପର୍କରେ ସେ ପ୍ରକାଶ କରିଥିଲେ। ବିଶେଷ କରି ଗତ ସାଧାରଣ ନିର୍ବାଚନୀ ମାହଲ, ଫନି ବାତ୍ୟା, ଠିକାଦାରଙ୍କ ଆନ୍ଦୋଳନ, ସ୍ଥାନୀୟ ଲୋକଙ୍କ ଜବରଦଖଲ ଉଚ୍ଛେଦ ଜନିତ ସମସ୍ୟା ଓ ଗତ ୩ ମାସଧରି କରୋନା ସ୍ଥିତିର ଲକ୍‌ଡାଉନ ଏବଂ ସଟଡାଉନ୍ ପ୍ରଭୃତି କାରଣ ଯୋଗୁଁ କାର୍ଯ୍ୟରେ ବିଳମ୍ବ ହୋଇଥିବା ଇଂ ମହାନ୍ତି କହିଥିଲେ। ସମ୍ପ୍ରତି କାର୍ଯ୍ୟ ତ୍ୱରାନ୍ୱିତ ହୋଇଥିବା ବେଳେ ଆସନ୍ତା ଦୁର୍ଗାପୂଜା ପରେ ଅର୍ଥାତ ନଭେମ୍ବର ମାସ ସୁଦ୍ଧା ସମ୍ପୂର୍ଣ୍ଣ ହୋଇଯିବା ନେଇ ସେ ଆଶା ପ୍ରକାଶ କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଭିସି ଯୋଗେ ପାରାଦୀପରେ....

ଓ ପେଟ୍ରୋକେମିକାଲ ଏବଂ ଆନୁଷାଙ୍ଗିକ ଆନ୍ସିଲାରୀ କ୍ଷେତ୍ରକୁ ଓଡିଶାକୁ ଅଗ୍ରଣୀ ରାଜ୍ୟ ଭାବେ ତୋଳିବା ପାଇଁ ତୈଳ ଶିଳ୍ପରେ ସର୍ବମୋଟ ୧ ଲକ୍ଷ ୩୫ ହଜାର କୋଟି ଟଙ୍କା ପୁଞ୍ଜିନିବେଶ କରାଯାଇଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଏହି ଭର୍ଚୁଆଲ ଉତ୍ସବରେ ପେଟ୍ରୋଲିୟମ ମନ୍ତ୍ରଣାଳୟର ସଚିବ ତରୁଣ କାପୁର, ଆଇଓସିଲର ଚେୟାରମ୍ୟାନ ସଞ୍ଜିବ ସିଂହ ଏବଂ ଭାରତ ଓ ରାଜ୍ୟ ସରକାରଙ୍କର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

### ଆଜି ଆତ୍ମନିର୍ଭର ଉତ୍ତର....

ଦିନ ୧୧ଟା ବେଳେ ଉତରପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଭିଡିଓ କନଫରେନ୍ସ ଜରିଆରେ ଅଭିଯାନର ଶୁଭାରମ୍ଭ କରିବେ । ଏହାଛଡା ଅଭିଯାନ ସହିତ ସଂଶ୍ଳିଷ୍ଟ ଉତରପ୍ରଦେଶ ସରକାରଙ୍କ ବିଭାଗୀୟ ମନ୍ତ୍ରୀମାନେ ମଧ ଏଥିରେ ଉପସ୍ଥିତ ରହିବେ । ପ୍ରଧାନମନ୍ତ୍ରୀ ୬ ଟି ଜିଲ୍ଲାର ଗ୍ରାମବାସୀଙ୍କ ସହ ମଧ ମତ ବିନିମୟ କରିବେ । ଉତ୍ତରପ୍ରଦେଶର ସମସ୍ତ ଜିଲ୍ଲାଗୁଡିକ ଏହି ଯୋଜନା ସହ ଗ୍ରାହକ ସେବା କେନ୍ଦ୍ର ଓ କୃଷି କେନ୍ଦ୍ର ଜରିଆରେ ସାମିଲ ରହିବେ । ତେବେ ସେମାନଙ୍କୁ କୋଭିଡ-୧୯ ବୈଶ୍ୱିକ ମହାମାରୀ ପାଇଁ ଆବଶ୍ୟକ ସାମାଜିକ ଦୂରତ୍ୱ ଭଳି ନିୟମାବଳିକୁ ପାନକ କରିବାକୁ ପଡିବ

### ଆଉ ୨୧୦ କରୋନା....

ଜିଲ୍ଲାରେ ୧ ଓ ବଲାଙ୍ଗୀର ଜିଲ୍ଲାରେ ୧୧ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ମୟୁରଭଂଜ ଜିଲ୍ଲାରୁ ୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ପଶ୍ଚିମ ବଙ୍ଗର ଅମ୍ଫାନ ଡ୍ୟୁଟି ସାରି ଫେରିଥିବା ଏନଡିଆରଏଫର ୬ ଜଣ ଜବାନ ମଧ୍ୟ କରୋନା ଆକ୍ରାନ୍ତ ହୋଇଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।

### ଗୁରୁବାର ୧୬୮....

୧୩ ଜଣ, ସୁନ୍ଦରଗଡ଼ ଜିଲ୍ଲାରୁ ୮ ଜଣ, ବାଲେଶ୍ୱର ଜିଲ୍ଲାରୁ ୭ ଜଣ, ଭଦ୍ରକ ଓ ରାୟଗଡ଼ା ଜିଲ୍ଲାରୁ ୫ ଜଣ ଲେଖାଏଁ, ମାଲକାନଗିରି, କେନ୍ଦ୍ରାପଡ଼ା, କେନ୍ଦୁଝର, ଜଗତ୍‌ସିଂହପୁର, ସୋନପୁର ଜିଲ୍ଲାରୁ ୪ ଜଣ ଲେଖାଏଁ, ଅନୁଗୁଳ ଜିଲ୍ଲାରୁ ୩ ଜଣ, ଢେଙ୍କାନାଳ ଜିଲ୍ଲାରୁ ୨ ଜଣ ଓ ଝାରସୁଗୁଡ଼ା ଜିଲ୍ଲାରୁ ଜଣେ କରୋନା ସଂକ୍ରମିତ ବ୍ୟକ୍ତି ସୁସ୍ଥ ହୋଇଛନ୍ତି।

### ରେଳ ଓଭରବ୍ରିଜ୍ ନିର୍ମାଣ....

ଖବର ପାଇ ଶିକ୍ଷା ଳ ଥାନା, ସହଦବେକୁ । ଥାନା ପୁଲିସ ସମେତ ବାଲେଶ୍ୱର ଜିଆରପି ଘଟଣାସ୍ଥଳରେ ପହ ି ଥିଲେ। ତେବେ କେଉଁ ଥାନା ପୁଲିସର ପ ନାମା ପରେ ମୃତଦେହ ବ୍ୟବଚ୍ଛେଦ ହେବ ତାହାକୁ ନେଇ ଦୀର୍ଘସମୟ ଆଲୋଚନା ହୋଇଥିଲା। ଶେଷରେ ସହଦେବଖୁ । ଥାନା ପୁଲିସ ବ୍ୟବଚ୍ଛେଦ ପାଇଁ ମୃତଦେହକୁ ନେବାକୁ ଉଦ୍ୟମ କରୁଥିବା ବେଳେ ତେଲେଙ୍ଗାସାହି ବାସିନ୍ଦା ପହ ି ବିରୋଧ ସହ କ୍ଷତିପୂରଣ ଦାବି କରିଥିଲେ। ଗତ କିଛିଦିନ ଧରି ବିବାହ କରିଥିବା ସୁନା ସୋରେନ୍‌ର ପତ୍ନୀ ଏବେ ଗର୍ଭବତୀ ଥିବା ବେଳେ ତା'ର ସଂସାର ଗୁଜରାଣ ପାଇଁ କ୍ଷତିପୂରଣ ଦାବିରେ ଲୋକେ ଅଡ଼ିବସିଥିଲେ। ସେଠାରେ କିଛି ସମୟ ପାଇଁ ଉତେ ଜନା ମୂଳକ ସ୍ଥିତି ଦେଖାଯାଇଥିଲା। ତେବେ ରେଳବାଇ ପୁଲିସର ମଧ୍ୟସ୍ଥତାରେ ଦୀର୍ଘ ସମୟର ଆଲୋଚନା ପରେ ରେଳ ଓଭରବ୍ରିଜ୍ ନିର୍ମାଣକାରୀ ସଂସ୍ଥା ପକ୍ଷରୁ ସୁନା ସୋରେନ୍‌ଙ୍କ ପରିବାରକୁ ପ୍ରଥମ ପର୍ଯ୍ୟାୟରେ ୧ଲକ୍ଷ ଟଙ୍କାର ସହାୟତା ଦିଆଯାଇଥିଲା। ପରବ ର୍ତ୍ତୀ ସମୟରେ ଧାର୍ଯ୍ୟ କ୍ଷତିପୂରଣ ନେଇ ଠିକା ସଂସ୍ଥା କ ର୍ତ୍ତୃପକ୍ଷଙ୍କ ପ୍ରତିଶ୍ରୁତି ପ୍ରଦାନ ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପରେ ପୁଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

## ଜୁନ ୨୬ ଆନ୍ତର୍ଜାତିକ ନିଶାନିବାରଣ ଦିବସ ଉପଲକ୍ଷେ ସୂଚନା

ଭଦ୍ରକ,୨୫।୬ (ନି.ପ୍ର): ଜୁନ ୨୬ ତାରିଖରେ ଆନ୍ତର୍ଜାତିକ ନିଶାନିବାରଣ ତଥା ଅବୈଧ ଚୋରା ଚାଲାଣ ଦିବସ ପାଳନ ଉପଲକ୍ଷେ ଭଦ୍ରକ ଜିଲ୍ଲାର ଜନସାଧାରଣଙ୍କ ଅବଗତି ନିମନ୍ତେ ସୂଚନା - ୧- ନିଶା ବର୍ଜନ ସୁସ୍ଥ ଜୀବନ। ୨- ଯାଅନାହିଁ ଭାଇ ନିଶାଣ ପାଖ, ମାଆ ଭଉଣୀର ଇଜ୍ଜତ ରଖ। ୩- ନିଶାକୁ ବର୍ଜନ, ନାରୀକୁ ସମ୍ମାନ, ତେବେ ତୁ ରଖିବୁ ଜାତିର ମାନ। ୪-ଯିଏ ସେ ରହିବ ନିଶାରେ ବୁଡି, ସଂସାର ଯିବ ତା' ପୁରା ଉଜୁଡି। ୫- ଅଛି ଯଦି ଭାଇ ବଂଶ ମର୍ଯ୍ୟାଦା ଭୟ, ନିଶାଠାରୁ ବହୁ ଦୂରରେ ରୁହ। ୬- ନିଶାକୁ କରିବ ଯିଏ ନିଜର, ଉଜୁଡି ଯିବ ତା' ଘରସଂସାର। ୭- ନିଶା ଛାଡନ୍ତୁ ପରିବାର ବଂଚାନ୍ତୁ। ୮- ମହୁଲି ନିଶା, ଘରକୁ ଦଶା। ୯- ପାନବିଡି ନୁହେଁ ଛୋଟିଆ ନିଶା, ଜଣା ପଡେ ନାହିଁ ଟାଣେ ପଇସା। ୧୦- ଡ୍ରଗ୍ସ କୁ ନାହିଁ, ଜୀବନକୁ ହଁ।

# ଅବହେଳିତ ପିକ୍‌ନିକ ସ୍ପଟ କନ୍ୟାଡୁବାଗଣ୍ଡ

## ପର୍ଯ୍ୟଟନ ମନ୍ତ୍ରୀ ଦୃଷ୍ଟି ଦେବେ କେବେ ?

ନୀଳଗିରି,୨୫।୬ (ନି.ପ୍ର): ସକାଳର ସୁନେଲି କିରଣ ଛାଇଯାଏ ନୀଳ ନଈ ଉପରେ। ପଥର ଉପରେ ବାରମ୍ବାର ମୁଣ୍ଡ ବାଡେଇ ପିଟି ହୁଏ କାଚ କେନ୍ଦୁ ଭଳି ପାଣି। ଉତରରେ ଆଦିବାସୀଙ୍କ ସରଳିଆ ବସ୍ତିରେ ଶୁଭେ ଧୁମସା ମାଦଳର ବାଜଣ। ଦକ୍ଷିଣରେ ବହିଯାଉଥାଏ ଟାଙ୍ଗଣା ନଦୀର କୁଳୁକୁଳୁ ନାଦ। ଚାରିପାଖରେ ଜଙ୍ଗଲିଆ ଚଢେଇଙ୍କ କିଚିରିମିଚିରି ଶବ୍ଦ ବାନ୍ଧି ରଖେ ପର୍ଯ୍ୟଟକଙ୍କୁ ବେଶ ସୁନ୍ଦର ପ୍ରାକୃତିକ ପରିବେଶ ଭିତରେ ପର୍ଯ୍ୟଟକ ହଜାଇ ଦିଏ ମନକୁ। ଆତ୍ମହରା ହୋଇ ପରିବାର ବନ୍ଧୁବାନ୍ଧବ ଓ ସାଙ୍ଗସାଥିଙ୍କ ସହ ମଉଜମସ୍ତି କରିବାକୁ କୁଣ୍ଠାବୋଧ କରେନାହିଁ। କିନ୍ତୁ ରାଜନୈତିକ ଇଚ୍ଛାଶକ୍ତିର ଅଭାବ। ପ୍ରଶାସନିକ ସ୍ତରରେ ଉଦାସୀନତା ପାଇଁ ଅବହେଳିତ ଅବସ୍ଥାରେ ପଡିରହିଛି ଆଜି କନ୍ୟାଡୁବାଗଣ୍ଡ। ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାର ସୀମାନ୍ତ ଅଂଚଳରେ କୁହାଯାଉଥିବା ତଥା ନୀଳଗିରି ବ୍ଲକ ବରହମପୁର ପଂଚାୟତ ଅଧିକ ପୁନାଶିଆ ନିକଟ ବୁରଗଡିଆରେ ରହିଛି ଏହି ପିକନିକ୍ ସ୍ପଟ କନ୍ୟାଡୁବାଗଣ୍ଡ। ଶହସ୍ରାଧିକ ବର୍ଷ ପୂର୍ବେ ମୟୂରଭଞ୍ଜରୁ କନ୍ୟା ନେଇ ଏହି ଅଂଚଳରୁ ଜଣେ ବର ଶବାରିରେ ଫେରୁଥିଲେ। ହଠାତ ଶବାରି ବାହକ ହାକୁମ ଧାବଲ ଗୀତ ବନ୍ଦ କରିଦେଇଥିଲେ। ସେଠାରେ ପ୍ରବାହିତ ଟାଙ୍ଗଣା ନଦୀରେ ପାର ହେଉଥିବା ସମୟରେ ଶବାରୀ ବାହକଙ୍କ ଗୋଡ ଖସିଯାଇଥିଲା ଗଣ୍ଡକୁ । ବୁଡି ଯାଇଥିଲା ଶବାରୀ ଘଟଣା ସ୍ଥଳରେ ସଲୀଳ ସମାଧି ନେଇଥିଲେ ଉଭୟ ବର ଓ କନ୍ୟା। ସେହିଦିନଠାରୁ ଏହାର ନାମ କନ୍ୟାଡୁବାଗଣ୍ଡ ବୋଲି ଅଂଚଳବାସୀ ଡାକିଆସୁଛନ୍ତି। ଏହି ଅଂଚଳକୁ ଉଭୟ ଜିଲ୍ଲାର ଲୋକେ ପିକନିକ ସ୍ପଟ ବୋଲି ଗ୍ରହଣ କରିଛନ୍ତି। ମନ ହର ପରିବେଶ ଭିତରେ ଭୋଜିଭାତ କରି ଖୁସି ମନାଉଛନ୍ତି ପର୍ଯ୍ୟଟକ କିନ୍ତୁ ସ୍ୱାଧିନତାର ଦୀର୍ଘ ଦଶନ୍ଧି ପରେବି ନା ହୋଇପାରିଛି ପିକନିକ ସ୍ପଟର ରାସ୍ତା ନା ମରାମତି। ମୟୁରଭଞ୍ଜ ଓ ବାଲେଶ୍ୱର ଅଂଚଳରୁ ଏହି ସ୍ପଟକୁ ଆସିଥିବା ରାସ୍ତା ପାର ହେବାରୁ କର୍ଯ୍ୟଟକଙ୍କୁ ବହୁ କଷ୍ଟ ଶୀକାର କରିବାକୁ ପଡିଛି। ରାସ୍ତାର ଅବସ୍ଥା ଏଭଳି ହୋଇଛି ଯେ ଦୁଇ ଚକିଆ ବା ଚାରିଚକିଆ ନୁହେଁ ସାଇକେଲରେ ଆସିବା ମଧ କାଠିକର ପାଠ ହୋଇଛି। ଫଳରେ ନାକ ଟେକୁଛନ୍ତି ପର୍ଯ୍ୟଟକ। ଏହି ପିକନିକ ସ୍ପଟର ବିକାଶ କରିବାକୁ ହେଲେ ପ୍ରଧାନମନ୍ତ୍ରୀ ମନ୍ତ୍ରୀ ସଡକ ଯୋଜନାରେ ନୂତନ ରାସ୍ତା ନିର୍ମାଣ ବା ଯୁଦ୍ଧକାଳିନ ପରିସ୍ଥିତିରେ ମରାମତି , ସବୁଜ ଉଦ୍ୟାନ ସୃଷ୍ଟି ଏବଂ ଅଂଚଳବାସୀ ପ୍ରଶାସନିକ ଓ ରାଜନେତା ଅଧିକାରୀଙ୍କ ଆନ୍ତରିକତାର ଆବଶ୍ୟକତା ରହିଛି । ବାଲେଶ୍ୱର ଜିଲ୍ଲାର ଏକମାତ୍ର ମନ୍ତ୍ରୀ ତଥା ରାଜ୍ୟ ସଂସ୍କୃତି ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଏହି ପିକନିକ ସ୍ପଟର ବିକାଶରେ ସହଯୋଗ କଲେ ସୁପ୍ତ ହୋଇପର୍ଡି ରହିଥିବ। କନ୍ୟାଡୁବାଗଣ୍ଡ ଆଗାମି ଦିନରେ ବାହାର ପର୍ଯ୍ୟଟକଙ୍କ ଆକର୍ଷଣର ଅନ୍ୟତମ କେନ୍ଦ୍ର ବିନ୍ଦୁ ହୋଇପାରନ୍ତା।

## କଟକରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ ୩୮୮ ଜଣଙ୍କ ଠାରୁ ଆଦାୟ ହେଲା ଜୋରିମାନା

ଭୁବନେଶ୍ୱର,୨୫।୬ (ନି.ପ୍ର): କଟକରେ ଗତ ୨୪ ଘଂଟା ମଧ୍ୟରେ ୩୮୮ ଜଣଙ୍କ ଠାରୁ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ ଜୋରିମାନା ଆଦାୟ କରା ଯାଇଛି । କଟକ ଡିସିପିଙ୍କ ଦ୍ୱାରା ଟ୍ୱିଟ କରି ଏହି ସୂଚନା ଦିଆ ଯାଇଛି । ବ୍ରହ୍ମପୁରରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ ୧୭୫ ଜଣଙ୍କ ଠାରୁ ଜୋରିମାନା ଆଦାୟ ଭୁବନେଶ୍ୱର, ୨୫ ଜୁନ । ବ୍ରହ୍ମପୁରରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ ୧୭୫ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । ବ୍ରହ୍ମପୁର ଏସପି ରା ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି। ଏହି ସମୟ ମଧ୍ୟରେ ୧୦୧ ଟି ବାହନରୁ ଜୋରିମାନା ଆଦାୟ କରା ଯାଇଥିବା ସୂଚନା ଦିଆ ଯାଇଛି ।

# ପାରିକୁଦ ଗଡ଼ରେ ଗର୍ଜିଲେ ପାଇକ: ସ୍ୱତନ୍ତ୍ର ପାଇକ ଭତ୍ତା ପାଇଁ ଦାବି ଜଣାଇଲେ

ଭୁବନେଶ୍ୱର,୨୫।୬ (ନି.ପ୍ର): ଗତକାଲି ପୁରୀ ଜିଲ୍ଲୀ ଅନ୍ତର୍ଗତ ପାରିକୁଦ ଗଡ଼ଠାରେ ଏକ ପାଇକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ବାଇକ ବିହିନୀଙ୍କ କୁହାଟ, ଢ଼ାଲ ତରବାରୀ ପୁଣି ଇତିହାସ ପୃଷ୍ଠାରେ ଥବବା ପାଇକ ବିଦ୍ରୋହକୁ ମନେ ପକାଇଥିଲା । ନିଖିଳ ଓଡ଼ିଶା ପାଇକ ମହାସଂଗ ରାଜ୍ୟ ସଭାପତି ଅଶୋକ କୁମାର ପାଲଟାସିଂହ ପାରିକୁଦ ଗ୍ରସ୍ଥ କାର୍ଯ୍ୟକ୍ରମରେ ଏକ ପାଇକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ପ୍ରଥମେ କାଳଜୟୀ କବି ଡ. ମାୟାଧର ମାନସିଂହଙ୍କ ସମାଧି ପୀଠରେ ପୁଷ୍ପମାଲ୍ୟ ଅର୍ପଣ ପରେ ସେଠାରେ ବୀର ବାଦ୍ୟର ତାଳେ ତାଳେ ପାଇକ ଗୁରୁ କିଶୋରଙ୍କ ନେତୃତ୍ୱରେ ରଣବାଦ୍ୟ ନାଦ କରିଥିଲା । ପରେ ପାରିକୁଦ ଗାନ୍ଧି ଉଦୟନାଥ ଜେନାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟ ଅର୍ପଣ ପରେ ଶୋଭାଯାତ୍ରା ପାରିକୁଦଗଡ଼ ପର୍ଯ୍ୟନ୍ତ ଚାଲିଥିଲା । ପାରିକୁଦ ତିତିପଠାରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ତିତିପ ବଡ଼ସାହିର ବର୍ଷିୟାନ ପାଇକଗୁରୁ କେଳୁ ଚରଣ ଜେନା ଓ ତିତିପ ସାନ ସାହିର ୯୪ ବର୍ଷୀୟ ବିଶିଷ୍ଟ ଗୁରୁ ଦଣ୍ଡପାଣି ଜେନାଙ୍କୁ ପାଇକ ମହାସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଉପଢ଼ୌକନ, ମାନପତ୍ର, ପୁଷ୍ପଗୁଚ୍ଛ ପ୍ରଦାନ କରଯାଇ ଗୁରୁମାନଙ୍କ ଦୀର୍ଘ ନିରାମୟ ଜୀବନ କାମନା କରାଯାଇଥିଲା । ଏହିଠାରେ ଅନୁଷ୍ଠିତ ସମାବେଶରେ ବର୍ଷିୟାନ ପାଇକଗୁରୁ ଯେଉଁମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ଶ୍ରେଷ୍ଠ ବିବେଚିତ ହୋଇଥଲେ ଏବଂ ଶହ ଶହ ପାଇକବୀର ସୃଷ୍ଟି କରି ସମର କଳାକୁ ବଂଚେଇ ରଖିଛନ୍ତି ସେମାନେ ଆଜି ସରକାରୀ ଭତାରୁ ବଂଚିତ । ଦୁଃଖ, ଦାରିଦ୍ର୍ୟର ଜୀବନର ଶେଷ ପାହାଚରେ ପହଂଚି କାଳାତିପାତ କରୁଛନ୍ତି । ଏହା ଦୁଃଖ ଓ ବିଡ଼ମ୍ବନାର ବିଷୟ, ରାଜ୍ୟସରକାର ତୁରନ୍ତ ସ୍ୱତନ୍ତ୍ର ପାଇକ ଭତା ଏହି ପାଇକ ଗୁରୁ ମାନଙ୍କୁ ଦେବାକୁ ରାଜ୍ୟ ସଭାପତି ଦାବୀ ଜଣାଇଥିଲେ । ଏହି ସମାବେଶରେ ପାଇକଗୁରୁ ତଥା ପାଇକ ମହାସଂଘ ଖୋର୍ଦ୍ଧା ଜିଲ୍ଲରା ସଭାପତି ପୂର୍ଣ୍ଣଚନ୍ଦ୍ର ପାଟଶାଣୀ, ପାଇକ ମହାସଂଘ ରାଜ୍ୟ ସଂଯୋଜକ ପାଇକ ବିଶାରଦ କେଦାର ଦାସ, ବର୍ଷିୟାନ ଗୁରୁ ଭାସ୍କର ସୁନ୍ଦରାୟ, କୃଷ୍ଣପ୍ରସାଦ ବ୍ଲକ ସଭାପତି ଗୁରୁ ଦୁଃଶାସନ ଦାସ, ପ୍ରଫୁଲ୍ଲ ଜେନା, ପ୍ରମୁଖ ଯୋଗଦାନ କରିଥିଲେ । ପ୍ରଦୀପ କୁମାର ଜେନା ଏହି ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ ।

# କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀଙ୍କ ଦିନିକିଆ ମାଲକାନଗିରି, ନବରଙ୍ଗପୁର ଓ କୋରାପୁଟ ଜିଲ୍ଲା ଗସ୍ତ

ଭୁବନେଶ୍ୱର,୨୫ଜୁନ(ହି.ସ.) - କୋଭିଡ଼-୧୯ ପରି ଏକ ଅସ୍ୱାଭାବିକ ପରିସ୍ଥିତିରେ ଚାଷ କାର୍ଯ୍ୟକୁ ସଫଳ ଭାବେ ଆଗେଇ ନେବା ପାଇଁ ରାଜ୍ୟ ସରକାର ଖରିଫ୍ ଚାଷକୁ ପ୍ରାଥମିକତା ପ୍ରଦାନ କରୁଛନ୍ତି । ଏହି ପରିପ୍ରେକ୍ଷୀରେ ଚାଷୀମାନେ ଯେପରି ସୁବିଧାରେ ଚାଷକାର୍ଯ୍ୟ କରି ପାରିବେ ସେଥି ନିମେନ୍ତ ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ ଯୋଗାଇ ଦେବା ପାଇଁ ତୃଣମୂଳସ୍ତରର କୃଷି ଅଧିକାରୀମାନେ ନିଷ୍ଠାପର ଉଦ୍ୟମ କରିବା ପାଇଁ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ, ଉଚ୍ଚଶିକ୍ଷା ମନ୍ତ୍ରୀ ଡଃ. ଅରୁଣ କୁମାର ସାହୁ କହିଛନ୍ତି । ଆଜି ଦିନିକିଆ ମାଲକାନଗିରି, ନବରଙ୍ଗପର ଓ କୋରାପୁଟ ଗସ୍ତରେ ଯାଇ ମାଲକାନଗିରି ଓ ଏବଂ ନବରଙ୍ଗପୁରରେ ଆୟୋଜିତ ପୃଥକ୍ ପୃଥକ୍ ବୈଠକରେ ଜିଲ୍‌ଲାର ଖରିଫ୍ ଚାଷ ସମ୍ପର୍କରେ ସମୀକ୍ଷା କରିଥିବା ବେଳେ କୋରାପୁଟଠାରେ କୋରାପୁଟ ଏବଂ ରାୟଗଡ଼ା ଜିଲ୍‌ଲାର ମିଳିତ ବୈଠକରେ ସ୍ଥିତିର ସମୀକ୍ଷା କରିଥିଲେ। ବୈଠକରେ ମନ୍ତ୍ରୀ ଡଃ. ସାହୁ ଜିଲ୍ଲାରେ ଖରିଫ୍ ଚାଷର ସମୀକ୍ଷା କରିବା ସହିତ ଉଦ୍ୟାନ କୃଷି, ମୃତିକା ସଂରକ୍ଷଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ କ୍ଷେତ୍ରରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ସମୀକ୍ଷା କରିଥିଲେ । କୋଭିଡ଼-୧୯ ପରିସ୍ଥିତିରେ କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରରେ ଲୋକମାନଙ୍କୁ ଖାଦ୍ୟ ନିରାପତା ସୁନିର୍ଶ୍ଚିତ କରିବା ସହିତ ଲୋକମାନଙ୍କୁ ରୋଜଗାର ଯୋଗାଇ ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ମନ୍ତ୍ରୀ ଡଃ ସାହୁ କହିଥିଲେ । ଏହି ପରିପ୍ରେକ୍ଷୀରେ ଚାଷ ଏବଂ ଆନୁଷଙ୍ଗିକ କ୍ଷେତ୍ରରେ କାର୍ଯ୍ୟକୁ ଆଗେଇ ନେବା ପାଇଁ ଚାଷୀ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡ଼ିକର ତୃଣମୂଳସ୍ତରରେ ସମାଧାନ କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଖରିଫ୍ ଚାଷ ନିମନ୍ତେ ପର୍ଯ୍ୟାପ୍ତ ପରିମାଣର ଉନ୍ନତମାନର ବିହନ, ସାର ଏବଂ କୀଟନାଶକ ମହଜୁଦକୁ ସୁନିଶ୍ଚିତ କରିବା ପାଇଁ ଅଧିକାରୀମାନେ ନିୟମିତ କଡ଼ାକଡ଼ି ଯାଂଚ କରିବା ପାଇଁ ମନ୍ତ୍ରୀ ଡ. ସାହୁ ନିର୍ଦ୍ଦେଶ ଦେଇଥିଲେ । ଚାଷୀମାନଙ୍କର ଆବଶ୍ୟକତା ଅନୁସାରେ ବିହନ ସାର ଯୋଗାଣର ବ୍ୟବସ୍ଥା କରିବା ପାଇଁ କହିଥିଲେ । ସ୍ଥାନୀୟ ଜଳବାୟୁ, ମୃତିକା ଓ ଜଳସେଚନର ସୁବିଧାକୁ ଦୃଷ୍ଟିରେ ରଖି ଚାଷ କାର୍ଯ୍ୟରେ ବିବିଧକରଣ କରିବା ପାଇଁ ଚାଷୀମାନଙ୍କ ମଧରେ ବ୍ୟାପକ ସଚେତନତା ସୃଷ୍ଟି ଉପରେ ମନ୍ତ୍ରୀ ଡଃ. ସାହୁ ଗୁରୁତ୍ୱ ଦେଇଥିଲେ । କୋଭିଡ଼-୧୯ ସ୍ଥିତିରେ ସାମାଜିକ ଗଣମାଧ୍ୟମର ବହୁଳ ଉପଯୋଗ କରି ପଂଚାୟତସ୍ତରରେ ହ୍ୱାଟ୍‌ସ ଆପ ଗ୍ରୁପ୍ ଗଠନ ମାଧ୍ୟମରେ ଚାଷୀମାନଙ୍କୁ ଆବଶ୍ୟକୀୟ ସୂଚନା ପ୍ରଦାନ ସହିତ ସେମାନଙ୍କ ସମସ୍ୟାର ତୁରନ୍ତ ସମାଧାନ ନିମନ୍ତେ ପରାମର୍ଶ ଦେଇଥିଲେ । ଏଥି ସହିତ ମକା, ଫଳ, ପନିପରିବା ଆଦି ଚାଷ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଜିଲ୍ଲାରେ ମୋ ପୋଖରୀ ଖନନ କାର୍ଯ୍ୟକୁ ତ୍ୱରାନ୍ୱିତ କରି ଲୋକମାନଙ୍କୁ ରୋଜଗାର ଦେବା ସହିତ ଜଳସେଚନର ସୁବିଧା ସୃଷ୍ଟି କରିବା ନିମନ୍ତେ ମନ୍ତ୍ରୀ କହିଥିଲେ । ସେହିପରି ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରି ଦୁଗ୍ଧ, ଅଣ୍ଡା ଏବଂ ମତ୍ସ୍ୟ ଉତ୍ପାଦନରେ ଜିଲ୍ଲାଗୁଡ଼ିକୁ ସ୍ୱାବଲମ୍ବୀ କରିବା ସହିତ ବଳକା ଜିଲ୍ଲାରେ ପରିଣତ କରିବା ଦିଗରେ ମନ୍ତ୍ରୀ ଡ. ସାହୁ ଗୁରୁତ୍ୱାରୋପ କରିଥିଲେ । ବୈଠକ ଗୁଡ଼ିକରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଡ. ଏମ. ମୁଥୁକୁମାରଙ୍କ ସମେତ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳ ଏବଂ କୃଷି, ଉଦ୍ୟାନ କୃଷି, ମୃତିକା ସଂରକ୍ଷଣ ଓ ଜଳ ବିଭାଜିକା, ମତ୍ସ୍ୟ ଏବଂ ପ୍ରାଣୀସମ୍ପଦ ବିକାଶ ବିଭାଗର ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିବା ବେଳେ କୋରାପୁଟଠାରେ ଆୟୋଜିତ ବୈଠକରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର କମିଶନର ତଥା ଶାସନ ସଚିବ ବୀର ବିକ୍ରମ ଯାଦବ ମଧ ଉପସ୍ଥିତ ଥିଲେ । ମନ୍ତ୍ରୀ ଡଃ. ସାହୁ ହେଲିକେପ୍ଟର ଯୋଗେ ପ୍ରଥମେ ମାଲକାନଗିରି ପରେ ନବରଙ୍ଗପୁର ଏବଂ ଶେଷରେ କୋରାପୁଟ ଜିଲ୍ଲା ଗସ୍ତ କରିଥିଲେ ।

# ଏମ୍‌ଡିଏମ୍‌ରେ ଘୋଟାଲା : ୨୫୦ କ୍ୱିଂଟାଲ ଚାଉଳ ବଂଟା ହୋଇପାରିଲାନି

ଭଦ୍ରକ, ୨୫ ଜୁନ୍ (ହି.ସ.) - ସରକାରଙ୍କ ସମସ୍ତ କଟକଣା ଏବଂ ସତର୍କତା ସତ୍ତ୍ୱେ ଜିଲାରେ ରୋକାଯାଇ ପାରୁନି ଏମ୍‌ଡିଏମ୍ ଘୋଟାଲା। ବିଦ୍ୟାଳୟଗୁଡିକରେ ମିଥ୍ୟା ଉପସ୍ଥାନ ଦେଖାଇ ହଡପ କରାଯାଉଛି ଶହ ଶହ କ୍ୱିଂଟାଲ ଚାଉଳ। ସରକାରୀ ବିଦ୍ୟାଳୟ ଗୁଡିକରେ ମିଥ୍ୟା ଛାତ୍ର ଉପସ୍ଥାନ ରୋକିବା ସକାଶେ ଉପସ୍ଥାନରେ ଆଧାର ସଂଯୋଗ ବାଧ୍ୟତାମୂଳକ କରିଛନ୍ତି। ସରକାରୀ ହିସାବ ଅନୁଯାୟୀ ଜିଲାରେ ଉପସ୍ଥାନରେ ଆଧାର ସଂଯୋଗ ପ୍ରାୟ ଶହେ ପ୍ରତିଶତ ହୋଇଥିବା ଦାବି କରାଯାଉଛି। ଏସ୍‌ଏମ୍‌ଏସ୍ ଜରିଆରେ ପ୍ରତିଦନର ଏମ୍‌ଡିଏମ୍ ରିପୋର୍ଟ ସରକାରଙ୍କୁ ଦିଆଯାଉଛି। ହେଲେ ଏହା ସତ୍ତ୍ୱେ ମଧ ଜିଲାରେ ଏମ୍‌ଡିଏମ୍ ବ୍ୟବସ୍ଥା ଦୁର୍ନୀତି ମୁକ୍ତ ବୋଲି କୁହାଯାଇପାରୁନାହିଁ। ଯାହାର ପ୍ରତିଫଳନ କୋଭିଡ୍-୧୯ ବେଳେ ଦେଖିବାକୁ ମିଳିଛି। କୋଭିଡ୍ ଯୋଗୁଁ ରାଜ୍ୟ ସରକାର ଗତମାର୍ଚ୍ଚ ମାସ ଠାରୁ ସମସ୍ତ ସ୍କୁଲକୁ ବନ୍ଦ କରିଦେଇ ଏହି ବାବଦକୁ ଖର୍ଚ୍ଚ ହେଉଥିବା ଚାଉଳକକୁ ଛାତ୍ରଛାତ୍ରୀମାନଙ୍କୁ ଯୋଗାଇ ଦେବାକୁ ଘୋଷଣା କରିଥିଲେ। ତଦନୁଯାୟୀ ଏପ୍ରିଲ, ମଇ ଏବଂ ଜୁନ୍ ୩ ମାସର ଏମଡିଏମ୍ ଚାଉଳକୁ ଯୋଗାଣ ବିଭାଗ ଜରିଆରେ ବଂଟନ ଆରମ୍ଭ କରାଯାଇଥିଲା। ଏଥିସକାଶେ ଭଦ୍ରକ ଜିଲାରେ ୩ ମାସର ଏମ୍‌ଡିଏମ୍ ଚାଉଳ କୋଟା ବାବଦକୁ ୧୮ ହଜାର ୪ କ୍ୱିଂଟାଲ ଚାଉଳ ରିଲିଜ୍ କରାଯାଇଥିଲା। ଏହି ଚାଉଳକୁ ସ୍କୁଲ ଅଥବା ପରିବହନ ଠିକାଦାରଙ୍କ ପରିବର୍ତେ ଯୋଗାଣ ବିଭାଗ ଜରିଆରେ ବଂଟନ କରିଥିଲେ। ତେବେ ଚାଉଳ ବ ନ ସରିବାର ଇତିମଧରେ ପ୍ରାୟ ୨ ମାସ ବିତିବାକୁ ବସିଥିଲେ ମଧ ଯୋଗାଣ ନିଗମ ହାତରେ ଆହୁରି ପ୍ରାୟ ୨୫୦ କ୍ୱିଂଟାଲ ଚାଉଳ ବଂଟା ହୋଇନପାରି ପଡିରହିଛି। ଯାହାକୁ ନେବାକୁ ନା ଛାତ୍ରଛାତ୍ରୀ ନା ଅଭିଭାବକ କେହିବି ଆସୁନାହାଁନ୍ତି। କୁହାଯାଇଛି ବିଦ୍ୟାଳୟ ଛାତ୍ର ଉପସ୍ଥାନରେ ଜାଲ ଉପସ୍ଥାନ ଯୋଗୁଁ ଏହି ଅବସ୍ଥା ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ବଂଟନ ଯୋଗ୍ୟ ଚାଉଳର କୌଣସି ଦାବିଦାର ନମିଳିଲେ ସରକାରୀ ନିୟମ ଅନୁଯାୟୀ ଏହା ସରକାରୀ ଜମାକୁ ଫେରାଇ ନିଆଯିବାର ବ୍ୟବସ୍ଥା ରହିଛି। ତେବେ ଏଥିନେଇ ଜିଲା ଯୋଗାଣ ଅଧିକାରୀ ମିର୍ ରାଜା ଅଲ୍ଲୀଙ୍କୁ ଯୋଗାଯୋଗ କରାଯାଇଥିବାବେଳେ ସେ କହିଥିଲେ ପ୍ରକୃତ ପକ୍ଷେ ଏହା ଫେକ୍ ଚାଉଳ ବୋଲି କୁହାଯାଇପାରିବ ନାହିଁ। କାରଣ କୋଭିଡ୍ କଟକଣା ଯୋଗୁଁ ଜିଲାରେ ରହି ପାଠ ପଢୁଥିବା ବହୁ ଜିଲା ବାହାର ଛାତ୍ରଛାତ୍ରୀ ସେମାନଙ୍କ ଘରକୁ ପଳାଇ ଯାଇଥିବା ହେତୁ ସେମାନଙ୍କ ଚାଉଳ ବଂଟନ ହୋଇପାରିନାହିଁ। ପରବର୍ତୀ ଅବସ୍ଥାରେ ଯଦି ସରକାର ପୁଣି ୩ ମାସର ଏମ୍‌ଡିଏମ୍ ଚାଉଳ ବଂଟନ କରିବାକୁ କୋଟା ମଂଜୁର କରନ୍ତି, ସେଥିରେ ଏହାକୁ ଭରଣା କରାଯାଇପାରିବ। ଅନ୍ୟଥା ଏହା ଲାପ୍ସ ହୋଇଯିବାର ଯଥେଷ୍ଟ ସମ୍ଭାବନା ରହିଛି। ଭଦ୍ରକ ଜିଲାରେ ଏବେ ପ୍ରାଇମେରୀ ଏବଂ ଅପର ପ୍ରାଇମେରୀ ସ୍ତରରେ ୧ ହଜାର ୮୩୬ ଗୋଟି ବିଦ୍ୟାଳୟ ରହିଥିବାବେଳେ ସେଥିରେ ପାଠ ପଢୁଥିବା ୧ ଲକ୍ଷ ୬୬ ହଜାର ୭ ଶହ ପିଲାଙ୍କୁ ସରକାରଙ୍କ ପକ୍ଷରୁ ଏମ୍‌ଡିଏମ୍ ଯୋଗାଇ ଦିଆଯାଉଛି। ସରକାରୀ ଅଟକଳ ମୁତାବକ ୩ ମାସ ପାଇଁ ପ୍ରାଇମେରୀ ସ୍ତରରେ ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କ ସକାଶେ ମୁଣ୍ଡପିଛା ୯ କେଜି ଏବଂ ଅପର ପ୍ରାଇମେରୀ ସ୍ତରରେ ଛାତ୍ରଛାତ୍ରୀଙ୍କ ସକାଶେ ସରକାର ୧୩ କିଗ୍ରା ୫ ଶହ ଗ୍ରାମ ହିସାବରେ ଜିଲାକୁ ୧୮ ହଜାର ୪ କ୍ୱିଂଟାଲ ଚାଉଳ ମଂଜୁର କରାଯାଇଥିଲା। ଅନ୍ୟପକ୍ଷରେ ବିଦ୍ୟାଳୟ ଗୁଡିକୁ ଏମ୍‌ଡିଏମ୍ ଚାଉଳ ଯୋଗାଇ ଦେବା ସକାଶେ ପ୍ରତିବର୍ଷ ପରିବହନ ଠିକାଦାର ନିଯୁକ୍ତି କରାଯାଉଛି। ସରକାରୀ ଚାଉଳ ପରିବହନ କ୍ଷେତ୍ରରେ ସେହି ଧରଣର ମୁନାଫା ନଥାଇ ମଧ ଟେଣ୍ଡର ପାଇଁ ଠିକାଦାରଙ୍କ ମଧରେ ପ୍ରବଳ ପ୍ରତିଯୋଗିତା ମଧ ହେଉଛି। ମାମଲା କୋର୍ଟ କଚେରୀ ପର୍ଯ୍ୟନ୍ତ ଯାଉଥିବାବେଳେ ଲକ୍ଷ ଲକ୍ଷ ଟଙ୍କାର ଜମାରାଶି ଦେଇ ଠିକାଦାର ନିଯୁକ୍ତି କରାଯାଉଛି। ଚାଉଳ ଯୋଗାଣର ବାଟମାରଣା ରୋକିବା ପାଇଁ ସରକାର ଚାଉଳର ମଧ୍ୟବର୍ତୀକାଳୀନ ମହଜୁଦକୁ ନାକଚ କରି ଦେଇଛନ୍ତି।

# ବିଭାଗୀୟ ସମୀକ୍ଷାରେ ସେଲଟର ହୋମ୍ ଗୁଡ଼ିକର କୋଭିଡ଼ ସଚେତନ ଉପରେ ଗୁରୁତ୍ୱ: ସମସ୍ତ ଅନ୍ତେବାସୀ ସୁରକ୍ଷିତ

ଭୁବନେଶ୍ୱର,୨୫।୬ (ନି.ପ୍ର): ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ଦ୍ୱାରା ପରିଚାଳିତ ସମଗ୍ର ରାଜ୍ୟରେ ଥିବା ସେଲଟର ହୋମ୍ ଗୁଡ଼ିକର (ସ୍ୱଚ୍ଛ ରହଣୀ କେନ୍ଦ୍ର) ଅନ୍ତେବାସୀ ମାନଙ୍କୁ କୋଭିଡ଼-୧୯ ସଂକ୍ରମଣରୁ ସୁରକ୍ଷା ପ୍ରଦାନ ପାଇଁ ବହୁବିଧ ପଦକ୍ଷେପ ନିଆଯାଇଛି । କୋଭିଡ଼-୧୯ ନିୟମାବଳୀର କଡ଼ାକଡ଼ି ଅନୁପାଳନ ସହ ହାତ ଧୋଇବା, ମାସ୍କ ପିନ୍ଧିବା ଏବଂ ସାମାଜିକ ଦୂରତ୍ୱ ରକ୍ଷା କରିବା ଆଦି ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରାଯାଇଛି । କୋଭିଡ଼-୧୯ ସଂକ୍ରମଣକୁ ପ୍ରତିହତ କରିବା ନିମନ୍ତେ ସେଲଟରହୋମ୍ ଗୁଡ଼ିକରେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଜି ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଜୁମ୍ ଅନଲାଇନ ବୈଠକରେ ସମୀକ୍ଷା କରିଛନ୍ତି। ଏହି ସମୀକ୍ଷା ସମୟରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଏବଂ ବିଭିନ୍ନ ସେଲଟର ହୋମର ସଭାପତି ଓ ସମ୍ପାଦକ ଅନ୍‌ଲାଇନରେ ଯୋଗଦେଇଥିଲେ। କୋଭିଡ଼-୧୯ ସଂକ୍ରମଣକୁ ପ୍ରତିହତ କରିବା ନିମନ୍ତେ ସ୍ୱଚ୍ଛତା ଓ ବିଶେଧନକୁ ସୁନିର୍ଶ୍ଚିତ କରିବା ସହ ଅନ୍ତେବାସୀମାନଙ୍କ ନିରାପତା ଓ ସୁରକ୍ଷା ଉପରେ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଗର୍ଗ ଗୁରୁତ୍ୱାରୋପ କରିଥିଲେ । ନିର୍ଦ୍ଦେଶକ, ସମାଜ କଲ୍ୟାଣ ଅରବିନ୍ଦ ଅଗ୍ରୱାଲ ଅଂଶଗ୍ରହଣକାରୀମାନଙ୍କ ସହ ସେଲଟର ହୋମ୍ ଗୁଡ଼ିକର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିବା ସହ ଏହାର ସଠିକ୍ ପରିଚାଳନାକୁ ତଦାରଖ କରିବା ନିମନ୍ତେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ରାଜ୍ୟରେ ସେଲଟର ହୋମ୍ ଅଧିନରେ ୫୫ଟି ସ୍ୱାଧାର ଗୃହ ଏବଂ ୧୨ଟି ଉଜ୍ଜଳା ଗୃହ ରହିଛି । ଏହି ଗୃହ ଗୁଡ଼ିକରେ ପ୍ରାୟ ୨୩୦୦ ଅନ୍ତେବାସୀ ରହୁଛନ୍ତି । ସ୍ୱଧାର ଗୃହ ଗୁଡ଼ିକରେ ପୀଡ଼ିତା ମହିଳା ଏବଂ ଉଜ୍ଜଳା ଗୃହରେ ଚାଲାଣର ଶିକାର ହୋଇଥିବା ମହିଳା ମାନଙ୍କୁ ରଖାଯାଉଛି । ସେଲଟର ହୋମର ଅନ୍ତେବାସୀ ଏବଂ ସେମାନଙ୍କ ପିଲାମାନଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ସବିଶେଷ ତଥ୍ୟ ଦୈନିକ ବିଭାଗ ଦ୍ୱାରା ସଂଗ୍ରହ କରାଯିବା ସହ କୋଭିଡ଼ ପରିସ୍ଥିତିରେ ନିୟମିତ ସମୀକ୍ଷା କରାଯାଉଛି । ବୈଠକରୁ ଜଣାଯାଇଛି ଯେ, ସେଲଟର ହୋମର ସମସ୍ତ ଅନ୍ତେବାସୀ ସୁରକ୍ଷିତ ଅଛନ୍ତି ଏବଂ କୋଭିଡ଼-୧୯ର ସମସ୍ତ ନିୟମକୁ ସୁଚାରୁ ରୂପେ ପାଳନ କରାଯାଉଛି।

# କାଂଶ ଜନସେବା କେନ୍ଦ୍ରରେ ବେଆଇନ ଆଧାର ଉଠାକୁ ନେଇ ବିରୋଧ

ନୀଳଗିରି,୨୫।୬ (ନି.ପ୍ର): ସରକାରୀ ଅନୁଷ୍ଠାନ ବ୍ୟତିକ ଅନ୍ୟ କେଉଁଠି ନୂଆ ଆଧାର ଉଠାଇବା କିମ୍ବା କରେକ୍ସନ ପାଇଁ ଅନୁମତି ନଥିବା ବେଳେ ନୀଳଗିରି ବ୍ଲକ ଅଧିନସ୍ଥ କାଂଶ ବଜାରରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ବେଆଇନ ଭାବେ କାଂଶ ଜନସେବା କେନ୍ଦ୍ରରେ ଉକ୍ତ କାର୍ଯ୍ୟ କରି ଯୁବକ ଜଣକ ମୋଟା ଅଙ୍କରେ ଅର୍ଥ ଲୁଟ କରୁଥିବାରୁ ସାଧାରଣରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ ରେମୁଣା ଅଂଚଳର ଯୁବକ ଦେବାଶିଷ ଓଝା ନୀଳଗିରି ବ୍ଲକ ଅଧିନ କାଂଶ ପଂଚାୟତରେ ଏକ ଜନସେବା କେନ୍ଦ୍ର ରହିଛି। ଶ୍ରୀ ଓଝାଙ୍କୁ ନୀଳଗିରି ବ୍ଲକରେ ଆଧାର ଉଠାଇବାକୁ ଅମୁମୋତି ପାଇଥିବା ବେଳେ ସେ କାଂଶ ଜନସେବା କେନ୍ଦ୍ରରେ ଆଧାର ଉଠାଇବା ସହିତ ଆଧାର କରେକ୍ସନ କରି ସାଧାରଣ ଜନତାଙ୍କୁ ଲୁଟୁଛନ୍ତି ଯାହାକୁ ନେଇ ସ୍ଥାନୀୟ ଅଂଚଳରେ ବିରୋଧ କରାଯାଇଛି। ଏପରିକି ଅନେକ ସମୟରେ ନୀଳଗିରି ବ୍ଲକର ଉପାନ୍ତ ଅଂଚଳରୁ ଲୋକମାନେ ବ୍ଲକ କୁ ଆସି ଆଧାର ଉଠାଇନପାରି କାନ ମୁଣ୍ଡ ଆଉଁସି ଘରକୁ ଫେରୁଥିବା ବେଳେ ଆଉକିଛି ଲୋକ ବାଧ ହୋଇ କାଂଶ ଜନସେବା କେନ୍ଦ୍ରକୁ ଯାଇ ମୋଟା ଅଙ୍କରେ ଅର୍ଥ ଦେଇ ନିଜର ଆଧାର ଉଠାଇବା ସହିତ କରେକ୍ସନ କରୁଛନ୍ତି। ଫଳରେ ସାଧାରଣ ଜନତାଙ୍କୁ ଯୁବକ ଜଣକ ଦିନ ଦ୍ୱିପ୍ରହରରେ ଲୁଟୁଥିବା ବେଳେ ସ୍ଥାନୀୟ ପ୍ରଶାସନ ଓ ରାଜନେତା ଚୁପ ରହିବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଗୋଟେପଟେ କରୋନା ପାଇଁ ସବୁଠି ସାମାଜିକ ଦୂରତା ରକ୍ଷା କରିବାକୁ ସରକାରଙ୍କ ପକ୍ଷରୁ କଡାନିର୍ଦ୍ଦେଶ ଥିବା ବେଳେ ଉକ୍ତ ଜନସେବା କେନ୍ଦ୍ରରେ ଏହାକୁ ମଧ କାର୍ଯ୍ୟକାରୀ କରାଯାଉ ନାହିଁ। ଏଥିପ୍ରତି ଉପଖଣ୍ଡ ପ୍ରଶାସନ ଦୃଷ୍ଟି ଦେଇ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବୀ ହୋଇଛି।

# ବାଲେଶ୍ୱରରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୨୫

ବାଲେଶ୍ୱର,୨୫।୬ (ନି.ପ୍ର): କରୋନା ଯୋଗୁଁ ସରକାରଙ୍କ ପକ୍ଷରୁ ଜାରି ଅନଲକ୍-୧ର ଅବଧି ଶେଷ ହୋଇ ଆସୁଥିବା ବେଳେ ସମ୍ପ୍ରତି ବଢ଼ି ଚାଲିଛି ସଂକ୍ରମିତଙ୍କ ସଂଖ୍ୟା। ରାଜ୍ୟରେ ସଂକ୍ରମିତଙ୍କ ସଂଖ୍ୟା ୬ ହଜାର ଛୁଇଁବାକୁ ଯାଉଥିବା ବେଳେ ବାଲେଶ୍ୱରରେ ମଧ୍ୟ କ୍ରମବର୍ଦ୍ଧମାନ ହାରରେ ବଢ଼ି ବଢ଼ି ଚାଲିଛି। ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ଏବେ ଜିଲ୍ଲା ପାଇଁ ଚିନ୍ତାଜନକ ବିଷୟ ହୋଇଛି। ଆଜି ନୂଆ ଭାବେ ଚିହ୍ନଟ ୨ ପଜିଟିଭ୍‌ଙ୍କୁ ମିଶାଇ ଜିଲ୍ଲାରେ ସକ୍ରମିତଙ୍କ ସଂଖ୍ୟା ୩୨୫ ରେ ପହ ିଛି। ଅଦ୍ୟାବଧି ଜିଲ୍ଲାରେ ଆଜି ୭ ଜଣଙ୍କୁ ମିଶାଇ ଆଜି ସୁଦ୍ଧା୨୨୨ ଜଣ କରୋନା ସଂକ୍ରମିତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଏବେ ୧୦୨ଜଣ ଏକ୍ଟିଭ୍ କରୋନା ସଂକ୍ରମିତଙ୍କୁ କୋଭିଡ ହସପିଟାଲରେ ଚିକିତ୍ସା କରାଯାଉଛି। ଅନ୍ୟପକ୍ଷରେ ୪ଟି ପର୍ଯ୍ୟାୟ ଲକ୍ ଡାଉନ୍ ଓ ସଟ୍ ଡାଉନ୍ ସମୟରେ ସଂକ୍ରମଣ ହାର ଆୟ ଭିତରେ ଥିବା ବେଳେ ଅନଲକ୍-୧ରେ ଏହି ସଂଖ୍ୟା ବୃଦ୍ଧି ପାଇ ଚାଲିଛି। ଆସନ୍ତା ୩୦ ତାରିଖ ପରେ ଯଦି ଅନଲକ୍-୨ ଜାରି ହେବା ସହ ଆଉ କିଛି କଟକଣା ଉଠାଇ ଦିଆଯାଏ, ତାହାଲେ ସଂକ୍ରମଣ ସଂଖ୍ୟା ଆଶାତୀତ ବୃଦ୍ଧି ପାଇବ ବୋଲି ଏବେଠାରୁ ଆଶଙ୍କା ଦେଖାଗଲାଣି। ତେବେ କରୋନା ସଂକ୍ରମଣ ରୋକିବା ପାଇଁ ସମସ୍ତେ ମାସ୍କ ପିନ୍ଧିବା ସହ ସାମାଜିକ ଦୂରତ୍ୱ ରକ୍ଷାକୁ ଗୁରୁତ୍ୱ ଦେବାକୁ ସବୁ ମହଲରୁ ନିବେଦନ କରାଯାଇଛି।

## ହିମାଚଳ ପ୍ରଦେଶ ଜନସମ୍ବାଦ ରାଲିରେ କେନ୍ଦ୍ରମନ୍ତ୍ରୀଙ୍କ ଉଦ୍‌ବୋଧନ

# ମୋଦି ସରକାରଙ୍କ କୃଷି ନୀତି ଦେଶର କୃଷକଙ୍କୁ ସ୍ୱାବଲମ୍ବୀ କରିଛି : ଧର୍ମେନ୍ଦ୍ର

ନୂଆଦିଲ୍ଲୀ/ଭୁବନେଶ୍ୱର,୨୫।୬ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ସରକାରଙ୍କ କୃଷି ନୀତି ଦେଶର କୃଷକଙ୍କୁ ଆତ୍ମନିର୍ଭର ସହ ସ୍ୱାବଲମ୍ବୀ କରିଛି। ମୋଦି ସରକାରଙ୍କ ଦ୍ୱାରା କୃଷି କ୍ଷେତ୍ରରେ ଅଣାଯାଇଥିବା ନୂତନ ସଂସ୍କାର କାରଣରୁ ପ୍ରଥମ ଥର ପାଇଁ କର୍ପୋରେଟ୍ ଫାଇନାନ୍ସ କୃଷି କ୍ଷେତ୍ରରେ ମଧ୍ୟ ଲାଗିବ। ଫଳରେ ଦେଶରେ କୃଷି ଉତ୍ପାଦନ ବଢ଼ିବ ଓ ଚାଷୀ ଉତ୍ପାଦିତ ସାମଗ୍ରୀର ଉପଯୁକ୍ତ ମୂଲ୍ୟ ପାଇପାରିବ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ମୋଦି ସରକାରଙ୍କ ଦ୍ୱିତୀୟ ପାଳିର ପ୍ରଥମ ବର୍ଷ ପୂର୍ତି ଅବସରରେ ବିଜେପି ପକ୍ଷରୁ ଆୟୋଜିତ ହିମାଚଳପ୍ରଦେଶ ଜନସମ୍ବାଦ



ଭର୍ଚୁଆଲ ରାଲିରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ନରେନ୍ଦ୍ର ମୋଦି ସରକାରଙ୍କ ନୂତନ ନିୟମରେ ହିମାଚଳର କୃଷକ ମାନଙ୍କୁ ଅର୍ଥନୈତିକ ସ୍ୱାବଲମ୍ବୀ କରିଛନ୍ତି । ଗରିବ କଲ୍ୟାଣ ଯୋଜନାରେ ତିନିମାସ ପାଇଁ ହିମାଚଳ ପ୍ରଦେଶ ସମେତ ଦେଶର କୃଷକଙ୍କୁ କୃଷକ ସମ୍ମାନ ନିଧିରେ ସିଧାସଳଖ ଟଙ୍କା ଦିଆଯାଇଛି । ମୋଦି ସରକାର କୃଷକଙ୍କ କଲ୍ୟାଣ ପାଇଁ ସର୍ବଦା ଚେଷ୍ଟିତ । ମୋଦି ସରକାରରେ ବିଗତ ୬ ବର୍ଷରେ କୃଷି କ୍ଷେତ୍ରରେ ଅନେକ ସଂସ୍କାର ଅଣାଯାଇଛି । ଦେଶରେ କୃଷି ଆଧାରିତ ବଜାରର ବ୍ୟବସ୍ଥା ତିଆରି କରିବା ପାଇଁ ୧ ଲକ୍ଷ କୋଟି ଟଙ୍କା ବ୍ୟୟବରାଦ ହୋଇଛି। କୋରନା ଭଳି ଘଡିସନ୍ଧି ମୁହୂର୍ତରେ ଚାଷ କର୍ଯ୍ୟକୁ ସ୍ୱୀକୃତି ଦିଆଯାଇଛି । ଆଗାମୀ ଦିନରେ ସମଗ୍ର ଭାରତବର୍ଷର ଚାଷୀଙ୍କ ଆୟକୁ ଦ୍ୱିଗୁଣିତ କରିବା ପାଇଁ ଯୋଜନା କରାଯାଉଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

# ବିଭାଗୀୟ ସ୍ଥାୟୀ କମିଟି - ୮ଙ୍କର ପ୍ରଥମ ବୈଠକ ଅନୁଷ୍ଠିତ

ଭୁବନେଶ୍ୱର, ୨୫ ଜୁନ - ବିଭାଗୀୟ ସ୍ଥାୟୀ କମିଟି -୮ ଙ୍କର ପ୍ରଥମ ବୈଠକ ବିଧାନସଭାର ପ୍ରକୋଷ୍ଠ ୫୪ରେ ଅନୁଷ୍ଠିତ ହୋଇ ଯାଇଛି । ବିଧାୟକ ମୋହନ ଚରଣ ମାଝୀ ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ ।
ବୈଠକରେ କମିଟିର ଭବିଷ୍ୟତ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା । ଏହି ବୈଠକରେ କମିଟିର ସଦସ୍ୟଙ୍କ ସମେତ ବିଧାନସଭାର ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ଉପକୂଳ ଜିଲ୍ଲାଗୁଡ଼ିକରେ ବିଦ୍ୟୁତ ସରବରାହ ବ୍ୟବସ୍ଥାକୁ ପ୍ରାକୃତିକ ବିପର୍ଯ୍ୟୟ ନିରୋଧକ କରିବା ନିମନ୍ତେ କାର୍ଯ୍ୟ ଆରମ୍ଭ

ଭୁବନେଶ୍ୱର,୨୫।୬ (ନି.ପ୍ର): ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀଙ୍କ ଅଧକ୍ଷତାରେ ଆଜି ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ରାଜ୍ୟର ଉପକୂଳ ଜିଲ୍ଲାଗୁଡ଼ିକରେ ବିଦ୍ୟୁତ ସରବରାହ ବ୍ୟବସ୍ଥାକୁ ପ୍ରାକୃତିକ ବିପର୍ଯ୍ୟୟ ନିରୋଧକ କରିବା ନିମନ୍ତେ କାର୍ଯ୍ୟ ଆରମ୍ଭ କରିବାକୁ ନିଷ୍ପତି ନିଆଯାଇଛି । ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ପୁରୀ, କଟକ, ଖୋର୍ଦ୍ଧା, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ୨ଟି ପର୍ଯ୍ୟାୟରେ ଏହି କାର୍ଯ୍ୟ ନିମନ୍ତେ ପ୍ରାୟ ୧୯,୦୦୦ କୋଟି ଟଙ୍କାର ଯୋଜନା ପ୍ରସ୍ତୁତ ହୋଇଛି । ମୁଖ୍ୟ ଶାସନ ସଚିବ ସମ୍ପୃକ୍ତ ବିଭାଗ ଓ ବିତରକ କମ୍ପାନୀ ମାନଙ୍କୁ ଜରୁରୀକାଳୀନ ଭିତିରେ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ କୁମାର ଜେନା, ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଅଶୋକ କୁମାର ମୀନା ଓ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ସୌରଭ ଗର୍ଗ ବୈଠକରେ ଅଂଶ ଗ୍ରହଣ କରିଥିଲେ ।

# ସରକାରୀ ଜମୀର ପୁନରୁଦ୍ଧାର ସହିତ ଭୂମୀହୀନଙ୍କୁ ୪ ଡେସିମିଲ ଜମୀ ଯୋଗାଣ ଦାବୀ

ବାରିପଦା ,୨୫।୬ (ନି.ପ୍ର): ଭୂମୀହୀନଙ୍କୁ ସର୍ବନିମ୍ନ ୪ ଡେସିମିଲ ଘରଡିହ ଜମୀ ଯୋଗାଇ ଦେବା, ବାରିପଦାର ଜରାଳି ସରାଳି ନଦୀ ଉଭୟ ପାର୍ଶ୍ୱର ସରକାରୀ ଜମୀକୁ ବହୁ ପ୍ରତିପତିଶାଳି ବ୍ୟକ୍ତି ଅକ୍ତିଆର କରି ରଖିଥିବାରୁ ଜମୀମାଫିଆଙ୍କ କବଳରୁ ଉକ୍ତ ନଦୀଶର୍ଯ୍ୟା ଜମୀକୁ ଉଦ୍ଧାର କରାଯିବା, ସହରାଂଚଳରେ ଥିବା ବହୁ ମୂଲ୍ୟବାନ ଜମୀର ପୁନରୁଦ୍ଧାର କରାଯିବା ଏବଂ ପଥବିକ୍ରେତା ଜୀବିକା ସୁରକ୍ଷା ଆଇନ ୨୦୧୪ କୁ ବାରିପଦା ପୌରାଂଚଳ ସହିତ କରିଆ, ରାଇରଙ୍ଗପୁର ଏବଂ ଉଦଳା ଏନ.ଏ.ସି.ରେ ଲାଗୁ କରାଯିବା ନିମନ୍ତେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଏବଂ ଏସ.ୟୁ.ସି.ଆଇ. (କ) ମିଳିତ ଆନୁକୁଲ୍ୟରେ ଓଡିଶାର ରାଜସ୍ୱ ସଚିବ, ୫ଟି ସଚିବ ତଥା ଓଡିଶା ସରକାରଙ୍କ ଉଦେଶ୍ୟରେ ମୟୂରଭ ଜିଲ୍ଲାପାଳଙ୍କୁ ଏକ ଦାବୀପତ୍ର ପ୍ରଦାନ କରାଯାଇଥିବାର ଜଣାଯାଇଛି । ଦାବୀପତ୍ର ପ୍ରଦାନ ସମୟରେ ଦୁଇ ଦଳ ପକ୍ଷରୁ ପୂର୍ବତନ ବିଧାୟକ ସମ୍ଭୁନାଥ ନାଏକ, ଜଗବନ୍ଧୁ ମିଶ୍ର, ପିତାମ୍ବର ନାଏକ, ରଥ ସିଂ, ପ୍ରକାଶ ମଢେଇ, ଚୈତନ୍ୟ ପୁର୍ତୀ, ଦୁର୍ଯ୍ୟଧନ ମୁର୍ମୁ, ବାସନ୍ତି ମହାନ୍ତ, ମୋଚିରାମ ମୁର୍ମୁ, ଚିତରନ ବାରିକ, ମାଳତୀ ମାରାଣ୍ଡି, ସ୍ୱପ୍ନା ବିଶ୍ୱାଳ, ସୁନାରାମ ମାରାଣ୍ଡି, ହୃଷିକେଶ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ ।

# କଳ୍ପନା ଛକସ୍ଥିତ ଗ୍ୟାଲେରିଆ ମଲ୍‌କୁ ସୁରକ୍ଷା ଦେବାକୁ ଯାଇ ବିଏମ୍‌ସି କୋଠା ଭାଙ୍ଗିବା ଦୁର୍ଭାଗ୍ୟଜନକ

## ଏହା ବିରୁଦ୍ଧରେ ଜନ ଆନ୍ଦୋଳନ ହେବ – ସୁରେଶ କୁମାର ରାଉତରାୟ

ଭୁବନେଶ୍ୱର ,୨୫।୬ (ନି.ପ୍ର): ରାଜଧାନୀ ଭୁବନେଶ୍ୱର ସ୍ଥିତ କଳ୍ପନା ଛକରେ ଉତ୍କଳ କନିକା ଗ୍ୟାଲେରିଆ ମଲ୍‌କୁ ସୁରକ୍ଷା ଦେବାକୁ ଯାଇ ମ୍ୟୁଜିୟମ୍, ବିଜେବି କଲେଜ ଓ ଭଞ୍ଜ କଳାମଣ୍ଡପର କିଛି ଅଂଶ ଭଙ୍ଗା ହେବା ପାଇଁ ରାଜ୍ୟ ସରକାର ଯେଉଁ ନିଷ୍ପତି ନେଇଛନ୍ତି ତାହାକୁ ଜଟଣୀ ବିଧାୟକ ଶ୍ରୀ ସୁରେଶ କୁମାର ରାଉତରାୟ ଦୃଢ ନିନ୍ଦା କରିବା ସହ ଏହା ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି। ଏପରି କଲେ ଜନ ଆନ୍ଦୋଳନ କରାଯିବ ବୋଲି ଶ୍ରୀ ରାଉତରାୟ ଚେତାବନୀ ଦେଇଛନ୍ତି । ଶ୍ରୀ ରାଉତରାୟ କହିଛନ୍ତି ଯେ ସରକାରଙ୍କର ଏପରି ନିଷ୍ପତିରେ ଉତ୍କଳ କନିକା ଗ୍ୟାଲେରିଆ ମଲ୍ ଏବଂ ସରକାରୀ ବାବୁଙ୍କ ମଧରେ ଅର୍ଥ କାରବାର ହୋଇଥିବା ସନ୍ଦେହ ହେଉଛି । ନହେଲେ ରାଜ୍ୟ ସରକାର ବେସରକାରୀ ମଲ୍‌କୁ ସୁରକ୍ଷା ଦେବାକୁ ଯାଇ ସରକାରୀ ପ୍ରତିଷ୍ଠାନଗୁଡିକୁ ଭାଙ୍ଗିବା ପାଇଁ ନିଷ୍ପତି ନିଅନ୍ତେନି। ଶ୍ରୀ ରାଉତରାୟ କହିଛନ୍ତି ଯେ ସରକାରୀ ଜମି ଉପରେ ବେଆଇନ୍ ଭାବେ ଗ୍ୟାଲେରିଆ ସୌନ୍ଦର୍ଯ୍ୟୀକରଣ କରିଛି। ଏହାକୁ ଭାଙ୍ଗିବା ପାଇଁ ୧୦ ମାସ ହେଲା ସରକାରୀ ସ୍ତରରେ ଆଲୋଚନା ହେଉଥିଲେ ମଧ କେଉଁ କାରଣ ପାଇଁ ଏପର୍ଯ୍ୟନ୍ତ ଉଚ୍ଛେଦ ହୋଇପାରୁନି ତାହା ସରକାରଙ୍କର ସାଧୁତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏବେ ମଲ୍‌ର ସୌନ୍ଦର୍ଯ୍ୟୀକରଣକୁ ବିଶେଷ ପ୍ରଭାବିତ ନକରି ପୂର୍ତ ବିଭାଗ ବିଏମ୍‌ସି କର୍ତୃପକ୍ଷଙ୍କ ସହ ଅନ୍ୟାନ୍ୟ ପ୍ରତିଷ୍ଠାନଗୁଡିକୁ ଭାଙ୍ଗି ରାସ୍ତା ସଂପ୍ରସାରଣ ପାଇଁ ନିଷ୍ପତି ଗ୍ରହଣ କରିଛନ୍ତି। ଶ୍ରୀ ରାଉତରାୟ କହିଛନ୍ତି ଯେ ବିଏମ୍‌ସି କମିଶନର ଜଣେ ଭଲ ଅଫିସର। ତାଙ୍କ ଚାରିପାଖରେ କେତେକ ଦୁର୍ନୀତିଗ୍ରସ୍ତ କର୍ମଚାରୀ ଘେରି ରହିଛନ୍ତି। ବିଏମ୍‌ସି କମିଶନର ବିଏମ୍‌ସିର ମୁଖ୍ୟ ଗେଟ୍, ଶୌଚାଳୟ, ସିକ୍ୟୁରିଟି ରୁମ୍, ଦୁଇମହଲା ବିଶିଷ୍ଟ ଅଭିଯୋଗ ପ୍ରକୋଷ୍ଠ, ଏଟିଏମ୍, ପାର୍କି ଗେଟ୍ ଏବଂ ପାର୍କି ଅଂଚଳର କିଛି ସ୍ଥାନ ଓ ବିଏମ୍‌ସିର ପାଚେରୀ ଭଙ୍ଗାଯିବା ନିଷ୍ପତିକୁ କିପରି ମାନି ନେଉଛନ୍ତି ତାହା ଆଶ୍ଚର୍ଯ୍ୟର ବିଷୟ। ଗ୍ୟାଲେରିଆ ମଲ୍‌ର ପ୍ରବେଶ ଓ ପ୍ରସ୍ଥାନ ପଥରେ ମଲ୍ କରିଥିବା ଜବରଦଖଲକୁ ମାଫ୍ କରିବାକୁ ଯାଇ ବିଏମ୍‌ସିର କୋଠାକୁ ଭଙ୍ଗାଯିବା କେତେଦୂର ସମୀଚୀନ। ଏଥିସହ ରାଜ୍ୟ ସଂଗ୍ରହାଳୟର ମୁଖ୍ୟ ଗେଟ୍, ଟିକେଟ୍ କାଉଂଟର, ଗାଡି ପାର୍କି ଅଂଚଳ, ଅନୁସୂଚିତ ଜାତି ଓ ଜନଜାତି ବିଭାଗର କାର୍ଯ୍ୟାଳୟ, ଅଗ୍ନିଶମ କାର୍ଯ୍ୟାଳୟ, ବିଜେବି କଲେଜ ପାଚେରୀ ପ୍ରଭୃତି ଭଙ୍ଗାଯିବା ନିଷ୍ପତି ଗ୍ରହଣ କରାଯାଇଛି। ସରକାରଙ୍କ ମଲ୍ ପ୍ରୀତି ନିଷ୍ପତିକୁ ବିରୋଧ କରାଯାଇ ଜନ ଆନ୍ଦୋଳନ କରାଯିବ। ଶ୍ରୀ ରାଉତରାୟ କହିଛନ୍ତି ଯଦି ରାସ୍ତା ପ୍ରସାରିତ ହେଉଛି ତେବେ ନିୟମ ଅନୁଯାୟୀ ସମସ୍ତ ପ୍ରତିଷ୍ଠାନକୁ ଭଙ୍ଗାଯାଉ। ମାତ୍ର ଏଥିରେ ପାତରଅନ୍ତର କରାନଯାଉ। ଚା'ଦୋକାନୀ, ଲସି ଦୋକାନୀ, ବହି ଦୋକାନୀ, ସମସ୍ତ ଉଠାଦୋକାନୀ ଏବଂ ବ୍ୟବସାୟ ପ୍ରତିଷ୍ଠାନର କ୍ଷତିପୂରଣ ଦେବା ପରେ ଉଚ୍ଛେଦ କାର୍ଯ୍ୟ କରାଯାଉ ବୋଲି ଶ୍ରୀ ରାଉତରାୟ ଦାବି କରିଛନ୍ତି।

# ଚାକିରି କରାଇ ଦେବା ପ୍ରଲୋଭନ ଦେଖାଇ ମହିଳାଙ୍କୁ ଦୁଷ୍କର୍ମ ଅଭିଯୋଗ

ବାରିପଦା ,୨୫।୬ (ନି.ପ୍ର): ଚାକିରି କରାଇ ଦେବା ପ୍ରଲୋଭନ ଦେଖାଇ ତାଙ୍କୁ ଦୂଷ୍କର୍ମ କରାଯାଇଥିବାର ଗୁରୁତର ଅଭିଯୋଗ ଆଣିଛନ୍ତ ବାରିପଦା ସହର ୧୯ ନମ୍ବର ୱାର୍ଡ ଅଂଚଳର ଜନୈକ ମହିଳା । ପିଡିତାଙ୍କ କହିବା ମୁତାବକ ଉଦଳା ଦୁଗୁଧା ଗ୍ରାମର ଯୁବକ ସତ୍ୟେନ୍ଦୁ ଜେନା ଚାକିରି କରାଇ ଦେବେ ବୋଲି କହି ଯୁବତୀ ଜଣକୁ ପୁରି ନେଇଯାଇଥିଲେ । ସେଠାରେ ଏକ ହୋଟେଲରେ ରଖି ତାଙ୍କ ସହିତ ଦୂଷ୍କର୍ମ କରିଥିଲେ । ସେଠାରେ ଘଟିଥିବା ଅନ୍ତରଙ୍ଗ ମୁହୂର୍ତର ଚିତ୍ର ମଧ୍ୟ ମୋବାଇଲରେ ଉଠାଇଥିଲେ । ପରବର୍ତୀ ମୁହୂର୍ତରେ ଦୁଷ୍କର୍ମ ବିଷୟରେ ବାହାରେ ପ୍ରକାଶ କଲେ ଜୀବନରୁ ମାରିଦେବାର ଧମକ ଦେବା ସହିତ ଭିଡିଓ ଭାଇରାଲ କରିଦେବାର ଧମକ ମଧ୍ୟ ଦେଇ ଆସୁଥିଲେ । ତେବେ ଦୀର୍ଘ ୫ ମାସ ଧରି ଯୁବତୀ ଜଣକ ଧମକ ଚମକ ପାଇବା ଓ ସତ୍ୟେନ୍ଦୁ ଜେନାଙ୍କ ଦ୍ୱାରା ବ୍ଲାକମେଲର ଶୀକାର ହେବା ପରେ ନିରୁପାୟ ହୋଇ ଶେଷରେ ବାରିପଦା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ



ପାଇ ତୁରନ୍ତ ବାରିପଦା ଟାଉନଥାନା ପୋଲିସ ଏକ ଟିମ ଗଠନ କରି ଉଦଳା ଦୁଗୁଧା ଗ୍ରାମକୁ ଯାଇ ଅଭିଯୁକ୍ତ ସତତ୍ୟେନ୍ଦୁ ଜେନାଙ୍କୁ ଗିରଫ କରିବା ସହିତ କେସ ନଂ ୪୦୧/୨୦ ଭାରତୀୟ ପିଙ୍ଗଳକୋର୍ଡ ଧାରା ୩୭୬(୨) (ଏନ)ଏବଂ ୫୦୬ ଦଫାରେ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଥିବାର ଜଣାଯାଇଛି ।

# ନାବାଳିକାକୁ ପ୍ରେମ ଜାଲରେ ଫସାଇ ବାହା ହେଲା ଯୁବକ

## ଥାନାରେ ଅଭିଯୋଗ ପରେ ଛାଡିଗଲା ପ୍ରେମ ନିଶା

ନୀଳଗିରି,୨୫।୬ (ନି.ପ୍ର): ସ୍ତ୍ରୀ ଥାଉ ଥାଉ ପୁଣି ନାବାଳିକ ସହ ପ୍ରେମ ସମ୍ପର୍କ ରଖିଥିଲେ ଯୁବକ। ଖାଲି ସେତିକି ନୁହେଁ ସମ୍ପୃକ୍ତ ଯୁବକ ଉକ୍ତ ନାବାଳିକାକୁ ପ୍ରେମ ଜାଲରେ ଫସାଇ ତାଙ୍କୁ ବିବାହ ମଧ କରିଥିଲେ। ତାଙ୍କର ଗୋଟିଏ ଶିଶୁ କନ୍ୟା ଜନ୍ମ ହେବା ପରେ ସ୍ତ୍ରୀଙ୍କ ଉପରେ ସ୍ୱାମୀ ଆରମ୍ଭ କରିଦେଇଥିଲା ନିର୍ଯ୍ୟାତନା ଏହି ଅଭିଯୋଗ ଧକାବାଜ ସ୍ୱାମୀଙ୍କୁ ପୋଲିସ ଗିରଫ କରିଛି। ସୂଚନା ଅନୁଯାୟୀ ବାଲେଶ୍ୱର ଜିଲ୍ଲା ଚାନ୍ଦିପୁର ଥାନା ଅଧିନ ରଣସାହି ଗ୍ରାମର ଗଜେନ୍ଦ୍ର ବେହେରାଙ୍କ ପୁଅ ଦିନବନ୍ଧୁ ପୂର୍ବରୁ ଜଣକୁ ବିବାହ କରିଥିଲେ। ରେମୁଣା ଥାନା ଅଧିନ ଦଳଗୁହିରା ଅଂଚଳର ଜନୈକ ପରିବାର ବାଲେଶ୍ୱର ଭଡା ଘରେ ରହୁଥିଲେ। ୨୦୧୮ ମସିହାରେ ଦିନବନ୍ଧୁ ଜନୈକ ପରିବାରର ୧୪ ବର୍ଷିଆ ନାବାଳିକାକୁ ପ୍ରେମ ଜାଲରେ ଫସାଇ ସେହି ବର୍ଷ ଜୁନ ମାସ ୨୧ ତାରିଖରେ ବିବାହ କରିଥିଲେ ନାବାଳିକା ଜଣକୁ ଆଣି ମିତ୍ରପୁର ଅଂଚଳରେ ଭଡା ଘର ନେଇ ରହିଥିଲେ। ୨୦୧୯ ମସିହା ଏପ୍ରିଲ ୧୪ ତାରିଖ ତାଙ୍କ ଔରସରୁ ଏକ ଶୁଶୁ କନ୍ୟା ଜନ୍ମ ଦେଇଥିବାରୁ ଆରମ୍ଭ ହୋଇଥିବା ନିର୍ଯ୍ୟାତନା । ବିଶେଷ ସୂତ୍ରରୁ ଝିଅ ଘର ଲୋକ ଖବର ପାଇବା ପରେ ନାବାଳିକାର କକା ନୀଳଗିରି ଥାନାରେ ଲିଖିତ ଅଭିଯୋ କରିଥିଲେ। ଏନେଇ ୨୦୭/୨୦ ମାମଲା ରୁଜୁ କରାଯାଇ ଆଇଆଇସି ମିନତୀ ବିଶ୍ୱାଳ ତଦନ୍ତ ଭାର ଏସ ଆଇ ସସ୍ମିତା ମଲ୍ଲିକଙ୍କୁ ଦେବା ପରେ ସେ ମିତ୍ରପୁର ଅଂଚଳରୁ ନାବାଳିକା ମା ଶିଶୁକନ୍ୟାକୁ ଉଦ୍ଧାର କରିବା ସହ ଅଭିଯୁକ୍ତ ସ୍ୱାମୀକୁ ଗିରଫ କରିଛି। ଗିରଫ ସ୍ୱାମୀର ପ୍ରଥମ ସ୍ତ୍ରୀ ୧୦ ବର୍ଷ ପୂର୍ବରୁ ପଳାଇ ଯାଇଥିବା ବେଳେ ଘରେ ମଧ ଆଉ ଜଣେ ମହିଳାଙ୍କୁ ସ୍ତ୍ରୀ ଭାବେ ରଖିଥିବା ପୋଲିସ ସୂଚନା ପାଇଛି। ଅଭିଯୁକ୍ତ ସ୍ୱାମୀକୁ ଆଜି କୋର୍ଟ ଚାଲଣ କରାଯାଇଛି।

# ରାସ୍ତା କାର୍ଯ୍ୟକୁ ନେଇ ପୋଲିସ ଓ ୨ ଯୁବକ ମହାଁମୁହିଁ : ୨ ଯୁବକ ଗିରଫ

ନୀଳଗିର,୨୫।୬ (ନି.ପ୍ର): ଗାଁ ରାସ୍ତାର ପିଚୁ କାମକୁ ନେଇ ୨ ଯୁବକ ଓ ପୋଲିସ ମଧରେ କଥା କଟାକଟି , ପରେ ଯୁବକ ଦ୍ୱୟଙ୍କ ଧମକ ଘଟଣାରେ ପୋଲିସ ଉକ୍ତ ଯୁବକ ଦ୍ୱୟଙ୍କୁ ଗିରଫ କରି କୋର୍ଟ ଚାଲଣ କରିଛି। ସୂଚନା ଅନୁଯାୟୀ ନୀଳଗିରି ବ୍ଲକ ଅଧିନସ୍ଥ ଆରବନ୍ଧ ପଂଚାୟତ ଉପରଡିହାରୁ ବରହମପୁର ରାସ୍ତାର ପିଚୁକାମ ଚାଲିଥିବା ବେଳେ ଉକ୍ତ ଗ୍ରାମର ଗୋବର୍ଦ୍ଧନ ପାତ୍ରଙ୍କ ୨ ପୁଅ ଅନିରୁଦ୍ଧ ପାତ୍ର ଏବଂ ଗୌତମ ପାତ୍ର ପିଚୁ କାମକୁ ବନ୍ଦ କରିବା ସହିତ କାମ କରୁଥିବା ଠିକାଦାରଙ୍କୁ ଅଶ୍ଳିଳ ଭାଷାରେ ଗାଳିଗୁଲଜ କରିଥିଲେ। ଗ୍ରାମବାସୀ ଏଥିରେ ତାଙ୍କୁ ବିରୋଧ କରିବାରୁ ସେମାନଙ୍କୁ ମଧ ଧମକ ଚମକ ଦେବା ସହିତ ଗାଳି ଗୁଲଜ କରିବାକୁ ପଛାଇନଥିଲେ। ଉକ୍ତ



ଅଂଚଳର ଜନୈକ ମହିଳା ଫୁଲ ହେମ୍ବ୍ରମ ଏବିଷୟରେ ଥାନାକୁ ଜଣାଇବା ପରେ ଘଟଣାସ୍ଥଳରେ ପୋଲିସ ପହଂଚି ଯୁବକ ଦ୍ୱୟଙ୍କୁ ବୁଝାସୁଝା କରିଥିଲେ। ମାତ୍ର ଯୁବକ ଦ୍ୱୟ ମଦ୍ୟପାନ କରି ପୋଲିସ କିଏ ଏକଥାରେ ମଥା ଖେଳେଇବ , ଆମେ ପୋଲିସକୁ ଚିହ୍ନିନୁ , ପୋଲିସ ଆମର କିଛି କିରପାରିବ ନାହିଁ ବୋଲି କହିଥିଲେ। ପରେ ବରହମପୁର ଆଇଆଇସି ପ୍ରଭଞ୍ଜନ ବେହେରା ଘଟଣାସ୍ଥଳରେ ପହଂଚିଲା ପରେ ଉଭୟଙ୍କ ମଧରେ କଥା କଟାକଟି ସହିତ ଜୋରଦାର ବଚସା ହୋଇଥିଲା। ଉକ୍ତ ଘଟଣାରେ ବରହମପୁର ପୋଲିସ ୮୬/୨୦ ଏକ ମାମଲା ରୁଜୁ କରି ଯୁବକ ଦ୍ୱୟଙ୍କୁ କୋର୍ଟ ଚାଲଣ କରିଛି।

# ଭୁବନେଶ୍ୱରରୁ ୩୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୨୫।୬ (ନି.ପ୍ର): ଭୁବନେଶ୍ୱରରୁ ଗୁରୁବାର ଦିନ ୩୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇ ଥିବା ବେଳେ ଏମାନଙ୍କ ମଧ୍ୟରୁ ୨୫ଜଣ ହୋମ୍ କ୍ୱାରେଂଟାଇନ୍‌ରେ ଥିବା ବେଳେ ୧୩ ଟି ସ୍ଥାନୀୟ ମାମଲା ରହିଥିବା ନେଇ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି ।
ସେହିପରି ଚିହ୍ନଟ ହୋଇଥିବା ୧୩ଟି ସ୍ଥାନୀୟ ମାମଲା ମଧ୍ୟରୁ ୪ଟି ମାମଲା ସିରିପୁର ଲକ୍ଷ୍ମୀବଜାର ବସ୍ତି ଅଂଚଳର ବୋଲି ଜଣାପଡ଼ିଛି। ଏହି ୪ଜଣ ନିକଟରେ ମୁମ୍ବାଇରୁ ଫେରିଥିଲେ। ଚକେଇସିଆଣି ହାଡାବାଇବସ୍ତିରୁ ଜଣେ, ୪ଜଣ ଘରୋଇ ହସ୍‌ପିଟାଲ୍‌ର ମହିଳା କର୍ମଚାରୀ, ଜଣେ ସରକାରୀ ହସ୍‌ପିଟାଲ୍‌ର ମହିଳା କର୍ମଚାରୀ, ଜଣେ ମଂଚେଶ୍ୱର ୟୁ.ପି ସ୍କୁଲ ଅଂଚଳରୁ ଓ ଜଣେ ଭିଏସ୍‌ନଗର ହନୁମାନ ମନ୍ଦିର ଅଂଚଳରୁ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ହୋମ କ୍ୱାରେଂଟାଇନରେ ରହି ଚିହ୍ନଟ ହୋଇଥିବା ୨୫ଜଣଙ୍କ ମଧ୍ୟରୁ ୫ଜଣ ଜୟଦେବ ବିହାର ନିକଟସ୍ଥ ମେଫେୟାର ଅଂଚଳରୁ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ଜଣେ ୭୪ ବର୍ଷୀୟ ପୁରୁଷ ରହିଥିବା ବେଳେ ୩୬ ଓ ୭୩ବର୍ଷର ଦୁଇଜଣ ମହିଳା ଓ ଏକ ବର୍ଷର ଦୁଇଟି ଶିଶୁ ରହିଛନ୍ତି। ଏମାନେ ସମସ୍ତେ କିଛିଦିନ ତଳେ ମୁମ୍ବାଇରୁ ଫେରିଥିଲେ ବୋଲି ସୂଚନା ଦିଆ ଯାଇଛି । ସେହିପରି ମଂଚେଶ୍ୱର ଅଂଚଳସ୍ଥ ପ୍ରତିଦିନ କାର୍ଯ୍ୟାଳୟ ନିକଟରରୁ ଚିହ୍ନଟ ହୋଇଥିବା ୧୧ଜଣ ନିକଟରେ ଉତରପ୍ରଦେଶରୁ ଫେରିଥିବା ବେଳେ ଉକ୍ତ ଅଂଚଳରୁ ଚିହ୍ନଟ ହୋଇଥିବା ୪ଜଣ ପଶ୍ଚିମବଙ୍ଗରୁ ଓ ଜଣେ କରୋନା ଆକ୍ରାନ୍ତ ସଂସ୍ପର୍ଶରେ ଆସି ଆକ୍ରାନ୍ତ ହୋଇଛନ୍ତି। ଏଥିସହିତ ପଶ୍ଚିମବଙ୍ଗରୁ ଫେରି ସଙ୍ଗରୋଧରେ ଥିବା ଜଣେ ୪୪ବର୍ଷୀୟ ପୁରୁଷ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ସେହିପରି ମୁମ୍ବାଇରୁ ଫେରି ୟୁନିଟ-୮ରେ ସଙ୍ଗରୋଧରେ ଥିବା ଜଣେ ପୁରୁଷ ଓ ଜଣେ ମହିଳାଙ୍କର ମଧ କରୋନା ରିପୋର୍ଟ ପଜିଟିଭ ଆସିଛି। ୟୁନିଟ-୬ ରାଧାକ୍ରିଷ୍ଣ ମନ୍ଦିର ନିକଟରୁ ପଜିଟିଭ ଚିହ୍ନଟ ହୋଇଥିବା ବ୍ୟକ୍ତି ନିକଟରେ ବେଙ୍ଗାଲୁରୁରୁ ଫେରିଥିଲେ।

# ବିଭାଗୀୟ ସ୍ଥାୟୀ କମିଟି -୭ଙ୍କର ପ୍ରଥମ ବୈଠକ ଅନୁଷ୍ଠିତ

ଭୁବନେଶ୍ୱର,୨୫।୬ (ନି.ପ୍ର): ବିଭାଗୀୟ ସ୍ଥାୟୀ କମିଟି -୭ଙ୍କର ପ୍ରଥମ ବୈଠକ ବିଧାନସଭାର ପ୍ରକୋଷ୍ଠ ୫୩ରେ ଅନୁଷ୍ଠିତ ହୋଇ ଯାଇଛି । ବିଧାୟକ ପ୍ରଦୀପ କୁମାର ଅମାତ ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ ।
ବୈଠକରେ କମିଟିର ଭବିଷ୍ୟତ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା । ଏହି ବୈଠକରେ କମିଟିର ସଦସ୍ୟ ବିଧାନସଭା ସଚିବ ଦାଶରଥୀ ସତପଥୀଙ୍କ ସମେତ ବିଧାନସଭାର ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078
❒ Managing & Executive Editor : Srustidhar Parida
❒ Editor: Sairindhree Sahoo